R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୫
ତିଥି: ପ୍ରତିପଦ
୧୨ ଜୁନ୍ ୨୦୨୫, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 245
12 June 2025, Thurs day
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର

- କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
- ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ
- ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ

- ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ
- ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ

- ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା
- ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା
- ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା
- ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ

- ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ
- ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ

- ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା
- ୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ
- ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ

- ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ
- ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା
- ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ

- ଅଦ୍ୟାବଧି ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ
- ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି
- ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ

- ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି
- କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି
- ଖୋର୍ଦ୍ଧାରେ ୫,୬୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

DADLS-29
OIPR: 15001/13/0683/2526

# ପିଲାଙ୍କୁ ଶିଖାନ୍ତୁ ବଗିଚା କାମ

**ପିଲାଙ୍କୁ ଜୀବନରେ ଆଗକୁ ବଢିବା ପାଇଁ ସେମାନଙ୍କୁ ଅନେକ ଶିକ୍ଷା ଦେବାକୁ ହୋଇଥାଏ । ତେବେ ପିଲାଙ୍କ ଭିତରେ ବିଭିନ୍ନ ଭଲ ଗୁଣକୁ ବିକଶିତ କରିବା ପାଇଁ ସେମାନଙ୍କୁ ବଗିଚାରେ କାମ କରିବା ଶିଖାଇବା ଏକ ଭଲ ଉପାୟ । ଏହା ଫଳରେ ସେମାନେ ଜୀବନର କିଛି ମୂଲ୍ୟବୋଧ ସମ୍ପର୍କରେ ଶିଖି ପାରିବେ । ଆସନ୍ତୁ ପଢିବା ସେହିଭଳି କିଛି କଥା ବିଷୟରେ ଯାହା ଜଣେ ଶିଶୁ ବଗିଚା କାମରୁ ଶିଖିପାରିବେ ।**



**ନିଜର ମୂଳକୁ ଭୁଲନ୍ତୁ ନାହିଁ–** ବଗିଚା କାମ କରିବା ସମୟରେ ପିଲାକୁ ମାଟି ସହିତ କାର୍ଯ୍ୟ କରିବାକୁ ପଡିବ, ଯାହା ତାଙ୍କୁ ନିଜ ପିଲାଦିନ ସହିତ ଜଡିତ କରି ରଖିବ । ଏହା ଫଳରେ ତା ଭିତରେ ନମ୍ରତା ବଢିବ । ସେହିଭଳି ନିଜେ ଗୋଟିଏ ମଞ୍ଜି ବୁଣି ତାହାକୁ ଗଛ କରାଇବାରେ ଯେଉଁ କଷ୍ଟ ରହିଥାଏ ତାହା ତାଙ୍କୁ ସହଶୀଳତା ଓ ପରିଶ୍ରମୀ କରିବ ।

**ନିଜ ପସନ୍ଦର ଗଛ–** ସବୁବେଳେ ପିଲାକୁ ନିଜ ପସନ୍ଦ ହିସାବରେ ଗଛ ଲଗାଇବାକୁ ଦିଅନ୍ତୁ । ଏହାକୁ କିଭଳି ସେ ଋତୁ ଓ ସ୍ଥାନ ଅନୁସାରେ ଚୟନ କରିବ ସେନେଇ ଧ୍ୟାନ ରଖନ୍ତୁ । ଏପରି କରିବା ଫଳରେ ତା ଭିତରେ ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି ପାଇବ । ସେ ନିଜ ଚାରିପାଖରେ ଘଟୁଥିବା ସମସ୍ତ ଘଟଣାବଳୀକୁ ଧ୍ୟାନରେ ରଖି କିଭଳି ସଠିକ୍ ନିଷ୍ପତ୍ତି ନେଇ ହେବ ସେନେଇ ସେ ଚେଷ୍ଟିତ ରହିବ ।

**ସବୁବେଳେ ଯତ୍ନ ନେବାକୁ ହେବ–** ଗଛ ଗୁଡିକର ସବୁଦିନ କିଭଳି ଯତ୍ନ ନିଆଯିବ ସେନେଇ ତାକୁ ଶିକ୍ଷା ଦିଅନ୍ତୁ । ଏହାର ଖୁବ ସକାରାତ୍ମକ ପ୍ରଭାବ ତା ଜୀବନ ଉପରେ ପଡିବ । ନିଜ ଜୀବନରେ ମଧ୍ୟ କିଭଳି ସମସ୍ତ ଘଟଣାର ଯତ୍ନ ନେବାକୁ ହେବ ସେନେଇ ସେ ଜାଣିବ । ଜୀବନରେ ସେ ନେଇଥିବା ସମସ୍ତ ନିଷ୍ପତ୍ତିର ସେ ନିଜେ ଯତ୍ନ ନେବା ଶିଖିବ । ତାର ଜୀବନରେ ଥିବା ସମସ୍ତ ସମ୍ପର୍କର ଧ୍ୟାନ ମଧ୍ୟ ସେ ନିଜେ ରଖିବା ଶିଖିବ ।

**ଗଛର ଫଳ ଫୁଲ ପୁରସ୍କାର ହୋଇଥାଏ–** ଯେତେବେଳେ ସେ ବଢାଇଥିବା ଗଛରେ ଫଳ ଫୁଲ ଫୁଟିଥାଏ ତେବେ ତାକୁ ଏହା ତାର ପୁରସ୍କାର ବୋଲି ଶିକ୍ଷା ଦିଅନ୍ତୁ । ଏପରି କରିବା ଦ୍ୱାରା ତାର ପରିଶ୍ରମ ଉପରେ ବିଶ୍ୱାସ ବଢିବ । ଜୀବନରେ ପରିଶ୍ରମ କରିବା ଫଳରେ ସୁଫଳ ପ୍ରାପ୍ତ ହେବ ବୋଲି ତାର ବିଶ୍ୱାସ ଜନ୍ମିବ ।

## ସୋସିଆଲ କୋଟ୍ସ



“କାର୍ତ୍ତିକ ଓ ମୋ ଭିତରେ ମତାନ୍ତର ଥିଲା । ହେଲେ ଗୋଟିଏ ପରିବାରରେ ଏଭଳି ବିବାଦ ହୋଇଥାଏ । ବର୍ତ୍ତମାନ ସବୁ ଠିକ୍ ଅଛି ।

**କରଣ ଜୋହର, ଫିଲ୍ମ ମେକର**



“ଆମେ ଜୀବନ ସାରାର ସଞ୍ଚୟ ହରେଇଛୁ । ଯାହା ଆମକୁ ଖୁବ ବ୍ୟଥିତ କରିଛି । ଏଭଳି ହେବ ବୋଲି କେବେ କଳ୍ପନା କରିନଥିଲୁ । ଘଟଣାଟି ଖୁବ ଭୟଙ୍କର ଥିଲା ।

**ପୂଜା ବାନାର୍ଜୀ, ଅଭିନେତ୍ରୀ**



“ମୁଁ ଶାହରୁଖଙ୍କୁ ଖୁବ ଭଲ ପାଉଥିଲି । ହେଲେ ତାଙ୍କ ସହିତ ପ୍ରଥମ ଦେଖା କିଛି ଭଲ ନଥିଲା । ତାଙ୍କ କଥା ମୋତେ ବ୍ୟଥିତ କରିଥିଲା । ସେ ମୋତେ ପ୍ରଥମରୁ ହିଁ ଜଜ୍ କରିଥିଲେ ।

**ଦୀପଶିଖା ନାଗପାଲ, ଅଭିନେତ୍ରୀ**

# ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ


୨୦୦୨ରୁ ପ୍ରତିବର୍ଷ ଜୁନ୍ ୧୨ତାରିଖରେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି । ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନା ଉପରେ ପ୍ରତିବନ୍ଧକ ଲାଗୁ କରିବା ତଥା ଏ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନ (ଆଇଏଲ୍ଓ) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା । ଶିଶୁ ଶ୍ରମିକଙ୍କର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଦେବା ତଥା ଏହାକୁ ବିଲୋପ କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ । ବିଭିନ୍ନ ଉଦ୍ୟୋଗରେ ଶିଶୁମାନଙ୍କୁ କାମ କରିବା ଲାଗି ବାଧ୍ୟ କରାଯାଉଛି । ଏ ଦିଗରେ ହେଉଥିବା ଅନେକ ମାନସିକ ତଥା ଶାରୀରିକ ସମସ୍ୟା ପ୍ରତି ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି । ସେହିପରି ଭାରତରେ ଶିଶୁ ଶ୍ରମିକଙ୍କ ସମସ୍ୟା ଦଶକରୁ ପ୍ରଚଳିତ । ଭାରତ ସରକାର ଶିଶୁ ଶ୍ରମିକଙ୍କ ସମସ୍ୟାକୁ ସମାପ୍ତ କରିବା ଲାଗି ଏହି ଦିବସକୁ ଲାଗୁ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା ୨୩ ଅନ୍ତର୍ଗତ ବିପଦପୂର୍ଣ୍ଣ ଉଦ୍ୟୋଗରେ ଶିଶୁମାନଙ୍କର ଶ୍ରମ ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି ।



## ଇତିହାସ

୧୩୮୧– ଇଂଲଣ୍ଡରେ ଚାଷୀମାନେ ବିଦ୍ରୋହ କରିଥିଲେ ।
୧୯୬୪– ଦକ୍ଷିଣ ଆଫ୍ରିକାରେ କଳାଗୋରା ଭେଦଭାବ ବିପକ୍ଷରେ ଆନ୍ଦୋଳନ କରୁଥିବା ନେତା ନେଲସନ୍ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ ।
୧୯୭୫– ଆଲାହାବାଦ ଉଚ୍ଚତମ ନ୍ୟାୟାଳୟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭ୍ରଷ୍ଟାଚାର ମାମଲାରେ ଦୋଷୀ ମାନ୍ୟ ଦିଆଗଲା ।
୧୯୯୮– ଭାରତ ଏବଂ ପାକିସ୍ତାନକୁ ପରମାଣୁ ପରୀକ୍ଷଣ କାରଣରୁ ଜି–୮ ଦେଶଗୁଡିକ ଦ୍ୱାରା ଋଣ ଦିଆଯିବ ନାହିଁ ବୋଲି ନିର୍ଣ୍ଣୟ ନିଆଗଲା ।
୨୦୦୨– ବିଶ୍ୱ ଶିଶୁ ଶ୍ରମିକ ନିଷେଧ ଦିବସର ଆରମ୍ଭ ।
୨୦୦୭– କାନାଡାରେ ଅନୁଷ୍ଠିତ ଜୀବ ବିଜ୍ଞାନ ଅଲିମ୍ପିଆଡ୍ରେ ୪ ଜଣ ଭାରତୀୟଙ୍କୁ ଚୟନ କରାଗଲା ।
୨୦୦୮– ପ୍ରଖ୍ୟାତ୍ ଫିଲ୍ମ ନିର୍ଦ୍ଦେଶକ ମୃଣାଳ ସେନ୍ଙ୍କୁ ଦଶମ ଓସିଆନ୍ସ ସିନେଫ୍ୟାନ ଫିଲ୍ମ ଫେଷ୍ଟିଭାଲ୍ରେ ପୁରସ୍କୃତ କରାଗଲା ।
୨୦୧୬– ସାଇନା ନେହୱାଲ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆ ଓପନ୍ର ବିଜୟୀ ହେଲେ ।
୨୦୧୭– ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତେଲୁଗୁ ଭାଷାର ପ୍ରଖ୍ୟାତ୍ କବି ସି ନାରାୟଣ ରେଡ୍ଡିଙ୍କ ପରଲୋକ ।

# ଆଣ୍ଟାର୍କଟିକାରେ କମୁଛି ପେଙ୍ଗୁଇନ୍ ସଂଖ୍ୟା



ବିଶ୍ୱତାପମାନ ବା ଗ୍ଲୋବାଲୱାର୍ମିଂର ପ୍ରଭାବ ଜୀବଜଗତ ଉପରେ ଖୁବ ଅଧିକ ପଡିଥାଏ । ସେହିଭଳି ଏକ ପ୍ରଭାବ ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି । ସୂଚନା ଅନୁସାରେ ଆଣ୍ଟାର୍କଟିକାରେ ଥିବା ଏମ୍ପରର ପେଙ୍ଗୁଇନ୍ଙ୍କ ସଂଖ୍ୟା ଧୀରେଧୀରେ କମିବାରେ ଲାଗିଛି । ଏହାର ମୁଖ୍ୟ କାରଣ ଭାବେ ବିଶ୍ୱତାପମାନକୁ ଦାୟୀ କରାଯାଇଛି । ତେବେ ଏହି ସଂଖ୍ୟା ଆଗ ଅପେକ୍ଷା ବର୍ତ୍ତମାନ ଖୁବ ଅଧିକ ବେଗରେ ବଢିବାରେ ଲାଗିଛି । ଏହି ପେଙ୍ଗୁଇନ୍ଙ୍କ ସଂଖ୍ୟାକୁ ମହାକାଶରୁ ଅନୁଧାନ କରାଯାଇଥାଏ । ବର୍ତ୍ତମାନ ମିଳିଥିବା ତଥ୍ୟ ଅନୁସାରେ ଏମାନଙ୍କ ସଂଖ୍ୟା ପାଖାପାଖି ୫୦ ପ୍ରତିଶତ କମିଯାଇଛି, ଯାହା ବର୍ତ୍ତମାନ ବିଶ୍ୱବାସୀଙ୍କ ପାଇଁ ଏକ ସତର୍କର ଘଣ୍ଟି ପାଲଟିଛି । ବିଶ୍ୱତାପମାନର ପ୍ରଭାବ ବେଶି ପେଙ୍ଗୁଇନ୍ମାନଙ୍କର ବଂଶ ବୃଦ୍ଧି ଉପରେ ଦେଖିବାକୁ ମିଳୁଛି । ଏହି କାରଣରୁ ସେମାନଙ୍କର ଛୁଆମାନେ ମରିଯାଉଥିବା ଏହି ନୂତ ସର୍ଭେର ଜଣା ପଡିଛି । ତେଣୁ ବର୍ତ୍ତମାନ ସମଗ୍ର ବିଶ୍ୱକୁ ବିଶ୍ୱତାପମାନ ଓ ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ କିଛି ବଳିଷ୍ଠ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ନହେଲେ ଏହାର ପରିଣାମ ଖରାପ ହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ପୁପ୍ ପିଲ୍



ବିଶ୍ୱରେ ବୈଜ୍ଞାନିକମାନେ ଅନେକ ସମୟରେ ଏଭଳି ଉଦ୍ଭାବନ କରିଥାଆନ୍ତି ଯାହା ସାଧାରଣ ଲୋକ ବିଶ୍ୱାସ କରିପାରନ୍ତି ନାହିଁ । ତେବେ ବର୍ତ୍ତମାନ ଏକ ଔଷଧ ଖୁବ ଭାଇରାଲ ହେବାରେ ଲାଗିଛି, ଯାହାର ନାଁ ରହିଛି ପୁପ୍ ପିଲ୍ । ବ୍ରିଟିଶ ବୈଜ୍ଞାନିକମାନେ ଏହି ଔଷଧକୁ ମଣିଷଙ୍କ ମଳରୁ ପ୍ରସ୍ତୁତ କରିଛନ୍ତି । ଏହାକୁ ସେମାନେ କ୍ୟାପସୁଲ୍ ଫର୍ମରେ ପ୍ରସ୍ତୁତ କରିଛନ୍ତି, ଯାହାକୁ କ୍ୟାନ୍ସର ଚିକିତ୍ସାରେ ବ୍ୟବହାର କରାଯିବ ବୋଲି ସୂଚନା ରହିଛି । ଯାହାକୁ ନେଇ ସେମାନେ ଗବେଷଣା ଓ ପରୀକ୍ଷଣ ଜାରି ରଖିଛନ୍ତି । ଏହା କ୍ୟାନ୍ସର ଚିକିତ୍ସା ଏକ ବିପ୍ଳବ ଆଣିବ ବୋଲି ପୁପ୍ ପିଲ୍ର ପ୍ରସ୍ତୁତକାରୀ ବୈଜ୍ଞାନିକ ମତ ଦେଉଛନ୍ତି । କେବଳ କ୍ୟାନସର ନୁହେଁ ଏହାକୁ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇ ପାରିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି ।

# ମାଲଦୀପ ପର୍ଯ୍ୟଟନ ବ୍ରାଣ୍ଡଆମ୍ବାସଡର



ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କେଫ୍ ବର୍ତ୍ତମାନ ନିଜର ନୂଆ ଆସାଇନ୍ମେଣ୍ଟକୁ ନେଇ ଖୁବ ଚର୍ଚ୍ଚାରେ ରହିଛନ୍ତି । ସୂଚନା ଅନୁସାରେ କ୍ୟାଟ୍ରିନାଙ୍କୁ ମାଲଦୀପର ଗ୍ଲୋବାଲ ଟୁରିଜିମ୍ ଆମ୍ବାସଡର ନିଯୁକ୍ତ କରାଯାଇଛି । ଏନେଇ ସୋସିଆଲ ମିଡିଆରେ ଘୋଷଣା କରାଯାଇଛି । ଭାରତର ବ୍ରାଣ୍ଡ ଆମ୍ବାସଡର ତାଲିକାରେ କ୍ୟାଟ୍ରିନାଙ୍କ ନାଁ ସବୁଠାରୁ ଆଗରେ ରହିଛି । କ୍ୟାଟ୍ରିନା ମଧ୍ୟ ନିଜର ନୂଆ ପ୍ରୋଜେକ୍ଟକୁ ନେଇ ଖୁବ ଖୁସି ଅଛନ୍ତି । ଏନେଇ ସେ ସୋସିଆଲ ମିଡିଆରେ ନିଜର ମନ୍ତବ୍ୟ ପ୍ରକାଶ କରିଛନ୍ତି ଯାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ମାଲଦୀପ ଲକ୍ସୁରୀ ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟର ଭଣ୍ଡାର । ଏହାର ଗ୍ଲୋବାଲ ଫେସ୍ ହେବାଫଳରେ ମୋତେ ଖୁବ ଖୁସି ଲାଗୁଛିବୋଲି କ୍ୟାଟ୍ରିନା ପ୍ରକାଶ କରିଛନ୍ତି । ତେବେ କିଛି ଦିନ ତଳେ ମାଲଦୀପ ଓ ଭାରତ ମଧ୍ୟରେ କିଛି ବିବାଦ ଦେଖିବାକୁ ମିଳିଥିଲା । ଏହାରି ମଧ୍ୟରେ ଏହି କୋଲାବ୍ରେସନ ହୋଇଥିବାରୁ ଏହାକୁ ନେଇ ବେଶି ଚର୍ଚ୍ଚା ହେଉଛି ।

# ଚିଙ୍ଗୁଡି ବର୍ଗର

**ସାମଗ୍ରୀ–** ୬ରୁ୭ ଟି ବଡ ଚିଙ୍ଗୁଡି, ଅଦା ରସୁଣ ପେଷ୍ଟ, କଟା କଞ୍ଚା ଲଙ୍କା, ଅଳ୍ପ ରସୁଣ କୋଳା, କଟା ଅଦା, ଧନିଆ ପତ୍ର , ଲେମ୍ବୁ ରସ, କଟା ପିଆଜ, ଟମାଟର କଟା, କ୍ୟାପିସକମ୍,ଚିଜ୍ ସ୍ଲାଇସ୍, ମେୟୋନିଜ୍, ଲଙ୍କା ଗୁଣ୍ଡ,ଗୋଲ ମରିଚଗୁଣ୍ଡ, ଗରମ ମସଲା, ଧନିଆ ଗୁଣ୍ଡ, ଡାଲଚିନି ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଚିଙ୍ଗୁଡିକୁ ହଳଦୀ ପକାଇ ଭଲକରି ଗୋଳାଇ ନିଅନ୍ତୁ । ଏହାପରେ ଚିଙ୍ଗୁଡିକୁ ଲଙ୍କାଗୁଣ୍ଡ ଦେଇ ଭାଜି ନିଅନ୍ତୁ । ଏହାପରେ ଗୋଟିଏ ଅଲଗା ପ୍ୟାନ୍ରେ ତେଲ ପକାଇ ସେଥିରେ ଡାଲଚିନି ଖଣ୍ଡ, କଟା ଅଦା, ରସୁଣ, ଲଙ୍କା ଓ ଟମାଟର, ପିଆଜ ପକାଇ ଭାଜନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ପକାନ୍ତୁ । ଏହାକୁ ଅଳ୍ପ ପାଣିଦେଇ ବହଳିଆ ଗ୍ରେଭି ପ୍ରସ୍ତୁତ କରନ୍ତୁ । ଏହାପରେ ଏଥିରେ ଚିଙ୍ଗୁଡି ପକାନ୍ତୁ । ଶେଷରେ ଏଥିରେ ଧନିଆ ପତ୍ର ଓ ଲେମ୍ବୁ ରସ ପକାନ୍ତୁ । ଏହାପରେ ଗୋଟିଏ ବର୍ଗର ବନ୍ରେ କିଛି ମେଓନିଜ୍ ଲଗାନ୍ତୁ ଏହାଉପରେ କ୍ୟାପସିକମ୍, ଏହାଉପରେ ଚିଙ୍ଗୁଡି ମସଲା, ଏହାପରେ ଚିଜ୍ ସ୍ଲାଇସ୍ ଦେଇ ପରଷନ୍ତୁ ଚିଙ୍ଗୁଡି ବର୍ଗର । ଯଦି ଚାହିଁବେ କ୍ୟାପସିକମକୁ ହାଲୁକା ତେଲ ଦେଇ ଭାଜି ବ୍ରେଡରେ ରଖିପାରିବେ ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୪୫
ତିଥି: ପ୍ରତିପଦ
୧୨ ଜୁନ୍ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 245
12 June 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

DADLS-30
OIPR: 15001/13/0689/2526

ବର୍ଷ ଏକ ଉପଲବ୍ଧି ଅନେକ

## ଖାଦ୍ୟ ସୁରକ୍ଷା ଆମ ପ୍ରାଥମିକତା

- ୨୦୨୪-୨୫ ଖରିଫ ଋତୁରେ ଚାଷୀଙ୍କ ଠାରୁ ରେକର୍ଡ଼ ପରିମାଣର ୭୩.୪୭ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ୮୦୦ ଟଙ୍କାର ଇନପୁଟ ସହାୟତା
- ୬ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ମଞ୍ଜୁରୀ



# ଗଜାନନ ବେଶରେ ଚତୁର୍ଦ୍ଧାମୂର୍ତ୍ତି

- ଶ୍ରୀକ୍ଷେତ୍ରରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଭିଡ଼
- ୧୦୮ ଗଡୁ ସୁବାସିତ ଜଳରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ
- ଅଣସର ଘରକୁ ବିଜେ କଲେ ଶ୍ରୀଜୀଉ



ପୁରୀ, ୧୧।୬(ସବ୍ୟୁ): ଦେବ ସ୍ନାନ ପୂର୍ଣ୍ଣିମା ତିଥିରେ ଶ୍ରୀକ୍ଷେତ୍ରରେ ବୁଧବାର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଛି। ପାରମ୍ପରିକ ବିଧି ବିଧାନ ଅନୁସାରେ ବିଗ୍ରହମାନେ ସ୍ନାନ ବେଦୀରେ ୧୦୮ ଗଡୁ ସୁବାସିତ ଜଳରେ ସ୍ନାନ କରିଛନ୍ତି। ସ୍ନାନ ପରେ ବିଗ୍ରହ ମାନେ ହାତୀ ବା ଗଜାନନ ବେଶରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେମାନଙ୍କୁ ଉମଟିକ ବିଗ୍ରହ ମାନଙ୍କୁ ହାତୀ ବେଶରେ ଦର୍ଶନ କରି ଭକ୍ତ ମାନେ ଅତ୍ୟନ୍ତ ଆନନ୍ଦ ଓ ପୁଣ୍ୟ ଲାଭ କରିଛନ୍ତି। ରଙ୍ଗ ବେରଙ୍ଗର ଶୋଳରେ ନିର୍ମିତ ଟାହିଆ ମୁଣ୍ଡରେ ପୁଷ୍ପ ମାଲ୍ୟରେ ସଜ୍ଜିତ ବିଗ୍ରହମାନେ ହାତୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଯାହା ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ ଦେଖା ଯାଇ ଥିଲା। ବିଗ୍ରହମାନଙ୍କ ଦୁର୍ଲଭ ଗଜାନନ ବେଶ ଦର୍ଶନ କରିବା ପାଇଁ ବଡ ଦାଣ୍ଡ ସିଂହ ଦ୍ୱାର ଆଜି ଏକ ଲୋକାରଣ୍ୟରେ ପରିଣତ ହୋଇ ଥିବା ଦେଖାଯାଇଥିଲା। ସକାଳେ ପ୍ରବଳ ରୌଦ୍ର ତାପ ଓ ଗୁଳୁ ଗୁଳି ସେ%ୋ ଶ୍ରଦ୍ଧାଳୁ ମାନେ ଖରାରେ ସ୍ନାନ ବେଦୀ ସମ୍ମୁଖ ବଡ ଦାଣ୍ଡରେ ଛିଡା ହୋଇ ଚାତକ ନୟନରେ ବିଗ୍ରହ ମାନଙ୍କୁ ଦର୍ଶନ କରି ଥିଲେ। ସ୍ନାନ ପୂର୍ଣ୍ଣିମା ଯୋଗୁଁ ଗତ କାଲି ରାତି ରେ ବିଗ୍ରହ ମାନଙ୍କ ରାତ୍ର ପହୁଡ଼ ନୀତି ଅନୁଷ୍ଠିତ ହୋଇ ନ ଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ହୋଇ ଥିବା ନୀତି ନିର୍ଘଣ୍ଟ ଅନୁସାରେ ବୁଧବାର ଭୋର ୫ଟା ୩୦ ମିନିଟରେ ମହାପ୍ରଭୁଙ୍କର ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ପରେ ଡୋର ଲାଗି ପୁଷ୍ପାଞ୍ଜଳି ନୀତି ହୋଇଥିଲା। ଏହା ପରେ ପହଣ୍ଡି ବିଜେ ନୀତି ଆରମ୍ଭ ହୋଇ ଥିଲା। ଭୋର ୫ ଟା ୪୫ ମିନିଟରେ ପହଣ୍ଡି ବିଜେ ଆରମ୍ଭ ହୋଇ ସକାଳ ୮ ଟା ସୁଦ୍ଧା ଶେଷ ହୋଇ ଥିଲା। ଘଣ୍ଟ ଘଣ୍ଟା,ମର୍ଦ୍ଦଳ କାହାଳୀ ଓ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠି ଥିଲା ଶ୍ରୀ ମନ୍ଦିର ଓ ଏହାର ଚତୁରପାଶ୍ୱର୍। ଯାହା ଏକ ଭକ୍ତିମୟ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଘଣ୍ଟୁଆମାନଙ୍କ ଘଣ୍ଟ ଘଣ୍ଟାର ତାଳେ ତାଳେ (୯ ପୃଷ୍ଠାରେ)

## ବଡଚଣା ଓ ଧର୍ମଶାଳାରେ ଉଗ୍ର ରୂପ ନେଉଛି ଡାଇରିଆ

### ୩ ମୃତ, ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଚଣ୍ଡିଖୋଲ/ଧର୍ମଶାଳା, ୧୧/୬ (ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳାରେ ଡାଇରିଆ ଭୟାନକ ରୂପ ନେଉଛି! ଦୁଇଦିନ ମଧ୍ୟରେ ବଡଚଣାରେ ଦୁଇଜଣ ଓ ଧର୍ମଶାଳାରେ ଜଣଙ୍କର ଏହିରୋଗରେ ମୃତ୍ୟୁ ଘଟିଲାଣି। ଅନ୍ୟପକ୍ଷରେ ଏହିଦୁଇ ବ୍ଲକରେ ୫୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି! ସୂଚନା ଅନୁସାରେ ଗତକାଲି ରାତିରୁ ବଡ଼ଚଣା ବ୍ଲକର ସମିଆଁ ପଂଚାୟତ କଳକଳା ଗ୍ରାମର ନଙ୍ଗୁଳି ନାୟକଙ୍କ ପୁଅ ମଦନମୋହନ ନାୟକ(୨୮) ଏବଂ ଶାଳପଡା ପଂଚାୟତ ତିଳପଦା ଗାଁର ଭାସ୍କର ମଲ୍ଲିକଙ୍କ ପୁଅ ଦିଲ୍ଲୀପ ମଲ୍ଲିକ(୨୬) ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଟକ ବଡଡାକ୍ତର ଖାନାରେ ଚିକିତ୍ସା ହେଉଥିଲେ। ସେଠାରେ ସେ (୯ ପୃଷ୍ଠାରେ)

# ରଜରେ ଭିଜିବ ଓଡ଼ିଶା

- ୩ ଦିନରେ ମୌସୁମୀ ହେବ ସକ୍ରିୟ
- ୧୪ରୁ ଦକ୍ଷିଣରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୧।୬ (ସବ୍ୟୁ): ରାଜ୍ୟରେ ଘୂର୍ଣ୍ଣିବଳୟ ଯୋଗୁ ବର୍ଷା ଲାଗି ରହିଛି । ସକାଳେ ଗରମ ସହ ଗୁଳୁଗୁଳି ହୋଇଥିବା ବେଳେ ପୂର୍ବାହ୍ନରେ ପାଗ ହଠାତ ବଦଳିଥିଲା। ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିବା ସହିତ ପ୍ରବଳ ବର୍ଷିଥିଲା । ଆସନ୍ତା ସପ୍ତାହେ ଯାଏଁ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ରଜରେ ଏଥର ଭିଜିବ ସାରା ଓଡ଼ିଶା । ଆସନ୍ତା ୧୪ ତାରିଖରୁ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର କହିବାନୁସାରେ, ଆସନ୍ତା ତିନିଦିନ ଭିତରେ ଦେଶରେ ମୌସୁମୀ ସକ୍ରିୟ ହେବ । ୧୪ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେନ୍ଦ୍ରୀୟ ଏବଂ ଏହାର ପାଶ୍ୱର୍ବର୍ତ୍ତୀ ପୂର୍ବ ଭାରତର ବହୁ ଅଞ୍ଚଳକୁ ଅଗ୍ରସର ହେବ। ୧୫ରୁ ୧୮ ତାରିଖ ଭିତରେ ଓଡ଼ିଶାର ବାକି ଅଞ୍ଚଳକୁ ମୌସୁମୀ ସ୍ପର୍ଶ କରିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ (୯ ପୃଷ୍ଠାରେ)

## ୭ ହଜାର ଟପିଲେ କୋଭିଡ ଆକ୍ରାନ୍ତ

ନୂଆଦିଲ୍ଲୀ, ୧୧।୬ : କୋଭିଡ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଛି । ଆକ୍ରାନ୍ତଙ୍କ ସଂଖ୍ୟା ଜୁନ୍ ୧୧ ସୁଦ୍ଧା ୭୧୨୧ରେ ପହଞ୍ଚିଛି । ଭୂତାଣୁ ଏନ୍‌ବି.୧.୮.୧ ଏବଂ ଏଲଏଫ୍.୭ରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ମାତ୍ର କେତେକ ସ୍ଥାନରେ ଜେଏନ୍.୧ ଭୂତାଣୁ ମଧ୍ୟ ଦେଖିବାକୁ ମିଳିଛି । ୨୪ ଘଣ୍ଟା ମଧ୍ୟରେ ୬ ଜଣଙ୍କର ମୃତ୍ୟୁ ଘଟିଛି ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ କେରଳରେ ସର୍ବାଧିକ ସଂକ୍ରମିତ ଦେଖିବାକୁ ମିଳିଛି । ୨୪ ଘଣ୍ଟା ମଧ୍ୟରେ ପୁଣି ୯୬ ନୂଆ (୯ ପୃଷ୍ଠାରେ)

Government of India

## ନୂଆ ଭାରତର ଡିଜିଟାଲ ଶକ୍ତି




ଡିବିଟି ଜରିଆରେ ଗରିବ ଓ ବଞ୍ଚିତଙ୍କୁ ପ୍ରାୟ ୪୪ ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର

ଡିଜି ଲକରରେ, ୫୨+ କୋଟି ବ୍ୟବହାରକାରୀ ୯୪୩+ କୋଟି ଦସ୍ତାବିଜ ଅପଲୋଡ୍ କରିଛନ୍ତି, ଯାହାଦ୍ୱାରା ଏବେ ଡିଜିଟାଲ ଦସ୍ତାବିଜକୁ ଯେକୌଣସି ସମୟରେ ଏବଂ ଯେକୌଣସି ସ୍ଥାନରେ ବ୍ୟବହାର କରାଯାଇପାରିବ ।

୨୨୦୦+ ସରକାରୀ ସେବା ଉମଙ୍ଗ ଆପ୍ ଜରିଆରେ ଉପଲବ୍ଧ ହେଉଛି, ଦେଶବ୍ୟାପୀ ସେବା ସୁବିଧା ପାଇଁ ଏହା ଏକକ ପ୍ଲାଟଫର୍ମ : ବର୍ତ୍ତମାନ ସୁଦ୍ଧା ୮.୨୫ କୋଟି ପଞ୍ଜୀକରଣ ହୋଇଛି ।

ଜୀବନ ପ୍ରମାଣ ଅଧୀନରେ ପେନସନଭୋଗୀଙ୍କ ଦ୍ୱାରା ୧୦.୨+ କୋଟି ଜୀବନ ପ୍ରମାଣପତ୍ର ଡିଜିଟାଲ ମାଧ୍ୟମରେ ଅପଲୋଡ୍ ହୋଇଛି ।



ସେମିକଣ୍ଡକ୍ଟର ହବ୍ ହେବା ଦିଗରେ ଭାରତର ବ୍ୟାପକ ପ୍ରଗତି, ୨୦୨୪ରେ ବଜାର ଆକାର ୪+ ଲକ୍ଷ କୋଟିରେ ପହଞ୍ଚିଲା

୪୨+ ଲକ୍ଷ ରୁଟ୍ କିମିରେ ପହଞ୍ଚିଲା ଅପ୍ଟିକାଲ ଫାଇବର କେବୁଲ ଲକ୍ଷ୍ୟ : ୨.୧୪ ଲକ୍ଷ ଗ୍ରାମ ପଞ୍ଚାୟତକୁ ସଂଯୋଗ

ଡିଜିଟାଲ ଇଣ୍ଡିଆ ଅଧୀନରେ ୫.୭୬ ଲକ୍ଷ କାର୍ଯ୍ୟକ୍ଷମ ଜନସେବା କେନ୍ଦ୍ର

ଜିଇଏମ ପୋର୍ଟାଲ ଜରିଆରେ ୧୩.୪+ ଲକ୍ଷ କୋଟି ଟଙ୍କା ମୂଲ୍ୟର ଅର୍ଡର ଦିଆଯାଇଛି, ଯାହା ସରକାରୀ କ୍ରୟରେ ପାରଦର୍ଶିତା, ଦକ୍ଷତା ଏବଂ ଗତି ବଢ଼ାଇଛି



ବିଶ୍ୱର ଦୁଇଟି ମଧ୍ୟରୁ ଗୋଟିଏ ବାସ୍ତବ ସମୟ ଡିଜିଟାଲ ନେଣଦେଣ ଭାରତରେ ହେଉଛି

ଏପ୍ରିଲ ୨୦୨୫ରେ ୨୪ ଲକ୍ଷ କୋଟି ଟଙ୍କାର ୟୁପିଆଇ ନେଣଦେଣ ହୋଇଛି

ଡିଜିଟାଲ କୋୱିନ ପ୍ଲାଟଫର୍ମ ଜରିଆରେ ୨୨୦ କୋଟି ଡୋଜ କୋଭିଡ-୧୯ ଟିକା ଦେବାର ଉଲ୍ଲେଖନୀୟ ସଫଳତା ହାସଲ

CBC 37101/13/0009/2526



ପ୍ରତି ଜିବି ଡାଟା ମୂଲ୍ୟ ୨୦୧୪ରେ ୩୦୦+ ଟଙ୍କାରୁ ହ୍ରାସ ପାଇ ୧୦ ଟଙ୍କା ହେଲା

ମାତ୍ର ୨୨ ମାସରେ ୯୯.୬% ଜିଲ୍ଲାରେ ପହଞ୍ଚିଲା ୫ଜି, ବିଶ୍ୱରେ ସବୁଠୁ ଦ୍ରୁତ କାର୍ଯ୍ୟକାରିତା

ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ ଫୋନ ଉତ୍ପାଦନକାରୀ

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL







ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ପୁରୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ନାଲକୋର ନୂତନ ନିର୍ଦ୍ଦେଶକ(ଅର୍ଥ) ଭାବେ

# ଅଭୟ କୁମାର ବେହୁରିଆଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ର ନୂତନ ନିର୍ଦ୍ଦେଶକ(ଅର୍ଥ) ଭାବେ ଅଭୟ କୁମାର ବେହୁରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ନାଲକୋରେ ଯୋଗଦେବା ପୂର୍ବରୁ, ଶ୍ରୀ ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅର୍ଥ ଏବଂ ଆକାଉଣ୍ଟସ୍) ଭାବରେ କାର୍ଯ୍ୟରତ ଥିଲେ । ତାଙ୍କ ଦକ୍ଷତା ଏବଂ ନେତୃତ୍ୱ ବଳରେ କମ୍ପାନୀ ଏକ ଚ୍ୟାଲେଞ୍ଜିଂ ବଜାର ପରିସ୍ଥିତି ମଧ୍ୟରେ ରେକର୍ଡ ଆର୍ଥିକ ଫଳା ଫଳ ହାସଲ କରିଥିଲା । ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଶ୍ରୀ ବେହୁରିଆଙ୍କର ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି । ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ଭାରତୀୟ କଷ୍ଟ ଆକାଉଣ୍ଟାଣ୍ଟସ୍ ପ୍ରତିଷ୍ଠାନ (ଆଇସିଏଆଇ)ର ଜଣେ ଫେଲୋ ସଦସ୍ୟ ସହ ସଂସ୍ଥାର ର ଆଡଭାନ୍ସଡ୍ ଷ୍ଟଡିଜ୍ ଆଣ୍ଡ୍ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟ ମୂଲ୍ୟାଙ୍କନରେ ମଧ୍ୟ ଏକଜିକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି ।

ଶ୍ରୀ ବେହୁରିଆ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ ଅନେକ ଡିଜିଟାଲ୍ ପରିବର୍ତ୍ତନ ପଦକ୍ଷେପର ନେତୃତ୍ୱ ନେଇଥିଲେ, ଯେପରିକି ଖଣିରେ ଏସଏପି କାର୍ଯ୍ୟ କାରୀ କରିବା, ସ୍ୱୟଂଚାଳିତ ଇନଭଏସ୍ ସିଷ୍ଟମ୍ ଏବଂ ବିକ୍ରେତା ସୂଚନା ପରିଚାଳନା ଇତ୍ୟାଦି । କାର୍ଯ୍ୟବ୍ୟବସ୍ଥାକୁ ଉନ୍ନତ ଓ ସୁବ୍ୟବସ୍ଥିତ କରିବା ପାଇଁ ଦୁଇଟି ପ୍ରୋଭିଡେଣ୍ଟ ଫଣ୍ଡ ଟ୍ରଷ୍ଟକୁ ମିଶ୍ରଣ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ସକ୍ରିୟ ଆଭିମୁଖ୍ୟ କମ୍ପାନୀର ଦୀର୍ଘକାଳୀନ ଆଇନଗତ ଏବଂ ଆର୍ଥିକ ସମସ୍ୟାର ସମାଧାନ କରିବାରେ ମଧ୍ୟ ସାହାଯ୍ୟ କରିଥିଲା ।

ନିର୍ଦ୍ଦେଶକ (ଅର୍ଥ) ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ବେହୁରିଆଙ୍କୁ ଅଭିନନ୍ଦନ ଜଣାଇ, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ ଯେ,'ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଏବଂ ଡିଜିଟାଲ ରୂପାନ୍ତରଣରେ ଶ୍ରୀ ବେହୁରିଆଙ୍କର ବ୍ୟାପକ ଅଭିଜ୍ଞତା ନାଲକୋର ବିଭିନ୍ନ ପ୍ରକଳ୍ପ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକ ନିମନ୍ତେ ସହାୟତା ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନ ଆଣିବ । ନିର୍ଦ୍ଦେଶକ (ଅର୍ଥ) ଭାବରେ ତାଙ୍କର ଯୋଗଦାନ ନାଲକୋ ବୋର୍ଡ଼କୁ ଆହୁରି ଦୃଢୀଭୂତକରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

## ତନିସ୍କର ସର୍ବବୃହତ ଗୋଲ୍ଡ ଏକ୍ସଚେଞ୍ଜ ଅଫର

# ପୁରୁଣା ସୁନା ବଦଳରେ ଦୁଇ କ୍ୟାରେଟ ପର୍ଯ୍ୟନ୍ତ ଅଧିକ ମୂଲ୍ୟ ପାଇବେ ଗ୍ରାହକ



ଭୁବନେଶ୍ୱର,(ସବ୍ୟୁ): ସୁନା ଦର ବଢ଼ି ଚାଲୁଥିଲା ବେଳେ ଦେଶର ସର୍ବବୃହତ୍ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଏକ ବୃହତ ଗୋଲ୍ଡ ଏକ୍ସଚେଞ୍ଜ ଅଫର ଆଣିଛି । ଏହା ମଧ୍ୟମରେ ଗ୍ରାହକ ପୁରୁଣା ସୁନା ବଦଳ ଉପରେ ଦୁଇ କ୍ୟାରେଟ ପର୍ଯ୍ୟନ୍ତ ଅତିରିକ୍ତ ମୂଲ୍ୟ ପାଇପାରିବେ । ଏହି ଅଫର ଜୁନ୍ ୩୦ ତାରିଖ ଯାଏଁ ଉପଲବ୍ଧ । ଏହି ସିମିତ ଅଫର ମାଧ୍ୟମରେ ଗ୍ରାହକ ସୁନା ଗହଣା କିଣୁଥିଲେ ପୁରୁଣା ସୁନା ମୂଲ୍ୟ ଉପରେ ଅଧିକ ଏକ କ୍ୟାରେଟ ପାଇବେ । ସେହିଭଳି ହୀରା ଗହଣା କିଣୁଥିଲେ ପୁରୁଣା ସୁନା ମୂଲ୍ୟ ଉପରେ ପାଇବେ ଅତିରିକ୍ତ ଦୁଇ କ୍ୟାରେଟ । ଉଦାହାରଣ ସ୍ୱରୂପ ଜଣେ ଗ୍ରାହକ ନୂଆ ପ୍ଲେନ୍ ସୁନା କିଣୁଥିଲେ ୨୦ କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ୨୧ କ୍ୟାରେଟ୍ ପାଇବେ । ସେହିଭଳି ନୂଆ ହୀରା ଖଚିତ ଗହଣ କିଣୁଥିଲେ ୨୦ କ୍ୟାରେଟ୍ ପୁରୁଣା ସୁନା ପାଇଁ ୨୨ କ୍ୟାରେଟ୍ ପାଇବେ । ଫଳରେ ପ୍ରତ୍ୟେକ କ୍ୟାରେଟ ବଦଳ ଉପରେ ମିଳିବ ଅଧିକ ମୂଲ୍ୟ । ଅଣତନିସ୍କ ଗହଣ ଦୋକାନରୁ କିଣା ଯାଇଥିବା ପୁରୁଣା ସୁନା ଉପରେ ହିଁ ଏହି ଅଫର ଉପଲବ୍ଧ । ତନ୍ନିସ୍କର ଏହି ସୁନା ବଦଳ ନୀତି ଉକ୍ତ ୩୦ ଲକ୍ଷ ଗ୍ରାହକଙ୍କ ପାଇଁ ଏକ ଭରଷା ଯୋଗ୍ୟ ସଲ୍ୟୁସନ୍ ପାଲଟିଛି । ଯେଉଁମାନେ କି ସେମାନଙ୍କ ପୁରୁଣା ଗହଣାକୁ ବଦଳ କରି ତନିସ୍କର ଷ୍ଟାଇଲିସ୍ ଗହଣାକୁ ଅପ୍‌ଗ୍ରେଟ ହୋଇଛନ୍ତି । ସୁନାର ସୁଦ୍ଧତା ମାପିବା ପାଇଁ କ୍ୟାରେଟ୍ ମିଟର ବ୍ୟବହାର ହୋଇଥାଏ । ଗ୍ରାହକ ସେମାନଙ୍କ ପୁରୁଣା ସୁନା ବଦଳାଇ ଯେପରି ସର୍ବୋତ୍ତମ ମୂଲ୍ୟ ପାଇପାରିବେ ତାହାକୁ ଗ୍ରାଣ୍ଡ ପକ୍ଷରୁ ସୁନିଶ୍ଚିତ କରାଯାଇଥାଏ ।

### ସୂର୍ଯ୍ୟ ଗୁରୁକୁଳର ବାର୍ଷିକ ମହୋତ୍ସବ ଉଦଘାଟିତ

ଫୁଲନଖରା ,(ସବ୍ୟୁ) :ବୁଧବାର ସନ୍ଧ୍ୟାରେ କଟକ ସଦର ଥାନା ଅନ୍ତର୍ଗତ ଗୁଆଳି ମୌଜାରେ ସୂର୍ଯ୍ୟ ଗୁରୁକୁଳ ମହୋତ୍ସବ ଡକ୍ଟର ଶାନ୍ତନୁ କୁମାର ରଥଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି।ଦୁଇଦିନ ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍ଘାଟନ ସନ୍ଧ୍ୟାରେ ମୁଖ୍ୟ ଅତିଥି ହିସାବରେ ଗୁରୁ ଡକ୍ଟର ପୀତାମ୍ବର ବିଶ୍ୱାଳ,ମୁଖ୍ୟବକ୍ତା ଗୁରୁ ରବି ନାରାୟଣ ପଣ୍ଡା,ବରେଣ୍ୟ ଅତିଥି ଭାବରେ କଟକ ଏ.ସି.ପି.ଅମିତାଭ ମହାପାତ୍ର,କଟକ ସଦର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି,ବିଶିଷ୍ଟ ଅତିଥି ଗ୍ରାମ ସ୍ୱରାଜ ଅନୁଷ୍ଠାନର କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି,ଶିକ୍ଷାବିତ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ୧୪ ଜଣ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା।

### ଭଦ୍ରକ ଗୋଷ୍ଠୀ ସଂଘର୍ଷରେ ଯୁବକଙ୍କ ମୃତ୍ୟୁ ଘଟଣା

# ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା

ଭୁବନେଶ୍ୱର,(ସବ୍ୟୁ): ଗତ କିଛି ଦିନ ତଳେ ଭଦ୍ରକ ତିହିଡି ଥାନା ଅଞ୍ଚଳରେ ଦୁଇ ସଂପ୍ରଦାୟଙ୍କ ଭିତରେ କିଛି କାରଣରୁ ଗଣ୍ଡଗୋଳ ଘଟିଥିଲା ଏବଂ ସେଥିରେ ଗୁରୁତର ଆହତ ହୋଇଥିବା ଜଣେ ଯୁବକ ସନ୍ତୋଷ ପରିଡାଙ୍କ ଆଜି

### ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯିବ

ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏ ଘଟଣାରେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ସହିତ ସଂପୃକ୍ତ ଯୁବକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବା ସହିତ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

### ଘଣ୍ଟି ବେଲେଶ୍ୱରଙ୍କ ବାର୍ଷିକ ଉତ୍ସବ

ଅସ୍ତରଙ୍ଗ, (ସବ୍ୟୁ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଶ୍ରୀବନ୍ତପୁର ଗ୍ରାମରେ ପୂଜା ପାଉଥିବା ମହାଦେବ, ଘଣ୍ଟି ବେଲେଶ୍ୱରଙ୍କ ତୃତୀୟ ବାର୍ଷିକ ଉତ୍ସବ ତିନିଦିନ ବ୍ୟାପି ପାଳିତ ହୋଇ ଯାଇଛି। ତିନିଦିନ ଧରି ହୋଇଥିବା ଏହି ମହତ କାର୍ଯ୍ୟକ୍ରମରେ ଆଖ ପାଖ ଅଞ୍ଚଳର ଲୋକେ ସାମିଲ ହୋଇଥିଲେ।

## ସରକାରଙ୍କ ଏକ ବର୍ଷ ପୂର୍ତ୍ତି

# ସାଂସ୍କୃତିକ ବିଭବକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ସରକାର ପ୍ରୟାସରତ

ଭୁବନେଶ୍ୱର,(ସବ୍ୟୁ)ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସବୁଠାରୁ ମହତ୍ୱପୂର୍ଣ୍ଣ ହେଲେ ସାଧାରଣ ଜନତା । ଏହି ଏକ ବର୍ଷ ଥିଲା ଲୋକଙ୍କ ଆଶା-ଆକାଂକ୍ଷା ପୂରଣ କରିବାର ବର୍ଷ ଏବଂ ଏହି ବର୍ଷ ଥିଲା ସରକାର-ଜନ ସାଧାରଣଙ୍କ ମଧ୍ୟରେ ଥିବା ଘାଇକୁ ଦୂର କରି ସେତୁ ବାନ୍ଧିବାର ବର୍ଷ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟର ଠାରେ ରାଜ୍ୟର ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀମାନଙ୍କ ସହିତ ଭାବ ବିନିମୟ ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଏକ ବର୍ଷ ମଧ୍ୟରେ ଆମ ସରକାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ଆମେ ଲୋକଙ୍କ ପାଖରେ କିଭଳି ପହଁଚିବୁ, ଏବଂ ଏହାକୁ ଆମେ ସଫଳ କରି ଦେଖାଇଛୁ । ବଜେଟ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ଏ ସମସ୍ତ କାର୍ଯ୍ୟର ମୁଲ୍ୟାଙ୍କନ ଆଜି ଜନସାଧାରଣ କରୁଛନ୍ତି ।

ନିର୍ବାଚନ ଇସ୍ତାହାରରେ ପ୍ରତିଶୃତି ଦେଇଥିବା କାର୍ଯ୍ୟ ସହିତ ଅନେକ ଅଭିନବ ପରିକଳ୍ପନାକୁ ରୂପାୟିତ କରାଯାଇଛି । ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନ ପ୍ରଦର୍ଶନ ହେଉ ଅବା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଓଡ଼ିଆ ସଂସ୍କୃତିକୁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ପ୍ରତିପାଦିତ କରିବା ହେଉ, ସବୁଥିରେ ସରକାର ନିଜର ପ୍ରତିଶ୍ରୁତି ରକ୍ଷା କରିଛନ୍ତି । ବର୍ଷକ ସମୟ, ଗୋଟିଏ ସରକାର ପାଇଁ କେବଳ ଅୟମାରମ୍ଭ ମାତ୍ର । ଓଡ଼ିଶାର ସାଂସ୍କୃତିକ ବିଭବକୁ ବିଶ୍ୱସ୍ତରରେ ପ୍ରତିପାଦିତ କରିବା ପାଇଁ ଆମ ସରକାର ଆଗାମୀ ଦିନରେ ମଧ୍ୟ ନିରନ୍ତର ପ୍ରୟାସ ଜାରୀ ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ, ଆଗାମୀ ଦିନରେ ୨୧ ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ । ସ୍ୱାଧୀନ ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜୟନ୍ତୀ ବର୍ଷବ୍ୟାପୀ କରାଯାଉଛି । କେବଳ ପ୍ରତିମୂର୍ତ୍ତି ଅନାବରଣ ନୁହେଁ, ଆଗାମୀ ଦିନରେ ଏହିଭଳି ମହାନ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ ସ୍ମୃତି ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ର, ଶିଶୁ ଉଦ୍ୟାନ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ପ୍ରତିଷ୍ଠା କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ, ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଭରଷା ଓ ଦୃଢ ଇଚ୍ଛାଶକ୍ତି ବଳରେ ଆଜି ଓଡିଶା ନିଜ ଅସ୍ମିତା ପାଇଁ ଅନେକ ପଦକ୍ଷେପ ନେଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତକ ସଂସ୍କୃତିରୁ ସମୃଦ୍ଧି ଉନ୍ମୋଚନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀଶ୍ରୀମତୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜିବ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ, ସଂସ୍କୃତି ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ ।



### ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କ ସହ ଭାବ ବିନିମୟ କଲେ ମୁଖ୍ୟମନ୍ତ୍ରୀ

# କାବ୍ୟାଞ୍ଜଳି କବିତା ସଂକଳନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ



ପୁରୀ,(ସବ୍ୟୁ): ପବିତ୍ର ମହାକୁମ୍ଭ ଆଧାରରେ ପ୍ରସ୍ତୁତ ଆଧ୍ୟାତ୍ମିକ କବିତା ସଂକଳନ ବା କଫି ଟେବୁଲ ବୁକ ଓଡ଼ିଆ ସାହିତ୍ୟ ଆକାଶ ରେ ଏକ ତାଜୁଲ୍ୟମାନ କିର୍ତ୍ତି ହୋଇ ରହିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଦେବସ୍ନାନ ପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ସ୍ନାନ ମଣ୍ଡପ ରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଓଡିଶା ବାସୀ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ପରେ ରଥ ଖଳାରେ ପହଞ୍ଚି ରଥ ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ପରେ ପରେ ମୁଖ୍ୟମନ୍ତ୍ରୀ ସର୍କିଟ ହାଉସ ଠାରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରସ୍ତୁତ କାବ୍ୟାଞ୍ଜଳି କଫି ଟେବୁଲ ବୁକର ଅନାବରଣ କରିଥିଲେ ।

ଅଭିଭାଷଣ ରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ କୁମ୍ଭମେଳାରେ ୬୬ କୋଟି ଶ୍ରଦ୍ଧାଳୁ ସ୍ନାନ କରିଥିଲେ । ମୁଁ ମଧ୍ୟ ବ୍ୟକ୍ତି ଗତ ଭାବେ ସେଠାରେ ସ୍ନାନ କରି ସାଧୁ,ସନ୍ଥ,ମହାତ୍ମା ମାନଙ୍କ ମିଶିବାର ସୁଯୋଗ ପାଇଥିଲି । ସ୍ନାନ ମନ୍ତ୍ରକୁ ଉଚ୍ଚାରଣ କରି ଆମେ ନଦୀ, ପୋଖରୀ ବା ସ୍ନାନାଗାର ରେ ସ୍ନାନ କରିଥାନ୍ତି । କିନ୍ତୁ ମହାକୁମ୍ଭର ପବିତ୍ର ଓ ପ୍ରାକୃତିକ ପରିବେଶରେ ପବିତ୍ର ସ୍ନାନ ଅଦ୍ଭୁତ ଓ ଅବିସ୍ମରଣୀୟ । ସେହି ମହାକୁମ୍ଭ ଆଧାର ରେ ପ୍ରସ୍ତୁତ ଏହି ଆଧ୍ୟାତ୍ମିକ କବିତାଞ୍ଜଳି କଫି ଟେବୁଲ ବହିଟି ଓଡ଼ିଆ ଓ ହିନ୍ଦୀ ଭାଷାରେ ରଚିତ,ଯାହା ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ପ୍ରତୀକ । ସାରଳା ଦାସ, ଜଗନ୍ନାଥ ଦାସ,ଗଙ୍ଗାଧର ମେହେର, ଫକୀରମୋହନଙ୍କ ସାହିତ୍ୟ କୃତି ଆମ ଭାଷା ସାହିତ୍ୟ କୁ ସମୃଦ୍ଧ କରିଛି । ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଏହି ପୁସ୍ତକ ଉନ୍ମୋଚନ ଏକ ବିରାଟ ଉପଲବ୍ଧି ।୨୦୩୬ ବିକଶିତ ଓଡିଶା ଓ ୨୦୪୭ ବିକଶିତ ଭାରତ ପାଇଁ ଆମେ ସମସ୍ତେ ସମବଦ୍ଧ ଭାବେ କାର୍ଯ୍ୟ କରିବା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଥିଲେ । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଏହି ଉପାଦେୟ କଫି ଟେବୁଲ ବହି ଟି ଏୟାର ପୋର୍ଟ ମାନଙ୍କ ରେ ରଖିଲେ ଏହା ଅନେକ ଲୋକ ଙ୍କୁ ନୂତନ ଦିଶା ଦେଖାଇ ପାରିବ ବୋଲି କହିଥିଲେ । ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ମଠର ମହନ୍ତ ମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ ।

# ୪୧ଲକ୍ଷ ହଡପ, କର୍ମଚାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମ୍ପାନୀର ୪୧ଲକ୍ଷ ୩୧ ହଜାର ୪୬୦ ଟଙ୍କା ହଡପ କରିଥିବା କର୍ମଚାରୀଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

ଅଶୋକ କୁମାର ସାମଲଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେ ହଡପର ପର୍ଦ୍ଦାଫାସ ହେଲା । ଅଭିଯୋଗକାରୀ ଜେନିସିସ୍ ଇନ୍ ଫୋଟେକ୍‌ର ମାଲିକ । ସେ ଅଭିଯୁକ୍ତକୁ ପ୍ରାୟ ୩ବର୍ଷ ହେବ ନିଯୁକ୍ତି ଦେଇଥିଲେ । ଅଭିଯୁକ୍ତ ତାଙ୍କ ପଦବୀର ଅଯଥା ବିନିଯୋଗ କରି ଅଭିଯୋଗକାରୀଙ୍କ ଅଜାଣତରେ ତାଙ୍କ କମ୍ପାନୀ ନାମରେ ଠକେଇ କରିଛି । ନିଜ ନାଁରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି କ୍ଲାଏଣ୍ଟମାନେ ଦେଉଥିବା ପେମେଣ୍ଟକୁ ସେହି ଆକାଉଣ୍ଟକୁ ପଠାଇବା ଆରମ୍ଭ କରିଥିଲା । ଅଭିଯୁକ୍ତ ଜାଲ୍ ଆକାଉଣ୍ଟ ପ୍ରସ୍ତୁତ କରି ଯୋଗାଯୋଗ ପାଇଁ ଜାଲ୍ ଇ-ମେଲ୍ ତିଆରି କରିଥିଲା । ଜିଏମ୍ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍, ଜିଏମ୍ଆର୍ ୱାରୋରା ଲିମିଟେଡ୍, ଜିଏମ୍ଆର୍ ହାଇଦ୍ରାବାଦ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଓଡ଼ିଶା, ମାଇନିଂ କର୍ପୋରେସନ ଲିମିଟେଡ୍ ଓଏସ୍‌ବିସି ନାମରେ ଅନେକ କ୍ଲାଏଣ୍ଟକୁ ନକଲି ବିଲ୍ ଦେଉଥିଲା । ଏହି ପଦ୍ଧତି ମାଧ୍ୟମରେ ଅଭିଯୁକ୍ତ ଗୌରୀଶଙ୍କର ସ୍ୱାଇଁ ସମୁଦାୟ ୪୧ଲକ୍ଷ ୩୧ ହଜାର ୪୬୦ଟଙ୍କା ହଡପ କରିଥିବା ନେଇ ଅଭିଯୋଗକାରୀ ତାଙ୍କ ଏତଲାରେ ଦର୍ଶାଇଥିଲେ । ପୋଲିସ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ଅଭିଯୁକ୍ତ ଗୌରୀଶଙ୍କର ସ୍ୱାଇଁ (୫୫)କୁ ଗିରଫ କରିଛି । ପଚରାଉଚରାରେ ଜଣାପଡିଥିଲା ଯେ, ଅଭିଯୁକ୍ତ ଅପରାଧ ପାଇଁ ଦୁଇଟି ସିମ୍‌କାର୍ଡ ବ୍ୟବହାର କରୁଥିଲା । ଏଥିସହ ଗୋଟିଏ ଲାପ୍‌ଟପ୍ ଏବଂ ଗୋଟିଏ ମୋବାଇଲ ଫୋନ୍ ମାଧ୍ୟମରେ ହଡପ ଧନ୍ଦା ଚଳାଇଥିଲା । ସେଗୁଡିକୁ ପୋଲିସ ଜବତ କରିଛି । ସେ ଠକିବା ଉଦ୍ଦେଶ୍ୟରେ ନକଲି ଡକ୍ୟୁମେଣ୍ଟ ଏବଂ ଇଲେକ୍ଟ୍ରୋନିକ୍ସ ରେକର୍ଡକୁ ଅସଲି ଭାବେ ବ୍ୟବହାର କରୁଥିବା ଜଣାପଡିଛି । ଅଭିଯୁକ୍ତ ଘର ବ୍ରହ୍ମପୁରରେ ହୋଇଥିବା ବେଳେ ସେ ଭୁବନେଶ୍ୱର ସହିଦନଗରରେ ରୁହେ । ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଗ୍ରାମ୍ୟ ଉନ୍ନୟନ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ମାରିବ ଭଞ୍ଜସେନା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ବରିଷ୍ଠ ଅଧିକାରୀଙ୍କ ଜ୍ଞାତସାରରେ ସମଗ୍ର ଜିଲ୍ଲାରେ ଚାଲୁରହିଥିବା ଦୁର୍ନୀତି ବାବଦରେ ବହୁବାର ରାଜ୍ୟସରକାରଙ୍କୁ ଅବଗତ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ପ୍ରତିବାଦରେ ଭଞ୍ଜସେନା ପକ୍ଷରୁ 'ବାରିପଦା ଗ୍ରାମ୍ୟ ଉନ୍ନୟନ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଘେରାଉ କାର୍ଯ୍ୟକ୍ରମରେ ଆନ୍ଦୋଳନକାରୀ ମାନେ ଦୁର୍ନୀତିର ତଦନ୍ତ ବାବଦରେ ବିଭିନ୍ନ ସ୍ଲୋଗାନ ପ୍ରଦାନ ମଧ୍ୟ କରିଥିଲେ। ଯଦି ଆଗାମୀ ୧୫ ଦିନ ମଧ୍ୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରିଙ୍କ କାର୍ଯ୍ୟକଳାପ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସକାଶେ ସରକାରୀ ସ୍ତରରୁ କୌଣସି ଘୋଷାଣା କରାନଯାଏ ତେବେ ପୁନର୍ବାର 'ବାରିପଦା ଗ୍ରାମ୍ୟ ଉନ୍ନୟନ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ଭଞ୍ଜସେନା ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ସଂଜୀବ ରାଉତ, ବାକୁନ ହାଁସଦା, ରାକେଶ ବେହେରା, ସାମନ୍ତ ଶେଖର ପାଲ, ରାକେଶ ମହାନ୍ତି, ଗଣେଶ ମହାନ୍ତି, ଅମିତ୍ କୁମାର, ସଞ୍ଜୟ ମାହାନା, ଦେବାଶିଷ ଦାସ, ସୁନୀଲ ମହାପାତ୍ର, କୃପାସିନ୍ଧୁ ସେନାପତି, ଦୀପକ୍ କୁମାର ବେହେରା, ଗୌରାଙ୍ଗ ଘଡ଼େଇ, ପ୍ରଦୀପ ପଣ୍ଡା, ସତ୍ୟ ପୃଷ୍ଟି, ସମ୍ପଦ ପୃଷ୍ଟି, ରୁଦ୍ର ପଟ୍ଟନାୟକ, ପଙ୍କଜ ପରିଡ଼ା ଓ ଶମ୍ଭୁ ଗୋପାଳ ପ୍ରମୁଖ ସାମିଲ ଥିଲେ ।

# ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶରେ ଦର୍ଶନ ଦେଲେ ମହାବାହୁ

ବ୍ରହ୍ମପୁର, (ସବ୍ୟୁ): ବୁଧବାର ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ରତ୍ନବେଦୀରୁ ଓହ୍ଲାଇ ଆସି ସ୍ନାନବେଦୀରେ ବିଜେ କରିଥିଲେ କୋଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜିଉ। ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ଜଗନ୍ନାଥ ମନ୍ଦିର ମାନଙ୍କରେ ପ୍ରଭୁଙ୍କୁ ଦର୍ଶନ ଓ ଶୁଭ ଆର୍ଶିବାଦ ନେବାକୁ ଭକ୍ତମାନଙ୍କ ଭିଡ ଜମି ରହିଥିଲା। ଆଜି ସ୍ଥାନୀୟ ଗୋସାଇଁ ନୂଆଗାଁ ଜଗନ୍ନାଥ ମନ୍ଦିର, କୋର୍ଟ ପେଟା, ଗଞ୍ଜାମକଳା ପରିଷଦ, ବଡ ବଜାର ବଡ ଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ତିନି ମୁର୍ତ୍ତି ଦେଉଳ, ଗାନ୍ଧୀ ନଗର, ଲୋଚାପଡା, ବିଜିପୁର, କମାପଲ୍ଲୀ, ଗୋଇଲୁଣ୍ଡି, ଲାଞ୍ଜିପଲ୍ଲୀ ସମେତ ସମସ୍ତ ମନ୍ଦିର ମାନଙ୍କରେ ସକାଳେ ଦୁଆର ଫିଟା, ପାର୍ଶ୍ୱ ଦେବଦେବୀ ପୂଜା, ସକାଳ ଭୋଗ ଲାଗି କରିଥିଲେ। ପ୍ରଥମେ ପ୍ରଭୁ ବଳଭଦ୍ର, ମାତା ସୁଭଦ୍ରା, ପ୍ରଭୁ ସୁଦର୍ଶନଙ୍କ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣା ଯିବା ପରେ ପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି କରିଥିଲେ। ପହଣ୍ଡି ବିଜେ ଶଙ୍ଖ, ମହୁରୀ, ଘଣ୍ଟ ମୃଦଙ୍ଗ ତାଳ ବାଦ୍ୟ ବାଜଣା ଓ ହରି ବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ସ୍ନାନ ମଣ୍ଡପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ସୁବାସିତ ଜଳ, ପ୍ରଭୁ ବଳଭଦ୍ରଙ୍କୁ ୩୩ ଗରା ଏବଂ ଦେବୀ



ସୁଭଦ୍ରାଙ୍କୁ ୨୨ ଗରା ଏବଂ ଚକ୍ରରାଜ ପ୍ରଭୁ ଶ୍ରୀ ସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହି ଦିନ ଗଜାନନ ବେଶରେ ପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗୋସାଇଁ ନୂଆଗାଁ ମନ୍ଦିର ପରିଚାଳକ ପଞ୍ଚାନନ ଚୌଧୁରି, ଗଞ୍ଜାମକଳା ପରିଷଦ ମନ୍ଦିର ପୂଜକ ସନ୍ତୋଷ ପାଢ଼ୀ, କାଳି ଚରଣ ପାଢୀ, କୋର୍ଟ ପେଟା ଛକ ମନ୍ଦିର ପୁଜକ ସିମାଞ୍ଚଳ, ପରିଚାଳକ ତଥା ବିଜେପି ନେତା ରାମ ପାତ୍ରଙ୍କ ସମେତ ବହୁ ପୂଜା ପଣ୍ଡା ଉପସ୍ଥିତ ଥିଲେ ।

# ମା' ତାରିଣୀ ଆମ୍ବୁଲାନ୍ସ ସଂଘର ନୂତନ କର୍ମକର୍ତ୍ତା ଚୟନ



କଟକ, (ସ୍ୱପ୍ର): କଟକ ଏସସିବି ମେଡିକାଲରେ କାର୍ଯ୍ୟରତ ମା' ତାରିଣୀ ଆମ୍ବୁଲାନ୍ସ ସଂଘର ନୂତନ କର୍ମକର୍ତା ଚୟନ ଜୋବ୍ରା ସ୍ଥିତ ଆଖଣ୍ଡଳମଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତିକ୍ରମେ ସଂଘର ଉପଦେଷ୍ଟା ଭାବେ ହେମେନ୍ଦ୍ର ସାମଲ, ସଭାପତି ଅମିତ ନାୟକ, ଉପସଭାପତି ଶ୍ୱେତ ନାୟକ, ସମ୍ପାଦକ ନିରଞ୍ଜନ ନାୟକ, କୋଷାଧ୍ୟକ୍ଷ ଜ୍ଞାନରଞ୍ଜନ ସ୍ୱାଇଁ, ଯୁଗ୍ମ କୋଷାଧ୍ୟକ୍ଷ ପ୍ରଫୁଲ ମାଡଗୁଲଙ୍କୁ ଚୟନ କରାଯାଇଥିବା ବେଳେ ସଭ୍ୟ ଭାବେ ପ୍ରତାପ ଚନ୍ଦ୍ର ବେହେରା, ଏସ.କେ ହୁସେନ, ସୁରେନ୍ଦ୍ର ନାୟକ, ଅଜିତ ନାୟକ, ସୁଶାନ୍ତ ବାରିକ, ପ୍ରଶାନ୍ତ ନାୟକ, ଏସ.କେ ମଜନୁ ପ୍ରମୁଖଙ୍କୁ ଚୟନ କରାଯାଇଛି ।

# ଟାଟା ଆସେଟ୍‌ର ଅଭିନବ ମୋବାଇଲ ଆପ୍

ଭୁବନେଶ୍ୱର, (ସବ୍ୟୁ) : ଟାଟା ଆସେଟ୍ ମ୍ୟାନେଜମେ ପକ୍ଷରୁ ଏକ ଅଭିନବ ମୋବାଇଲ୍ ଆପ୍ ଶୁଭାରମ୍ଭ କରାଯାଇଛି ଯାହା ବ୍ୟବହାରକାରୀମାନଙ୍କୁ ସେମାନଙ୍କରଆର୍ଥିକ ଜଗତର ଏକ ସମ୍ପୂର୍ଣ୍ଣ ଚିତ୍ର ଦେବା ପାଇଁ ଉଦ୍ଦିଷ୍ଟ। ବ୍ରାଣ୍ଡ ପ୍ଲାଟଫର୍ମ ଅଧୀନରେ ଏହି ଆପ୍ ସରଳତା, ବୁଦ୍ଧିମତା ଏବଂ ପର୍ସନାଲାଇଜେସନକୁ ଏକତ୍ରିତକରିଛି। ଏହି ମୋବାଇଲ୍ ଆପ୍ ଶୁଭାରମ୍ଭ ହେଉଛି ନିବେଶକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଏକ ବଡ଼ ପଦକ୍ଷେପ। 'ଏକ ଆପ୍–ଏକ ଦୃଶ୍ୟ–ଅନନ୍ତ ସୁଯୋଗ' ବ୍ରାଣ୍ଡ ପ୍ରତିଶ୍ରୁତି ସହିତ ଏହି ଆପ୍ ନିବେଶକମାନଙ୍କୁ ଶିଖିବାରୁ ଆରମ୍ଭ କରି ନିବେଶ ଏବଂ ଆର୍ଥିକ ଲକ୍ଷ୍ୟ ଉପରେ ନଜର ରଖିବା ପର୍ଯ୍ୟନ୍ତ ସବୁ କିଛି ଦେଇଥାଏ।ଏହି ଆପରେ ଅନେକ ବିଶେଷତା ରହିଛି, ଯଥା, ଆର୍ଥିକ ରୋଡମ୍ୟାପ୍ ଯାହା ଲକ୍ଷ୍ୟ ସ୍ଥିର କରିବା ଏବଂ ଟ୍ରାକ୍‌କରିବା ପାଇଁ ଉଦ୍ଦିଷ୍ଟ। ପୋର୍ଟଫୋଲିଓ ୩୬୦ଯାହାକୁ ମ୍ୟୁଚୁଆଲ୍ ଫଣ୍ଡ, ଇକ୍ୱିଟି ଏବଂ ବ୍ୟାଙ୍କ ଆକାଉନ୍ଟକୁ ଏକାଠି ଦେଖିବା ପାଇଁ ବ୍ୟବହାର କରାଯାଇଥାଏ। ଫାୟାର କ୍ୟାଲକୁଲେଟର ଯାହା ଅବସରଯୋଜନା ପାଇଁ ଉଦ୍ଦିଷ୍ଟ। ଏଥିରେ ବିନିଯୋଗ ପସନ୍ଦକୁ ସେଭ୍ କରିବା ପାଇଁ ସ୍ମାର୍ଟ କାର୍ଟ ରହିଛି। ଏଥିରେ ବିନିଯୋଗକାରୀଙ୍କୁ ପ୍ରତ୍ୟେକ ପଦକ୍ଷେପରେମାର୍ଗଦର୍ଶନ ଦେବା ପାଇଁ ଶିକ୍ଷଣିୟ ମଡ୍ୟୁଲ୍ ଏବଂ ଚାଟବଟ୍ ସମର୍ଥନ ମଧ୍ୟ ରହିଛି।ଟାଟା ଆସେଟ୍ ମ୍ୟାନେଜମେର ମୁଖ୍ୟ ବିତରଣ ଏବଂ ଡିଜିଟାଲ୍ ଅଧିକାରୀ ହେମନ୍ତ କୁମାର କହିଛନ୍ତି, ଏକ ଆପ୍। ଏକ ଦୃଶ୍ୟ। ଅନନ୍ତ ସୁଯୋଗକେବଳ ଏକ ଟ୍ୟାଗଲାଇନ୍ ନୁହେଁ ଏହା ଆମେ ଯାହା ପ୍ରଦାନ କରୁଛୁ ତାହାର ମୂଳ କେନ୍ଦ୍ର ଅଟେ। ଆଜିର ନିବେଶକମାନେ ଏକ ବୁଦ୍ଧିମାନ ପ୍ଲାଟଫର୍ମଚାହାଁନ୍ତି ଯାହା ସେମାନଙ୍କୁ ସେମାନଙ୍କର



ସମସ୍ତ ଆର୍ଥିକ ସମ୍ପତି ଉପରେ ସ୍ୱଷ୍ଟତା ଏବଂ ନିୟନ୍ତ୍ରଣ ଦେଇଥାଏ। ଏହି ଆପ୍ ସବୁକିଛି ଏକାଠି କରିଛି। ତାହା ହେଉଛି ସିମଲେସ୍ ଟ୍ରାକିଂ, ଏକ ଦୃଶ୍ୟ ପୋର୍ଟଫୋଲିଓ ଏବଂ ଏକ ବ୍ୟକ୍ତିଗତ ଅନୁଭୂତି ଯାହା ବ୍ୟବହାରକାରୀଙ୍କୁ ଆତ୍ମବିଶ୍ୱାସ ସହିତ ନିବେଶ କରିବାରେସଶକ୍ତ କରିବ। ଏହା ଆମର ନବୀନିକରଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଯେତେବେଳେ ଧନ ସୃଷ୍ଟିକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟକରିଥାଏ।ଏହି ଡିଜିଟାଲ୍ ରୂପାନ୍ତରଣ ଏବଂ ନୂତନ ରୂପ ସହିତ, ଟାଟା ଆସେଟ୍ ମ୍ୟାନେଜମେ ନୂତନ ଯୁଗର ନିବେଶକଙ୍କ ଆବଶ୍ୟକତାକୁ ଅନୁକୂଳ କରିବା ସହିତବିଶ୍ୱାସର ନୀତିକୁ ଅଗ୍ରସର କରୁଛି।ନୂତନ ଆପଟି ଆପ୍ ଷ୍ଟୋର୍ ଏବଂ ଗୁଗୁଲ୍ ପ୍ଲେ ଷ୍ଟୋରରେ ଡାଉନଲୋଡ୍ ପାଇଁ ଉପଲବ୍ଧ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ମହାସ୍ନାନ, ଦର୍ଶନ ପାଇଁ ଭକ୍ତଙ୍କ ଗହଳି

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି । ବୁଧବାର ପ୍ରତ୍ୟୁଷରେ ମନ୍ଦିରର ଦ୍ୱାର ଖୋଲି ଠାକୁରଙ୍କୁ ନିଦ୍ରାରୁ ଉଠାଯାଇଥିଲା । ମଙ୍ଗଳଆଳତୀ, ମାଦିଳା ଓ ସୁବାଷିତ ଜଳ ସିଞ୍ଚନ କରି ପ୍ରଥମେ ବଳଭଦ୍ରଙ୍କୁ ଭୋଗ ମଣ୍ଡପକୁ ପହଣ୍ଡି ବିଜେ କରାଯାଇଥିଲା । ସମସ୍ତ ଠାକୁରଙ୍କ ସମ୍ମୁଖରେ ସୁବାଷିତ ଜଳ ସିଞ୍ଚନ କରାଯାଇଥିଲା । ସ୍ନାନମଣ୍ଡପରେ ମହାପ୍ରଭୁ ବଳଭଦ୍ର, ଦେବୀ ଶୁଭଦ୍ରା, ଶ୍ରୀ ଜଗନ୍ନାଥ ଓ ଶ୍ରୀ ସୁଦର୍ଶନଙ୍କ ସମେତ ଚଳନ୍ତି ପ୍ରତିମା ମୋଦନମୋହନ ଓ ଦେବାଦେବୀ ବିଜେ କରିଥିଲେ । ଗଙ୍ଗା ଆହ୍ୱାନ ପରେ ତିନି ମୁଖ୍ୟ ପୂଜକଙ୍କ ସଂକଳ୍ପ ପରେ ପଞ୍ଚାମୃତ ଶୋଧନ ହୋଇ ୧୦୮ କଳସ ଜଳରେ ମହାସ୍ନାନ ହୋଇଥିଲା । ସ୍ନାନସାରି ଚନ୍ଦନଲାଗି ଫୁଲ, ଚୁଳିଆ ବେଶ ପରେ ଦ୍ୱାରପାଳ ସୂର୍ଯ୍ୟପୂଜା ଓ ଅବକାଶ ନୀତି ସକାଳେ ଶେଷ ହୋଇଥିଲା । ଏହାପରେ ଆରମ୍ଭ ହୋଇଥିଲା ସାହଣ ମେଳା ।



ରାତ୍ରିରେ ସମସ୍ତ ନୀତି ସମ୍ପୂର୍ଣ୍ଣ ହେବା ପରେ ତିନିଠାକୁର ଗଜାନନ ବେଶରେ ଭକ୍ତମାନଙ୍କୁ ରାତି ୧୨ଟା ପର୍ଯ୍ୟନ୍ତ ଦର୍ଶନ ଦେଇଥିଲେ । ରାତି ୧୨ଟା ସମୟରେ ଠାକୁରଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା । ମନ୍ଦିର ପରିଚ୍ଛା ଦୁର୍ଗାଚରଣ ଜିତବାବୁ ଅଁଳାପତ୍ର ଲାଗି କରିଥିଲେ । ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇ ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ତ ବାସୁଦେବ ମନ୍ଦିର ସମ୍ମୁଖ ବାଟରେ ଦହିଭୋଗ ଓ ଦେବଦାସୀ ଦ୍ୱାରା ଗୀତଗୋବିନ୍ଦ ପାଠ କରାଯାଇଥିଲା । ଏହାପରେ ଗୋଟି ପହଣ୍ଡିରେ ଠାକୁର ଅଣସର ଘରକୁ ପ୍ରବେଶ କରିଥିଲେ । ପାର୍ଶ୍ୱ ଦେବତାଙ୍କୁ ଗଙ୍ଗାଯମୁନାଙ୍କ ସମ୍ମୁଖରେ ଆହ୍ୱାନ କରାଯାଇ ପ୍ରତିଷ୍ଠା କରାଯାଇଥିଲା । ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ପୂଜିତ ହୋଇ ଶ୍ରୀଜୀଉ ମାନେ ଅଣସର ଘରେ ରହିବେ । ରାତିରେ ମନ୍ଦିରର ସିଂହଦ୍ୱାର କବାଟ ବନ୍ଦ ହୋଇଥିଲା । ଏହି ୧୫ଦିନ ଶ୍ରୀଜୀଉ ମାନଙ୍କର ଅଣସର ସମୟ ପୂଜାନୀତି ଉତ୍ତରଦ୍ୱାର ବା ହାତୀଦ୍ୱାର ବାଟେ ସମ୍ପୂର୍ଣ୍ଣ ହେବ । ଶ୍ରୀଜୀଉ ମାନଙ୍କର ସ୍ନାନ ନୀତି ଦେଖିବା ପାଇଁ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗିରହିଥିଲା । ଶାନ୍ତିଶୃଙ୍ଖଳା ରକ୍ଷିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଅନୁରୂପ ରିତିନୀତି ଅନୁସାରେ ବାଣ୍ଡିଆ ଜଗନ୍ନାଥ ମନ୍ଦିରରେ ମଧ୍ୟ ଦେବସ୍ନାନ ଓ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା ।

# ଚିକିତ୍ସାଧିନ ଗର୍ଭବତୀଙ୍କ ମୃତ୍ୟୁ ରହସ୍ୟ ଖୋଳୁଛି ତଦନ୍ତକାରୀ ଦଳ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟଣାକୁ ନେଇ ଆଜି ଏକ ଦୁଇଜଣିଆ ଡାକ୍ତରୀ ଦଳ ପଂହଁଚି ଘଟଣାର ତଦନ୍ତ କରିଛନ୍ତି । ମାର୍ଚ୍ଚ ୨୯ ତାରିଖରେ ଜଣେ ଗର୍ଭବତୀ ମହିଳାଙ୍କ ଚିକତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଜିଲ୍ଲା ଚିକତ୍ସା ଅଧିକାରୀଙ୍କ ନିର୍ଦ୍ଦେସ କ୍ରମେ ଆଜି ସେଦିନ ଡିୟୁଟିରେ ଥିବା ଡାକ୍ତର, ନର୍ସ, ସୁଇପର ସମସ୍ତଙ୍କୁ ପଚରାଉଚରା କରାଯାଇଛି। ତଦନ୍ତ ପାଇଁ ଡାକ୍ତର ଭି.ସରୋଜିନୀ ଦେବୀ ଓ ଜଣେ ସହଯୋଗୀ ତଦନ୍ତ କରିଛନ୍ତି । ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉଦ୍ଧୁରା ଗ୍ରାମର ଟିକିନା ସାମଲ ନାମକ ଜଣେ ଗର୍ଭବତୀ ମହିଳା, ଭଂଜନଗର ମେଡିକାଲରେ ଚିକିତ୍ସା ପାଇଁ ମାର୍ଚ୍ଚ ୨୬ ତାରିଖରେ ଭର୍ତ୍ତି ହୋଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ୨୯ ତାରିଖ ଦିନ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ମେଡିକାଲରେ ମୃତଦେହ ରଖି ପରିବାର ଲୋକ ଅସନ୍ତୋଷ ଝାଡ଼ିଥିଲେ । ଘଟଣା ସ୍ଥଳରେ ଭଂଜନଗର ପୋଲିସ ପହଞ୍ଚି ବୁଝାସୁଝା ପରେ ମୃତଦେହକୁ ନେଇଥିଲେ ପରିବାର ଲୋକେ । ଏବେ ତିନିମାସ ପରେ ମେଡ଼ିକାଲ ଅଧକ୍ଷ ସୀତାଅଂଶୁ ଶେଖର ଶତପଥୀ ଙ୍କ ଉପସ୍ଥିତି ରେ ଘଟଣାର ତଦନ୍ତ ଚାଲିଛି । ତଦନ୍ତର ଦିଗ କେଉଁ ଆଡ଼କୁ ଯାଉଛି ଏହାକୁ ସମସ୍ତଙ୍କ ଅପେକ୍ଷା ।




# ହକ୍ ପାଇଁ ରାଜରାସ୍ତାରେ ଚାଷୀ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁରରେ ଚଳିତବର୍ଷ ରବିଋତୁ ଧାନ କିଣା ଆରମ୍ଭ ହୋଇଛି । ସରକାର ଟାର୍ଗେଟ ଦେଇନଥିବା ବେଳେ ଚାଷୀ ମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଏହାକୁ ବିରୋଧ କରି ଚାଷୀ ମାନେ ଝାରସୁଗୁଡା ବିଜୁ ଏକ୍ସପ୍ରେସ ୱେର ତାଲବ ଛକ ଠାରେ ନିଜ ହକ୍ ପାଇଁ ରାଜପଥ ଅବରୋଧ କରିଥିଲେ । ଖବର ପାଇ ଶାସନ ଥାନା ପୋଲିସ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା କରିଥିଲେ । ଧାନ ବିକ୍ରିବଟାରେ କୌଣସି ଅସୁବିଧା ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା । ଫଳରେ ଉଭୟ ପଟେ ଅଟକି ରହିଥିବା ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ସୂଚନାଯୋଗ୍ୟ, ରବି ଋତୁରେ ଧାନ ଅମଳ ହୋଇଥିଲେ ମଧ୍ୟ ସରକାର ଟାର୍ଗେଟ ଦେଇନଥିବାରୁ ଚାଷୀ ଅସନ୍ତୋଷ ଦେଖାଯାଇଛି । ପ୍ରତିବାଦ କରି ଗତ ୯ତାରିଖରେ ଚାଷୀ ମାନେ ମୁମ୍ବାଇ–କୋଲକାତା ୫୩ନମ୍ବର ଜାତୀୟ ରାଜପଥର ଚୌଧୁରୀ ଛକ ନିକଟରେ ରାସ୍ତାରୋକ କରିଥିଲେ ।

# କୋକସରାରେ ବିକଶିତ କୃଷି ସଂକଳ୍ପ ଅଭିଯାନ




କୋକସରା,(ସବ୍ୟୁ): କୃଷି ଓ କୃଷକ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ଦେଶର କୃଷି ଓ କୃଷକଙ୍କ ମାନଦଣ୍ଡକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ବିକଶିତ କୃଷି ସଂକଳ୍ପ ଅଭିଯାନ । ଏହି ଅଭିଯାନ ମାଧମରେ ରାଜ୍ୟର ଚାଷୀ ମାନଙ୍କୁ ଉନ୍ନତ ମାନର କୃଷି ବୈଷୟିକ ଜ୍ଞାନ କୌଶଳ ବିକାଶ ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ୨୯ ମେ ରୁ ୧୨ ଜୁନ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ କୃଷି ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ଗୁରୁବାର କୋକସରା ବ୍ଲକ ଡ଼ହଗାଁ ଓ ଆମପାଣି ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠି କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡ଼ହଗାଁ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ପେକ୍ସ ସମ୍ପାଦକ ଡ଼ହଗାଁ କ୍ଷମାନିଧି ବାଗ, ପାଣି ପଞ୍ଚାୟତ ସମ୍ପାଦକ ଲଳିତ କୁମାର ମିଶ୍ର, ଏଡିଓ ସଞ୍ଜୟ କୁମାର ପାତ୍ର, ଚାଷି ବଳରାମ ପୁଝାରି, ପବିତ୍ର ରାଉତ, ଏଲ.ଆଇ ଗିରିଶ୍ୱର ସାହୁ, ଉଦ୍ୟାନ କୃଷି ଅଧିକାରୀ ସୌରଭ କୁମାର ପାଣିଗ୍ରାହୀ, କୃଷି ବୈଜ୍ଞାନିକ ଡ଼.ଶ୍ରଦ୍ଧା ମହାନ୍ତି, ତୁଳସୀ ମାଝୀ, ବିଶ୍ୱଜିତ ମହାନ୍ତି ଉପସ୍ଥିତ ରହି କୃଷି ବୈଜ୍ଞାନିକ ମାନେ ଉନ୍ନତ ମାନର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ । ସେହିପରି ଆମପାଣିରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ବାଣୁଆ, ବିଜେପି ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ତିଲୋତ୍ତମା ନାଏକ, ଆମପାଣି ପେକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, ଚାଷି ଉଦୟ ନାଥ ନାଏକ, ଗୋବର୍ଦ୍ଧନ ମାଝୀ, ଗୋକୁଳ ଚନ୍ଦ୍ର ଯୋଶୀ, କୃଷି ବୈଜ୍ଞାନିକ ଡ଼.ଶ୍ରଦ୍ଧା ମହାନ୍ତି,ଏଡିଓ ସଞ୍ଜୟ କୁମାର ପାତ୍ର, ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ ଉପସ୍ଥିତ ରହି ଚାଷିଙ୍କୁ ଉନ୍ନତ ମାନର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ ଚାଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ କୃଷି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୧୫୭ ଗୋଟି ଜନଜାତି ବହୁଳ ଗ୍ରାମକୁ ଧରତୀ ଆବା–ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଚିହ୍ନଟ

ବରଗଡ଼, (ସବ୍ୟୁ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଉପଲବ୍ଧ ସେବା ଜନସାଧାରଣ ତଥା ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ବରଗଡ଼ ଜିଲ୍ଲାର ସର୍ବମୋଟ ୧୫୭ ଗୋଟି ଜନଜାତି ବହୁଳ ଗ୍ରାମକୁ ଧରତୀ ଆବା – ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ଅମ୍ବାଭୋନା ବ୍ଲକର ୪ଟି ଗ୍ରାମ ଥିବା ବେଳେ ଅତାବିରା ବ୍ଲକର ୭ଟି, ବରଗଡ଼ ବ୍ଲକର ୨ଟି, ବରପାଲି ବ୍ଲକର ଗୋଟିଏ, ଭଟଲି ବ୍ଲକର ୭ଟି, ଭେଡ଼େନ ବ୍ଲକର ଗୋଟିଏ, ବିଜେପୁର ବ୍ଲକର ୨ଟି, ଗାଇସିଲେଟ ବ୍ଲକର ଗୋଟିଏ, ଝାରବନ୍ଧ ବ୍ଲକର ୧୩ଟି, ପଦ୍ମପୁର ବ୍ଲକର ୪ଟି, ପାଇକମାଳ ବ୍ଲକର ୧୧୦ଟି, ସୋହେଲା ବ୍ଲକର ୫ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି । ସୂଚନାଯୋଗ୍ୟକି, ଆଗାମୀ ଦିନରେ ଜନଜାତି ଲୋକଙ୍କର ଆବଶ୍ୟକତାକୁ ଚିହ୍ନଟ ତଥା ଉପଲବ୍ଧି ପୂର୍ବକ ସମସ୍ତ ବିଭାଗ ଦ୍ୱାରା ସଂତୃପ୍ତିକରଣ ଦିଗରେ ଜନସାଧାରଣଙ୍କ ସଂପୃକ୍ତି ତଥା ସହଭାଗିତାକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଜୁନ ୧୨ ତାରିଖରୁ ଜୁନ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି । ଏହି ପରିପ୍ରେକ୍ଷିରେ ଏକ ସଚେତନତା ରଥ ମାଧ୍ୟମରେ ଯୋଗ୍ୟ ଲାଭାର୍ଥୀ ମାନଙ୍କୁ ଆଧାର କାର୍ଡ, ରାସନ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତି ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣପତ୍ର, କିଷାନ୍ କ୍ରେଡିଟ କାର୍ଡ, ଜନ ଧନ ଆକାଉଣ୍ଟ, ବାର୍ଦ୍ଧକ୍ୟ/ବିଧବା/ଭିନ୍ନକ୍ଷମ ଭତ୍ତା ତଥା ଅନ୍ୟାନ୍ୟ ବିଭାଗଦ୍ୱାରା ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ । ଏକ ସଚେତନତା ରଥ ମଧ୍ୟ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଶିବିରରେ ପହଞ୍ଚିବ । ତତ୍ ସହିତ ବିଭିନ୍ନ ବିଭାଗ ଦ୍ୱାରା ଶିବିରରେ ଆବଶ୍ୟକ ସେବା ଯୋଗାଇ ଦିଆଯିବ । ତେଣୁ, ଜିଲ୍ଲାର ସମସ୍ତ ଜନସାଧାରଣ ନିଜ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେଉଥିବା ସଚେତନତା ଶିବିରରେ ଯୋଗଦେଇ ସାମୁହିକ ତଥା ବ୍ୟକ୍ତିଗତ ଆବଶ୍ୟକତାର ଦାବୀ ଉପସ୍ଥାପନ କରିବା ସହ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ନିଅନ୍ତୁ ବୋଲି କୁହାଯାଇଛି ।

# ଟାଉନ ହାଇସ୍କୁଲରେ ଶୋକସଭା

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଟାଉନ ହାଇସ୍କୁଲ ଠାରେ ପୂର୍ବତନ ଛାତ୍ର ପ୍ରଫୁଲ୍ଲ ପ୍ରଧାନ ଓ ମଙ୍ଗଳ ମହାକୁଡଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କୈଳାଶ ଚନ୍ଦ୍ର ମିସ୍ତ୍ରୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ୍ ନୀରବ ପ୍ରାର୍ଥନା ପାଇଁ ଅନୁରୋଧ କରିଥିଲେ। ସଭ୍ୟ ଗୋରେଖଲାଲ ଦାଶ, ପ୍ରମୋଦ କୁମାର ମିଶ୍ର ଓ ସୁରେନ୍ଦ୍ର ମୋହନ ନାଥ ସ୍ୱର୍ଗତଙ୍କ ଗୁଣାବଳୀ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ କୈଳାଶ ପଣ୍ଡା, ଅଶ୍ୱିନୀ ମହାପାତ୍ର, ଅଭେଦାନନ୍ଦ ପାଣିଗ୍ରାହୀ, ବଳରାମ ମଟାରୀ, ସୁରେନ୍ଦ୍ର ନାଏକ, ବିବେକାନନ୍ଦ ଗୁରୁ, ଲକ୍ଷ୍ମଣ ସଲିମା, ହିମାଂଶୁ ବିଶ୍ୱାଳ ଓ ସଦାନନ୍ଦ ଭାଇସଲ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ କୁଲି ମେହେର ସମାଜର ଜିଲ୍ଲାସ୍ତରୀୟ ବୈଠକ

ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ଭେଡେନ ସ୍ଥିତ ସମଲେଶ୍ୱରୀ କଲ୍ୟାଣ ମଣ୍ଡପ ଠାରେ ନିଖିଳ ଉତ୍କଳ କୁଲି ମେହେର ସମାଜର ବରଗଡ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତିର ବିଶିଷ୍ଟ ବ୍ୟକ୍ତି ଦଶରଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁଦାମ ମେହେର , ସନ୍ତୋଷ ମେହେର, ସୁଦାମ ମେହେର , ତିଲ ମେହେର , ରୋହିତ ମେହେର , ମହେନ୍ଦ୍ର ମେହେର, ଶିବପ୍ରସାଦ ମେହେର ପ୍ରମୁଖଙ୍କୁ ସମ୍ମାନିତ କରି ଆସିନ କରାଯାଇଥିଲା । ମାଁ ସମଲେଇ ଓ କରମସାନୀଙ୍କ ଠାରେ ପୂଜାର୍ଚ୍ଚନା କରି ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।

ନିଜ ଜାତିର ଉନ୍ନତି ବିଷୟରେ ଅତିଥି ଗଣ ଆଲେଚନା କରିଥିଲେ। ରାଜ୍ୟ ଉପସଭାପତି ତିଲ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଜିଲ୍ଲାର ସମସ୍ତ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ନୂତନ ଜିଲ୍ଲା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମଧୁସୂଦନ ମେହେର ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବରେ ରୋହିତ ମେହେର ଓ ପୁରନ ମେହେର, ସମ୍ପାଦକ ଭାବରେ ସୁଦାମ ମେହେର, ସହ ସମ୍ପାଦକ ଭାବରେ ସନ୍ତୋଷ ମେହେର ଓ ରତନ ମେହେର , କୋଷାଧ୍ୟକ୍ଷ ଭାବରେ ନିବାସ ମେହେର ଓ ସହ କୋଷାଧ୍ୟକ୍ଷ ଭାବରେ ମାୟାଧର ମେହେର ନିର୍ବାଚିତ ହୋଇଥିଲେ । ଏହି ସଭାରେ ବରଗଡ ଜିଲ୍ଲା ଅନ୍ତର୍ଗତ ସମସ୍ତ ଗ୍ରାମରୁ କୁଲି ମେହେର ଜାତିର ପ୍ରତିନିଧି ତଥା ଜାତିଭାଇ ଯୋଗଦେଇ ସଭାକୁ ସଫଳ କରିଥିଲେ। ଭେଡେନ ଗ୍ରାମର ସମସ୍ତ ଗ୍ରାମବାସୀ ଗଣ ସହଯୋଗ ପ୍ରଦାନ କରିଥିଲେ । ସନ୍ତୋଷ ମେହେର ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ମନୋଜ ମେହେର ପରିଚାଳନାରେ ସହଯୋଗ କରିଥିଲେ ।

# କୋକସରା ଆଞ୍ଚଳିକ ଡମ୍ଭ ସମାଜର ବୈଠକ

କୋକସରା,(ସବ୍ୟୁ): କୋକସରା ବ୍ଲକ ଆଞ୍ଚଳିକ ଡମ୍ଭ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କୋକସରା ଧାନ ମଣ୍ଡି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଡମ୍ଭ ସମାଜର ବ୍ଲକ ସଭାପତି ବନମାଳୀ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଞ୍ଚରେ ଅତିଥୀ ଦେବାନନ୍ଦ ନାଏକ, ଭାବେ ଗୋବର୍ଦ୍ଧନ ବାଗ, ମାର୍କଣ୍ଡ ବେମାଲ, ହୀରାଲାଲ ବାଗ, ବଳରାମ ବାଗ ଓ ବ୍ଲକ ସମ୍ପାଦକ ଧବଳେଶ୍ୱର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବ୍ଲକରେ ନିର୍ମାଣାଧିନ ଡମ୍ଭ ସମାଜର କୋକସରା ଓ କାଉଡୋଲା ଭବନକୁ ଶୀଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମ୍ପାଦନ କରିବାକୁ ଆଲୋଚନା କରିଥିଲେ। କୋକସରା ଠାରେ ନିର୍ମିତ ଡମ୍ଭ ସମାଜର ଭବନ ପାଇଁ ପୂର୍ବରୁ ଗୋବର୍ଦ୍ଧନ ବାଗ ୨ ଡେସମିଲ ଜାଗା ଦାନ କରିଥିବା ବେଳେ ପୁଣି ୨ ଡେସମିଲ ଜାଗା ଦାନ ସହ ରେଜିଷ୍ଟ୍ରେସନ କରିବାକୁ ଘୋଷଣା କରିଥିଲେ। ତେବେ ବୈଠକ ସମୟରେ ବିଶୃଙ୍ଖଳିତ ଆଚରଣ କାର୍ଯ୍ୟ ପାଇଁ ବଳରାମ ବାଗଙ୍କୁ ୧ ବର୍ଷ ପାଇଁ ପ୍ରାଥମିକ ସଦସ୍ୟରୁ ନିଲମ୍ବନ କରାଯାଇଥିବା ଜଣାପଡିଛି। ବୈଠକରେ ଡମ୍ଭ ସମାଜ କମିଟିର ଖାଲି ପଡିଥିବା ସ୍ଥାନରେ ଉପ ସଭାପତି ଭାବେ ପୁରୁଷୋତ୍ତମ ନାଏକ, କୋଷାଧକ୍ଷ ଭାବେ ଖଗେଶ୍ୱର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ରମେଶ ଦୁର୍ଗାଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି। ନୂତନ ପଦାଧିକାରୀଙ୍କୁ ଦେବାନନ୍ଦ ନାଏକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା ବୈକୁଣ୍ଠ ଜାଲ ଓ ଗୋବର୍ଦ୍ଧନ ବେମାଲ କରିଥିଲେ। ବୈଠକରେ କ୍ଷେତ୍ରରାମ ପାତ୍ର, ଅଜୟ ଦୀପ, ଯୁଗେଶ୍ୱର ବେଶ୍ରା, ଉଗ୍ରେସନ ବାଗ, ରାମଚନ୍ଦ୍ର ପାଣିଗ୍ରାହୀ, କୌଶିକ ଦୁରିଆ, ରତ୍ନାକର ବେମାଲ, ପୁରୁଷୋତ୍ତମ ମହାନନ୍ଦ, ପରମେଶ୍ୱର ପାଣିଗ୍ରାହୀ, ଧ୍ୱଜ ମହାନନ୍ଦ, କୁରୁକ୍ଷେତ୍ର ପାଣିଗ୍ରାହୀ, ଚୈତନ୍ୟ ପାଣିଗ୍ରାହୀ, ଡମ୍ବରୁ ଦୁର୍ଗା, ଦୁର୍ଯୋଧନ ଠାକୁର, ଚିନିଲାଲ ବାଗ, ରଘୁନାଥ ଖମାରି, ରସାନନ୍ଦ ଦୁର୍ଗା, ତ୍ରିନାଥ ବେଶ୍ରା ଓ ଅନ୍ୟ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଶ୍ରୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଖପ୍ରାଖୋଲରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା



ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ମିଶନ ଶକ୍ତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ରୂପେ ସିଡିପିଓ ଅମିତା ପଣ୍ଡା,ଉପମୁଖ୍ୟ ମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦ ଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଳ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ପୂର୍ବତନ ତହସିଲ ଦାର ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଅସ୍ମିତା ସହିତ ପାରମ୍ପରିକ ଖାଦ୍ୟ, ପିଠା, ମିଠା ଓ ଜଳଖିଆ ର ସ୍ଥାନ ସ୍ୱତନ୍ତ୍ର । ପୂର୍ବରୁ ଅନେକ ପ୍ରକାରର ପିଠା ଘର ମାନଙ୍କରେ ହେଉଥିବା ବେଳେ ଆଧୁନିକ ଖାଦ୍ୟ ଯୋଗୁଁ ଏହା ପ୍ରଭାବିତ ହେଉଛି। ପାରମ୍ପାରିକ ଖାଦ୍ୟ ଆମ ଶରୀର ଓ ମନକୁ ସୁସ୍ଥ ରଖିଥାଏ ବୋଲି ଅତିଥି ମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା, ମିଠା ଓ ଜଳଖିଆ ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀ ଙ୍କ ମଧ୍ୟରୁ ଦୁଇ ଜଣ ଙ୍କୁ ମାନପତ୍ର ସହିତ ୫ ହଜାର୍ ଓ ୪ ହଜାର ଟଙ୍କା ର ଚେକ୍ ପ୍ରଦାନ କରିବା ସହିତ ଜିଲ୍ଲାସ୍ତରୀୟ ମେଳା ରେ ଭାଗ ନେବାକୁ ମନୋନୀତ କରିଥିଲେ। ଏହିଅବସରରେ ଓ ଏଲ ଏମ ବି ପି ଏମ ପାଙ୍କଜିନି ତରାସିଆ, ବ୍ଲକସ୍ତରୀୟ ସ୍ୱୟଂ ସହାୟକ ମହାସଂଘ ତଥା ବି ଏଲ ଏଫ୍ ସଭାନେତ୍ରୀ କଲ୍ୟାଣୀ ଦୀପ,ସମ୍ପାଦିକା କୁନି ପାଣିଗ୍ରାହୀ ସମେତ ଆଇସିଡ଼ିଏସ ସୁପର ଭାଇଜର, ଏସଏଚଜି ସଦସ୍ୟା ଉପସ୍ଥିତ ଥିଲେ। ମିଶନ ଶକ୍ତି ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜକ ବିଭୂତି ଭୂଷଣ ମିଶ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ ସହିତ ପରିଚାଳନା କରିଥିବା ବେଳେ ଅଭୟ ତ୍ରିପାଠୀ ମଞ୍ଚ ସଂଯୋଜନା କରିଥିଲେ।

# ଶିଶୁ ସୁରକ୍ଷା ସମ୍ପର୍କିତ ବୈଠକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏଡ୍ଏଟ୍ ଆକ୍ସନ ଓ ୟୁନିସେଫ୍ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅସହାୟ ଓ ଅସୁରକ୍ଷିତ ଅବସ୍ଥାରେ ଥିବା ସମସ୍ତ ଶିଶୁକୁ ବିଭିନ୍ନ ଯୋଜନାରେ ଯୋଡିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ, ଜିଲ୍ଲା ସହ ଶ୍ରମ ଅଧିକାରୀ ପୁଷ୍ପାରାଣୀ ମିଞ୍ଜ, ଅତିରିକ୍ତ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ଯୋଗ ଦେଇ ଶିଶୁ ସୁରକ୍ଷା, ଥଇଥାନ, ଶିଶୁ ଶ୍ରମିକ ଆଇନ ଓ ସେମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଡ୍ଏଟ୍ ଆକ୍ସନର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ଜିଲ୍ଲାରେ ଥିବା ବିଭିନ୍ନ ପ୍ରକାର ଅସହାୟ ଶିଶୁ ମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ଟିକ୍ରାପଡା ଚାନ୍ଦ ମନ୍ଦିର ଶ୍ରୀଜୀଉ ମାନଙ୍କର ସ୍ନାନଯାତ୍ରା ଓ ହାତୀ ବେଶ

ବଲାଙ୍ଗିର,(ସବ୍ୟୁ): ପବିତ୍ର ଦେବସ୍ନାନ ପୂର୍ଣ୍ଣମା ଅବସରରେ ସ୍ଥାନୀୟ ଟିକ୍ରାପଡା ସ୍ଥିତ ଶ୍ରୀକ୍ଷେତ୍ର ଚାନ୍ଦ ମନ୍ଦିରରେ ଶ୍ରୀ ଜୀଉମାନଙ୍କର ସ୍ନାନଯାତ୍ରା ଓ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ସକାଳ ଘ.୧୦ ରୁ ଜୀଉମାନଙ୍କର ମହାସ୍ନାନ ଆରମ୍ଭ ହୋଇଥିଲା । କର୍ତ୍ତା ଭାବରେ ଚାନ୍ଦ ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଦୀପ ଚାନ୍ଦଙ୍କ ପୁତ୍ର ଆଲୋକ ଚାନ୍ଦ ଓ ତାଙ୍କ ସହଧର୍ମିଣୀ ଦିପ୍ତିମୟୀ ଚାନ୍ଦ ଶ୍ରୀ ଜୀଉମାନଙ୍କୁ ୧୦୮ କଳସ ସୁବାଷିତ ଜଳ ଢାଳି ରୀତିନୀତିରେ ସ୍ନାନଯାତ୍ରା ସମାପନ କରିଥିଲେ । ସନ୍ଧ୍ୟା ଘ.୫ ରୁ ଶ୍ରୀ ଜୀଉମାନଙ୍କର ହାତୀ ବେଶ ଆରମ୍ଭ ହୋଇଥିଲା । ମହାପ୍ରଭୁଙ୍କୁ ହାତୀ ବେଶ ରେ ସଜାଇ ଥିଲେ ନିମାଇଁ ଚରଣ ହାତୀ, ସତ୍ୟନାରାୟଣ ଶତପଥି । ଗଜାନନ ବେଶରେ ଶ୍ରୀ ଜୀଉଙ୍କୁ ଦର୍ଶନ କଲେ ଜଣା ଅଜଣାରେ ଅର୍ଜିତ ସମସ୍ତ ପତକ ଖଣ୍ଡନ ହୋଇ କୋଟି ପୁଣ୍ୟଫଳ ମିଳୁଥିବାର ବିଶ୍ୱାସ ରହିଛି । ଏଣୁ ରାତ୍ର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ହାତୀବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଏହି ଅବସରରେ କମିଟି ପକ୍ଷରୁ କର୍ତ୍ତନ୍ୟ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ସୁଧିର ଚାନ୍ଦ, ଦୀପକ ଚାନ୍ଦ, ରାଜିବ ମିଶ୍ର, ପଦ୍ମଲୋଚନ ଯୋଷୀ, ରଞ୍ଜିତ ପଣ୍ଡା, ମହେନ୍ଦ୍ର ବାଗ, ଛାୟାକାନ୍ତ ସାହୁ, ଶିବ ଶଙ୍କର ନାୟକ, ସମ୍ବିତ ପତି, ଅଶୋକ ଚାନ୍ଦ, ଅନିଲ ଠାକୁର, ଚନ୍ଦନ ସରକାର, ଜୟକୃଷ୍ଣ ପଟେଲ ଓ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ମିଶ୍ର ସହଯୋଗ କରି ଥିଲେ ।

# ଗଜାନନ ବେଶରେ ଦର୍ଶନ ଦେଲେ ଭାବଗ୍ରାହୀ

ସମ୍ବଲପୁର,(ସବ୍ୟୁ): ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ସାରା ରାଜ୍ୟରେ ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସହରରେ ଭାବଗ୍ରାହୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନଯାତ୍ରା ପରେ ଗଜାନନ ବେଶ ହୋଇଥିଲା । ବିଧି ଓ ପରମ୍ପରା ଅନୁଯାୟୀ ଭୋର ସମୟରେ ମହାପ୍ରଭୂ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସ୍ନାନ କରାଯାଇଥିଲା । ପରେ ମହାପ୍ରଭୂ ଗଜାନନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ । ସ୍ନାନ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ବିଶେଷ ସମାଗମ ହୋଇଥିଲା । ପରମ୍ପରା ଅନୁଯାୟୀ ବ୍ରହ୍ମପୁରା ମନ୍ଦିରରୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରା ସେନାପଟା ଲାଗି ହେବା ପରେ ଧାଡ଼ି ପହଣ୍ଡିରେ ଭୋର ସାଢେ ୪ ଟାରେ ଗମ୍ଭୀରାରୁ ସ୍ନାନ ମଣ୍ଡପକୁ ଆସିଥିଲେ । ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ପରମ୍ପରା ଅନୁସାରେ ମନ୍ଦିର ଚୂଡ଼ାର ଧ୍ୱଜା ପରିବର୍ତ୍ତନ କରାଯାଇ ନୂତନ ଧ୍ୱଜା ଲଗାଯାଇଥିଲା । ପରେ ଝାଡୁଆପଡ଼ାର ଏକ ପୁରାତନ କୂଅରୁ ଅଣା ଯାଇଥିବା ୧୦୮ ଗରା ଜଳରେ ଅଗୁର, ସର୍ବଔଷଧୀ, ଚନ୍ଦନ, କର୍ପୁର, ଗୋଲାପ ଜଳ, ବିଭିନ୍ନ ତୀର୍ଥ କ୍ଷେତ୍ରରୁ ସଂଗୃହୀତ ଜଳ ମିଶ୍ରଣ କରାଯାଇଥିଲା । ସେହି ପବିତ୍ର ସୁବାସିତ ଜଳରେ ବିଗ୍ରହ ମାନେ ସ୍ନାନ କରିଥିଲେ । ଝାଡ଼ୁଆପଡ଼ାର ବ୍ରହ୍ମପୁରା ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଳେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତ୍ରାର ରାମଜୀ ମଠ, ଧନୁପାଲିର ଗୋପାଲଜୀ, କମଳିବଜାରର ଗୋପାଲଜୀମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଛି । ସ୍ନାନବେଦୀରେ ସାନ୍ଧ୍ୟ ଆଳତୀ ପରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯାଇଥିଲା ।

# ଫ୍ଲାଇଓଭରକୁ ନେଇ ଚେଇଁଲେ ବିଧାୟକ



ରାୟଗଡା,(ସବ୍ୟୁ): ରାୟଗଡ଼ା ସହର ମଧ୍ୟରେ ଥିବା ଫ୍ଲାଇଓଭର ଅତି ଦୟନୀୟ ଏବଂ ବିପଦ ସଙ୍କୁଳ ଏନେଇ ପ୍ରଶାସନ ଶୋଇଥିବା ବେଳେ ଚେଇଁଲେ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ । ବୁଧବାର ସୁନାବେଡା ଠାରୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଡାକି ଏହି ବିପଦ ସଙ୍କୁଳ ଫ୍ଲାଇଓଭରକୁ ତନଖିବା ସହିତ ଆଉ କେତେ ଦିନ ମଧ୍ୟରେ ବିପଦ ମୁକ୍ତ ହେବ ବୋଲି ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ରାୟଗଡା ସହରର ଲାଇଫଲାଇନ୍ ବା ଫ୍ଲାଇଓଭର୍ ଏବେ ସଙ୍କଟଘେରରେ । ଏହି ବିପଦ ସଙ୍କୁଳ ପୋଲ ଦେଇ ଯାଆସ କରିବା ଅର୍ଥ ବିପଦକୁ ଆମନ୍ତ୍ରଣ କରିବା ସହ ସମାନ ହୋଇପଡିଛି । ତଥାପି ଏଥିପ୍ରତି ନିଘା ନାହିଁ ଜିଲ୍ଲା ପ୍ରଶାସନର । ୯୩ ମିଟରର ବ୍ରିଜ ଉପରେ ୯୦ ରୁ ଅଧିକ ସ୍ଥାନରେ ଗାତ ହେବା ସାଙ୍ଗକୁ ଫାଟ ସୃଷ୍ଟି ହୋଇଛି । ଉଭୟ ପାର୍ଶ୍ୱରୁ ବିଭିନ୍ନ ଗଛ ଲତା ୩୪ଟି ସ୍ଥାନରେ ବର୍ଷ ବର୍ଷ ହେଲା ବାହାରି ଫାଟ ସୃଷ୍ଟି ହୋଇ ଜରାଜୀର୍ଣ୍ଣ ଅବସ୍ଥା ହେଲାଣି। ଏହା ଉପର ଦେଇ ପ୍ରତି ଦିନ ଶହଶହ ଯାନ ଯାତାୟତ କରୁଛି ।ପୋଲର ଉପର ଆବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଏହାର ଭିତର ଚଟାଣ ମଧ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି । ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଛି ।

ପ୍ରତିକାର ସ୍ୱରୂପ ନିୟମିତ ବ୍ୟବଧାନରେ ବାଲି ଗୋଡି ପକାଇ ସିମେଣ୍ଟ ଚଟାଣକୁ ମରାମତି କରାଯାଉଛି। କିନ୍ତୁ ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଏନେଇ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ନିର୍ବାଚିତ ହେବା ପରେ ବିଧାନସଭାରେ ପ୍ରଶ୍ନ କରିଥିଲେ । ସେଥିରେ କହିଛନ୍ତି ମରାମତି ଏବଂ ପୁନରୁଦ୍ଧାର ପାଇଁ ଅଟକଳ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ମନ୍ତ୍ରଣାଳୟ ପଠାଯାଇଛି ବୋଲି ୧୦ମାସ ତଳେ ଲିଖିତ ଦେଇଥିଲେ । କିନ୍ତୁ ଆଜି ଯାଏ କିଛି କାମ ହୋଇ ନଥିଲା । ଅଳ୍ପ କିଛି ଦିନ ତଳେ ବଡ଼ ଦୁର୍ଘଟଣା ଘଟିଥିଲା। କିନ୍ତୁ ମା ମଝିଘରିଆଣୀ କୃପାରୁ କାହାର ଜୀବନ ହାନୀ ହୋଇନାହିଁ । ଏନେଇ ରାୟଗଡା ଠାରେ ଥିବା ଜାତୀୟ ରାଜପଥ କାର୍ଯ୍ୟାଳୟକୁ ବିଧାୟକ ଯିବା ବେଳେ ଏଠାରେ କେବଳ ପିଅନ ଭରସା ଚାଲିଛି ବିଭାଗ। ଯାହା କୌଣସି କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ତେଣୁ ବିଧାୟକ ଜାତୀୟ ରାଜପଥ କାର୍ଯ୍ୟାଳୟ ସୁନାବେଡାର ଅଧିକ୍ଷଣ ଯନ୍ତ୍ରୀ ସୌମାର୍ଜିନୀ ସେଠୀଙ୍କୁ ରାୟଗଡ଼ା ଫ୍ଲାଇଓଭର ତଦାରଖ ପାଇଁ କହିଥିଲେ । ସେ ଆଜି ତଦାରଖ ପାଇଁ ଆସିବେ ବୋଲି ୩୦ ମିନିଟ ଫ୍ଲାଇଓଭର ଉପରେ ଅପେକ୍ଷା କରି ରହିଥିଲେ। ଯେତେବେଳେ ଯନ୍ତ୍ରୀ ଆସିଲେ ପ୍ରଥମେ ଗଛ ଗୁଡିକ ଦେଖାଇ କହିଥିଲେ ଏହା ଦ୍ୱାରା ବ୍ରିଜର କ୍ଷତି ହେଉଛି ନା ଉପକାର ହେଉଛି । ଦୀର୍ଘ ବର୍ଷ ହେଲା ଚେର ମାଡି ଫଟାଇ ଦେଉଛି ଚଟାଣକୁ ବୋଲି କହିଥିଲେ ବିଧାୟକ।

ଏହାର ମରାମତି କାମ ପାଇଁ ୪ଥର ଟେଣ୍ଡର ଡକାଗଲା କିନ୍ତୁ କେହି ଭାଗ ନେଉ ନାହାଁନ୍ତି। ତେଣୁ ବିଳମ୍ବ ହୋଇଛି ବର୍ତ୍ତମାନ ପଞ୍ଚମ ଥର ଟେଣ୍ଡର ଡକାଗଲା ଏଥିରେ ଦୁଇ ଜଣ ଭାଗ ନେଇଛନ୍ତି। ଅଳ୍ପ ଦିନ ମଧ୍ୟରେ କାମ ଆରମ୍ଭ ହେବ । ପାଦଚଲା ରାସ୍ତା ମରାମତି , ପାରାପିଟ ମରାମତି ଏବଂ ବ୍ରିଜ ଉପରେ ଥିବା ସିମେଣ୍ଟ ହଟାଇବା ସହିତ ସମ୍ପୂର୍ଣ୍ଣ ବେରିଙ୍ଗ କୋଟ ଦିଆଯିବ । ତଳ ପଟରୁ ଯାହା ସମସ୍ୟା ରହିଛି ମରାମତି କରାଯିବ। ଯେଉଁ ଗଛ ଗୁଡିକ ରହିଛି ଦୁଇ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ବାହାର କରାଯିବ ବୋଲି କହିଛନ୍ତି ଅଧିକ୍ଷଣ ଯନ୍ତ୍ରୀ ସୌମାର୍ଜିନୀ ସେଠୀ। ଆଗାମୀ ଦିନରେ ସହର ଜନ ଗହଳି ହେତୁ ନୂତନ ଫ୍ଲାଇଓଭର ପାଇଁ ସରକାରଙ୍କୁ ଅତିଶୀଘ୍ର ପ୍ରସ୍ତାବ ଦିଆଯିବ ଏବଂ ଜିଲ୍ଲାରେ ଯେଉଁ ଜାତୀୟ ରାଜପଥ ବିଭାଗ ରହିଛି ସେଠାରେ ତୁରନ୍ତ ନିର୍ବାହୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପାଇଁ ମଧ୍ୟ ଲିଖିତ ଦିଆଯିବ ବୋଲି କହିଛନ୍ତି ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ।

# ଜିଲ୍ଲା ରେଡକ୍ରସର ପୂର୍ବତନ ସମ୍ପାଦକ ଜୟ ଜର୍ଜଙ୍କ ପରଲୋକ



ସମ୍ବଲପୁର,(ସବ୍ୟୁ): ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ସମାଜସେବୀ ତଥା ଜିଲ୍ଲା ରେଡକ୍ରସ ସୋସାଇଟିର ପୂର୍ବତନ ସମ୍ପାଦକ ଜୟ ଜର୍ଜ(୭୯)ଙ୍କ ହୃଦ୍ଘାତରେ ପରଲୋକ ହୋଇଯାଇଛି । ଏହି ଖବର ଜଣାପଡିବା ପରେ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । ସୂଚନାଯୋଗ୍ୟ, ଜୟ ଜର୍ଜ ୮ଅକ୍ଟୋବର,୧୯୪୬ରେ କେରଳର ତ୍ରାଭଙ୍କର ଠାରେ ଜନ୍ମଗ୍ରହଣ କରିଥିଲେ । ସନାତନ ଧର୍ମ ବିଦ୍ୟାଶାଳା ଠାରୁ ଶିକ୍ଷା ଲାଭ ପରେ ସମ୍ବଲପୁର ଓ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ବିଭାଗୀୟ ଦାୟିତ୍ୱରେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ । ୨୦୦୫ରେ ଓଡିଶା ପ୍ରଶାସନିକ ସେବାରୁ ଅବସର ନେବା ପରେ ରେଡକ୍ରସର ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ୨୦୧୮ ମସିହାରେ ତାଙ୍କୁ ଶ୍ରେଷ୍ଠ ବରିଷ୍ଠ ନାଗରିକ ଭାବେ ଓଡିଶା ସରକାରଙ୍କ ସାମାଜିକ ବିଭାଗ ଦ୍ୱାରା ସମ୍ମାନିତ କରାଯାଇଥିଲା । ଚଳିତବର୍ଷ ଜାନୁଆରୀ ମାସରୁ ସେ ରେଡକ୍ରସ ସମ୍ପାଦକ ଦାୟିତ୍ୱରୁ ଅବ୍ୟାହତି ନେଇଥିଲେ । ଆଜି ଭୋର ସାଢେ ୪ଟାରେ ଭୁବନେଶ୍ୱର ସ୍ଥିତ ତାଙ୍କ ପୁଅ ଘର ଅଗଣାରେ ପ୍ରାତଃ ଭ୍ରମଣ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ । ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଲିଲି କେ, ପୁଅ ବିଜୟ ଜର୍ଜ, ଝିଅ ବିନିତା ଓ ବିସ୍ମିତା ଜର୍ଜ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, କେରଳର ସ୍ୱାଧିନତା ଆନ୍ଦୋଳନର ଆଗଧାଡିର ସଂଗ୍ରାମୀ, ସିପିଆଇର ପ୍ରତିଷ୍ଠାତା ନେତା, ଇଏମ୍ଏସ୍ ନମ୍ବୁଦିପଦଙ୍କ ନେତୃତାଧିନ ବିଶ୍ୱର ପ୍ରଥମ ନିର୍ବାଚିତ କମ୍ୟୁନିଷ୍ଟ ସରକାରରେ ମନ୍ତ୍ରୀ ଥିବା କେପଟେନ୍ କେସି ଜର୍ଜଙ୍କ ପୁଅ ଜୟ ଜର୍ଜ ଥିଲେ ।

# ଭୀମ ଭୋଇଙ୍କ କ୍ଷୀର ପାନ ସମାରୋହ



ରେଢ଼ାଖୋଲ,(ସବ୍ୟୁ): ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥି ହେଉଛି ସନ୍ଥ କବି ଭୀମ ଭୋଇଙ୍କ କ୍ଷୀର ପାନ ଦିବସ । ଏହି ଅବସରରେ ଭୀମଭୋଇଙ୍କ ଗବେଷକ ଅକ୍ଷୟ ମହାକୁଡଙ୍କ ଅଧ୍ୟକ୍ଷତାରେ ବୁଧବାର ମଧ୍ୟାହ୍ନରେ ରେଢ଼ାଖୋଲ ଭୀମଭୋଇ ଛକ ଠାରେ ଥିବା ସନ୍ଥ କବି ଭୀମଭୋଇଙ୍କ ପ୍ରତିମୁର୍ତ୍ତି ନିକଟରେ ଏକ କ୍ଷୀର ପାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଲେଖକ ବସନ୍ତ କୁମାର ବେହେରା, ଅଧ୍ୟାପକ ମାନଭଞ୍ଜନ କଅଁର, ପାଲା ଗାୟିକା ସୁଷମା ରାଣୀ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ଜୟ ପ୍ରକାଶ କେଡିଆ, ରମେଶ ରାୟ, ପବିତ୍ର ପ୍ରଧାନ, ନାରାୟଣ ଝାଙ୍କାର, ବିଦେଶୀ ସାହୁ, ସନ୍ତୋଷ ସାହୁ, ଅମ୍ବୁଜ ସାହୁ ପ୍ରମୁଖ ବହୁ ବ୍ୟକ୍ତି ବିଶେଷ ସାମିଲ ହୋଇ ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ପୂଜାବିଧି, ପୁଷ୍ପମାଲ୍ୟ ଅର୍ପଣ ସହ ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ କ୍ଷୀରପାନ କରାଇଥିଲେ । ଏହି କ୍ଷୀର ପାନ ଦିବସରେ ରେଢ଼ାଖୋଲର ଜନସାଧାରଣ ସାମିଲ ଥିଲେ ।

# ଜିଲ୍ଲାସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଟାଇକୋଣ୍ଡୋ ସଂଘ ତରଫରୁ ପିପି ଏକାଡେମୀ ସଭାଗୃହରେ ଜିଲ୍ଲାସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଟାଇକଣ୍ଡୋ ସଂଘ ସଂପାଦକ ତଥା ଜାତୀୟ ସ୍ତରୀୟ କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ ଯୋଗଦାନ ଦେଇଥିଲେ । ଗତ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଓ ପରିବେଶ ମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ପ୍ରକୃତି ମିତ୍ର ପୁରସ୍କାର ରେ ସମ୍ମାନିତ କରିଥିବାରୁ ମୁଖ୍ୟ ଅତିଥି ଶ୍ରୀ ପଟେଲ ଯୁବ କୁଲୁତା ସମାଜ ସଂଗଠନ ତଥା ଯୁବ ସଭାପତି ଅସୀମ ଭୋଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଛ ଏହି ଟାଇକଣ୍ଡୋ ଖେଳ ମାଧ୍ୟମରେ ଛାତ୍ରୀ ଛାତ୍ର ନିଜକୁ ସୁରକ୍ଷା ଦେବା ସଙ୍ଗେ ନିଜ ଭବିଷ୍ୟତ ଗଠନ କରିବାରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଛନ୍ତି । ଏହି ଟାଇକଣ୍ଡୋ ଅନୁଷ୍ଠାନ ପାଇଁ ଭିତ୍ତି ଭୂମିର ଆବଶ୍ୟକତା ରହିଥିବା ଜିଲ୍ଲା ଟାଇକଣ୍ଡୋ ସଂଘ ସଭାପତି ହେମନ୍ତ ପଣ୍ଡା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଓଡିଶା ଟାଇକଣ୍ଡୋ ସଂଘ ସାଧାରଣ ସଂପାଦକ ତଥା ଆନ୍ତର୍ଜାତୀୟ ଟାଇକଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ଉପସ୍ଥିତ ରହି ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରତିଯୋଗିତାରେ ୮୬ ଜଣ ପ୍ରତିଯୋଗି ଭାଗ ନେଇଥିଲେ । ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନେ ଆଗାମୀ ଜୁଲାଇ ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଇକଣ୍ଡୋ ପ୍ରତିଯୋଗିତାରେ ଭାଗ ନେବେ ବୋଲି କୋଚ ଅସୀମ ଭୋଇ ପ୍ରକାଶ କରିଛନ୍ତି ।

# ଗୋଡ଼ଭଗା ଜଗନ୍ନାଥ ମନ୍ଦିରରେ ସ୍ନାନ ଯାତ୍ରା ଉତ୍ସବ



ବରଗଡ଼,(ସବ୍ୟୁ): ଗୋଡ଼ଭଗା ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଯଥା ରୀତିନୀତି ଅନୁସାରେ ପୂଜା ପାଠ ପରେ ସିଂହାସନରୁ ଆଣି ସ୍ନାନମଣ୍ଡପକୁ ଠାକୁରଙ୍କୁ ଅଣାଯାଇଥିଲା। ପରେ ବିଭିନ୍ନ ଶୋଭାଷିତ ଜଳରେ ଭର୍ତ୍ତୀ ୧୦୮ ଗରା ପାଣିରେ ଠାକୁରଙ୍କୁ ମହାସ୍ନାନ କରାଯାଇଥିଲା। ସ୍ନାନ ପରେ ବିଭିନ୍ନ ଉପଚାର ବିହିତ ପୂଜା ହୋଇ ପ୍ରଭୁ ହାତୀ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ । ପରେ ଆଳତୀ ପୁଷ୍ପାଞ୍ଜଳିରେ ଦେବସ୍ନାନ ନୀତି ସଂମ୍ପନ୍ନ ହୋଇଥିଲା। ଆଜିଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଠାକୁର ଅବସର ଗୃହରେ ରହିବେ ଓ ଏହି ୧୪ ଦିନ ପଛି ଦିଅଁଙ୍କ ଠାରେ ପୂଜା ହେବ । ଏହି ଦେବସ୍ନାନ ଉତ୍ସବରେ ସୁନିଲ ମିଶ୍ର(ଅବନୀ) କର୍ତ୍ତା ଦାୟୀତ୍ୱ ତୁଲାଇଥିବା ବେଳେ ପଣ୍ଡିତ ବିଶ୍ୱଜିତ ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗୋଲକ ନଗରର ଭଜନ ମଣ୍ଡଳୀ ଯୋଗ ଦେଇ ଭଜନ ପରିବେଶଣ କରିଥିଲେ। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ଆଖ ପାଖରୁ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। ଦର୍ଶନ ପରେ ସମସ୍ତ ଭକ୍ତ ବୃନ୍ଦଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା।

# ଗ୍ରୀଡ଼ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ବଲାଙ୍ଗିର ଜିଲ୍ଲାରେ ବିଦ୍ୟୁତ୍ କଟକଣା

ବଲାଙ୍ଗିର,(ସବ୍ୟୁ): ଓପିଟିସିଏଲ୍ ପକ୍ଷରୁ ୧୩୨/୩୩ କେ.ଭି. ବଲାଙ୍ଗିର ନୂତନ ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ବେହେରାପାଲି, କସବାହଲ, ଭାଲେର, କୁରୁଲ, ମାଧିଆପାଲି, ମହିମୁଣ୍ଡା, ସଧେଇପାଲି, ସାନପୁର, ଉମ୍ରିଆ ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତା ତା. ୧୩.୦୬.୨୦୨୫ ରିଖି (ଶୁକ୍ରବାର) ଦିନ ସକାଳ ୭ଟାରୁ ଅପରାହ୍ଣ ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।

ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

# ନୃସିଂହନାଥରେ ଚିଡ଼ିଆଖାନା ସ୍ଥାପନା ଦାବି

ପଦ୍ମପୁର,(ସବ୍ୟୁ): ଓଡ଼ିଶା ଉପ ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଯେ ପଶ୍ଚିମ ଓଡ଼ିଶାରେ ଚିଡ଼ିଆଖାନା ହେବ। ଏହି ଖବରକୁ ନେଇ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ନୃସିଂହନାଥ ଠାରେ ଚିଡ଼ିଆଖାନା ସ୍ଥାପନ କରିବା ପାଇଁ ଦାବି ହେଉଛି। ପଶ୍ଚିମ ଓଡ଼ିଶାରେ ଦୁଇଟି ବଡ ପର୍ଯ୍ୟଟନ ସ୍ଥଳୀ ନୃସିଂହନାଥ ଓ ହରିଶଙ୍କର ରହିଛି। ବର୍ଷର ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟନ ଏହି ଦୁଇ ସ୍ଥାନକୁ ଭ୍ରମଣ ପାଇଁ ଆସନ୍ତି । ହରିଶଙ୍କରରେ ହରିଣ ପାର୍କ ଥିବାବେଳେ ନୃସିଂହନାଥ ଅଞ୍ଚଳରେ ଏଭଳି କିଛି ନାହିଁ । ଫଳରେ ନୃସିଂହନାଥ ଠାରେ ଓଡ଼ିଶା ସରକାରଙ୍କ ପ୍ରସ୍ତାବିତ ଚିଡ଼ିଆଖାନା କିମ୍ବା ଜୀବଜନ୍ତୁଙ୍କ ପାର୍କ ତିଆରି କରିବା ପାଇଁ ଦାବି ଉଠିଛି ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ମଧ୍ୟ ଦିଆଯାଇଥିଲା। ଗନ୍ଧମାର୍ଦ୍ଦନ ପର୍ବତମାଳା ଥିବା ଓ ପଶ୍ଚିମ ଓଡ଼ିଶାର ବଡ ପର୍ଯ୍ୟଟନସ୍ଥଳୀ ଓ ତୀର୍ଥକ୍ଷେତ୍ର ଥିବାରୁ ହୁଏତ ଉକ୍ତ ନୃସିଂହନାଥ ଟି ଉପଯୁକ୍ତ ସ୍ଥାନ ହୋଇପାରେ । ଏଣୁ ନୃସିଂହନାଥର ସ୍ଥାନୀୟ ଅଂଚଳରେ ଜନସାଧାରଣ ଆଶାବାଦୀ ରହିଛନ୍ତିଛ ସରକାରୀ ପ୍ରସ୍ତାବିତ ଯୋଜନା ମୁତାବକ ନୃସିଂହନାଥ ପର୍ଯ୍ୟଟନ ସ୍ଥଳୀରେ ଚିଡ଼ିଆଖାନା ସ୍ଥାପନ କରାଯିବ ବୋଲି ଚର୍ଚ୍ଚା ରହିଥିବା ବେଳେ ବିଜେପି ସରକାର ଗଠନରେ ଏକ ବର୍ଷ ପୁରଣ ହୋଇଛି ହେଲେ ସମ୍ବଲପୁର ଠାରେ ଡିଅରପାର୍କକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଥିବା ବେଳେ ବରଗଡ଼ ନୃସିଂହନାଥ ଠାରେ ଚିଡ଼ିଆଖାନା ସ୍ଥାପନ କରିବା ପାଇଁ ଅଞ୍ଚଳବାସୀଙ୍କ ଦାବି ସତ୍ତ୍ୱେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ କାହିଁକି ଉଦ୍ୟମ କରୁ ନାହାଁନ୍ତି ବୋଲି ଆଲୋଚନା ହେଉଛି।

# ଓଡିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବଡସିଙ୍ଘାରୀସ୍ଥିତ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ନୂତନ କ୍ୟାମ୍ପସରେ ୧୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । କ୍ରେଷ୍ଟ ଏକ୍ସଓ ସହ ପ୍ରତିଷ୍ଠାତା ବସନ୍ତ କୁମାର ମିଶ୍ର , ଓଡିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚର କୁଳପତି ବିଭୁତିଭୂଷଣ ବିଶ୍ୱାଳ, ଆଇଆଇଟି ଧାନବାଦ ନିର୍ଦ୍ଦେଶକ ସୁକୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆଇଆଇଟି ଧାନବାଦ ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଛାତ୍ର ହେମନ୍ତ ଦୀପଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ ତୁମର ଗଲା ଦିନୁ ଏବଂ ଏକଲା ଏକଲବ୍ୟ ଉନ୍ମୋଚିତ ହୋଇଥିଲା । କୁଳସଚିବ ଡ.ଚିତ୍ତରଞ୍ଜନ ସାହୁ ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଓଡିଆ ବିଭାଗର ସହଯୋଗୀ ପ୍ରଫେସର ରାଧାକାନ୍ତ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରପତି ଭବନରେ ହେବ ସମ୍ବଲପୁରୀ ନୃତ୍ୟ ପରିବେଷଣ



ସମ୍ବଲପୁର,(ସବ୍ୟୁ): ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଓଡ଼ିଶାର ରଜପର୍ବ ଉତ୍ସବ ଧୂମଧାମରେ ପାଳିତ ହେବ । ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଭଳିସ୍ଥଳେ ସମ୍ବଲପୁରର 'ଉକିଆ' ଅନୁଷ୍ଠାନର ୧୫ ଜଣ ଲୋକନୃତ୍ୟ କଳାକାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ପ୍ରଯୋଜିତ ହୋଇ ଗୁରୁ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ବୁଧବାର ସକାଳେ ଟ୍ରେନ୍ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି । ଏଥିରେ ମନୋଜ ପ୍ରଧାନ, ପବିତ୍ର ପ୍ରଧାନ, ନିତିଶ କୁମାର ଗୁରୁ, ରାଜୀବ ମେହେର, ରଞ୍ଜନ କୁମାର ପଟ୍ଟନାୟକ, ଦିପାଳୀ ଚୌଧୁରୀ, ଜି. ସିମରନ୍ ଆଚାର୍ଯ୍ୟ, ପ୍ରମିଳା ତାଣ୍ଡି, ରାଖୀ ଦୀପ, ପାୟଲ ତ୍ରିପାଠୀ, ସ୍ୱରୂପା ସିଂ, ଦିବ୍ୟରାଣୀ ବିଶି, ଚେତନାମୟୀ ବେହେରା, ପ୍ରତୀକ୍ଷା ଦାଶ ପ୍ରମୁଖ ସାମିଲ ଅଛନ୍ତି ।

# ବୋରିଗୁମ୍ମାରେ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର ରଥଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି କେ.ନାଗରାଜ ଦୋରାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ଆସନ୍ତା ୨୭ରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେବ। ବୋରିଗୁମ୍ମା ରଥଯାତ୍ରାକୁ ଲୋକଙ୍କ ବହୁତ ଭିଡ ହୋଇଥାଏ। ଚଳିତ ବର୍ଷ ରଥଯାତ୍ରା ଓ ବାହୁଡାଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ପୋଲିସ, ଅଗ୍ନିଶମ ସହ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ରଥଯାତ୍ରା ଦିନ ମଦ ବିକ୍ରିକୁ ସମ୍ପୁର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଅବକାରୀ ଓ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନବ ଦୀନାତ୍ମକ ଯାତ୍ରାରେ ତିନି ଠାକୁରଙ୍କ ପହଣ୍ଡି ଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ନୀତିକାନ୍ତି କରିବା ପାଇଁ କହିଥିଲେ। ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର ଅଧିକାରୀ ମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ପ୍ରସ୍ତୁତି ବୈଠକରେ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଶୋଭନ କୁମାର ବେହେରା, ଥାନା ଆଇଆଇସି ଶ୍ୱେତପଦ୍ମା ସେଠ,ପୋଲିସ ଏସଆଇ ରଚିତା ମାଡକାମୀ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ପୂର୍ବତନ ସଭାପତି ରାମଚନ୍ଦ୍ର ପାଢ଼ୀ, ଅବକାରୀ ବିଭାଗ ର ଓଆଇସି ବିଶ୍ୱଜିତ ପାଣିଗ୍ରାହୀ, ଡ଼. ଦିଲ୍ଲୀପ କୁମାର ନାଥ, ପ୍ରେସ କ୍ଲବ ସଭାପତି ବିଜୟ ନାରାୟଣ ସାହୁ, ବଣିକ ସଙ୍ଘ ସଭାପତି ସୂର୍ଯ୍ୟ ଆଚାରୀ, ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ଭିକା, କମିଟିର ସମ୍ପାଦକ ପି. ଗଣପତି ରାଓ,ଉପ ସଭାପତି ଗୁପ୍ତ ପ୍ରସାଦ ଗନ୍ତାୟତ, ଅଶୋକ କୁମାର ଗନ୍ତାୟତ ସହ ବିଭିନ୍ନ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ବିପୁଳ ପରିମାଣର ଗଞ୍ଜେଇ ସହ ୪ ବାଇକ ଜବତ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ଅନ୍ତର୍ଗତ ମାଣ୍ଡିଆଜୋର – କୋଡିବାହାଲି ରାସ୍ତାରୁ ଚୋରା ଚାଲାଣ ହେଉଥିବା ବାଇକ ସହ ଗଞ୍ଜେଇ ପୋଲିସ ଜବତ କରିଛି । ଗଞ୍ଜେଇ ମାଫିଆ ଫେରାର ହୋଇଯାଇଥିବା ଘଣ୍ଟାପଡା ପୁଲିସ ସୂତ୍ରରୁ ଜଣାପଡ଼ିଛି । ସୂଚନାମତେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଘଣ୍ଟାପଡା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡ଼ା (ମାଣ୍ଡିଆଯୋର)– କୋଡ଼ିବାହାଲ ରାସ୍ତା ମଝିରେ ଛକି ରହିଥିଲା। ସେହି ରାସ୍ତାରେ ଗଞ୍ଜେଇ ଧରି ବାଇକରେ ଆସୁଥିବା ଚୋରାଚାଲାଣକାରୀ ପୁଲିସକୁ ଦୂରରୁ ଦେଖି କେତେକ ବାଇକ ଛାଡ଼ି ଚମ୍ପଟ ମାରିଥିଲେ। ଆଉ କେତେଜଣ ନିଜ ବାଇକ ବୁଲାଇ ଫେରାର ମାରିଥିଲେ । ପୁଲିସ ସନ୍ଦେହରେ ମାଫିଆମାନେ ଛାଡି ଯାଇଥିବା ବାଇକଗୁଡିକ ନିକଟକୁ ଯାଇ ଯାଞ୍ଚ କରିଥିଲେ । ପୁଲିସ୍ ଘଟଣାସ୍ଥଳରୁ ପ୍ରତ୍ୟେକ ଗାଡ଼ିରେ ଗଞ୍ଜେଇ ବନ୍ଧାଯାଇଥିବା ୪ଟି ବାଇକ ଜବତ କରିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୧କ୍ୱିଣ୍ଟାଲ ହୋଇଥିଲା। ଏନେଇ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ନେଇ ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ପ୍ରଦାନ କରିଛନ୍ତି।

# ମହାବାହୁଙ୍କ ଦେବସ୍ନାନ ପୂର୍ଣ୍ଣିମା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର, କଳାମଣ୍ଡଳ ପଡା ରଥଯାତ୍ରା କମିଟି ତରଫରୁ ମହାବାହୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଭକ୍ତଙ୍କ ସମାଗମରେ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ରତ୍ନବେଦି ଛାଡି ଭାଇ, ଭଉଣୀଙ୍କ ସହ ସ୍ନାନବେଦିରେ ଉଭା ହୋଇଥିଲେ । ଧନୀ, ଗରିବ, ତପୀ, ପାପୀ, ଜାତି ଅଜାତିର ବାଛବିଚାର ନଥିଲା । ସମସ୍ତେ ଭକ୍ତିର ଡୋରିରେ ବନ୍ଧାହୋଇ ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ । ଘଣ୍ଟ ଶଙ୍ଖର ଧ୍ୱନୀରେ ସ୍ନାନମଣ୍ଡପ ପ୍ରକମ୍ପିତ ହୋଇଉଠିଥିଲା । ପତିତର ଦୁଃଖ ନିବାରଣ ପାଇଁ ବାହୁ ପ୍ରସାରି ଭକ୍ତଙ୍କୁ କୋଳେଇ ନେବା ପାଇଁ ଭାବଗ୍ରାହୀ ସତେଯେପରି ତତ୍ପର ହୋଇ ଉଠିଥିଲେ । ବହୁ କୁନି କୁନି ଭକ୍ତ ଉତ୍ସବରେ ଯୋଗଦେଇ ମହାପ୍ରଭୁଙ୍କ ଆଶିର୍ବାଦ ଲାଭ କରିଥିଲେ । ମହାପ୍ରଭୁଙ୍କ ସ୍ନାନ ବିଧି ସମ୍ପନ ହେଲା ପରେ ମହାବାହୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କରି ଭକ୍ତମାନେ ଆନନ୍ଦରେ ହରିବୋଲ ଓ ହୁଳହୁଳି ଦେଇ ସ୍ନାନବେଦିକୁ ଭକ୍ତିମୟ କରିଥିଲେ । ମଣିମାଙ୍କ ଏଭଳି ଲିଳା ସମସ୍ତ ଭକ୍ତଙ୍କୁ ବିମୋହିତ କରିଥିଲା । ମହାପ୍ରଭୁଙ୍କ ଏହି ସବୁ କାର୍ଯ୍ୟ ରଥ ଯାତ୍ରା କମିଟିର କର୍ତ୍ତା ଶେଷଦେବ ସେଠ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

# ଟିଟିଲାଗଡ଼ରେ ଗାଁ ଆମ୍ବ ପସରା

ଟିଟିଲାଗଡ଼,(ସବ୍ୟୁ): ଓଡିଶା ସରକାରଙ୍କ ଓରମାସ, ଜିଲା ପ୍ରଶାସନ, ଉନ୍ଦେର ଏଫସିଏଲ ପକ୍ଷରୁ ମଙ୍ଗଳବାର ଠାରୁ ସପ୍ତାହ ବ୍ୟାପୀ ଗାଁ ଆମ୍ବ ପସରା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଦେଶିଲ ଠାରେ ଆରମ୍ଭ ହୋଇଯାଇଛି । ଉକ୍ତ ପସରାରେ ଟିଟିଲାଗଡ ଅଞ୍ଚଳର ବିଭିନ୍ନ କୃଷି ଉତ୍ପାଦକ କମ୍ପାନୀ ଉଚିତ ମୂଲ୍ୟରେ ଆମ୍ବ ବିକ୍ରୟ କରିବା ସହ ଜୀବିକା ବିକାଶରେ ସହାୟତା ହେବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ରହିଛି । ଏନେଇ ଚାଷୀ ଉଚିତ ମୂଲ୍ୟ ସହ ଅନାବଶ୍ୟକ ମଧ୍ୟସ୍ଥି ବ୍ୟବସାୟୀଙ୍କୁ ଦୂର କରି ତାଙ୍କ ଉତ୍ପାଦନ ସିଧାସଳଖ ବଜାରରେ ପ୍ରବେଶ କରିପାରିଛି । କାର୍ଯ୍ୟକ୍ରମରେ ଉନ୍ଦେର, ଯାଡେନ, କୃଷକ ଉନ୍ନୟନ ସମ୍ବଲଶକ୍ତି ଏଫପିଓ ଚାଷୀଙ୍କୁ ବଜାର ସହ ଯୋଡ଼ିଛନ୍ତି । ଏହି ଅଭିଯାନରେ ଆଶା ସଂସ୍ଥାର ସମ୍ପାଦକ ସଞ୍ଜୀବ ପଟ୍ଟନାୟକ, ଜାଡେନ ଏଫପିଓ ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକ, କୃଷକ ଉନ୍ନୟନ ଏଫପିଓର ଅଧ୍ୟକ୍ଷ ଗୁପ୍ତେଶ୍ୱର ମାଝୀ, ଉନ୍ଦେର ଏଫପିଓ ର ସରୋଜ ସାହୁ, ଏମଡ଼ି ସାବିତ୍ରୀ ମାଝି, ସମ୍ବଲଶକ୍ତି ଏଫପିଓ ଅଧ୍ୟକ୍ଷା କାଳିନ୍ଦ୍ରି ରଣା ପ୍ରମୁଖ ସାମିଲ ହୋଇଛନ୍ତି । ସୂଚନା ଯେ ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଟିଟିଲାଗଡ଼ ଅଞ୍ଚଳର ଆମ୍ବ ବିଦେଶ ରପ୍ତାନି ହେବା ସହ ଦିଲ୍ଲୀ ମଦର ଡ଼ାଇରୀ ମୁଖ୍ୟ କ୍ରେତା ହେବା ଚାଷୀ ମହଲରେ ଉତ୍ସାହ ଖେଳିଛି । ଆଗାମୀ ଦିନରେ ଆମେ ଆହୁରି ସଫଳତା ହାସଲ କରିବୁ ବୋଲି ଏନେଇ ଟିଟିଲାଗଡ଼ ଉଦ୍ୟାନ କୃଷି ବିଭାଗ ସହ ନିର୍ଦ୍ଦେଶକ ଶ୍ରୀୟା ଶାଶ୍ୱତୀ ଆଶା ପ୍ରକଟ କରିଛନ୍ତି । କାର୍ଯ୍ୟକ୍ରମରେ ଆଶା କର୍ମୀ ମାନସ ରଞ୍ଜନ ପଟ୍ଟନାୟକ, ମିଲି ପଟ୍ଟନାୟକ, ଲକ୍ଷ୍ମିକାନ୍ତ ଗଡ଼ତ୍ୟା, ଅର୍ଜୁନ ଗୌରାଇନ, ସରୋଜ ସାହୁ, ପ୍ରକାଶ ଉପାଧ୍ୟାୟ, ସୁବ୍ରତ ବାଗ, ଚିତ୍ତରଞ୍ଜନ ନାଗ, ଗୋଲାପ ନାୟକ, ଲକ୍ଷ୍ମିରାଜ ସାହୁ, ପାୟଲ ମହାକୁର,ଅରବିନ୍ଦ ରଣା, ରୋହିତ ଝାଙ୍କର ବିନୟ ମହପାତ୍ର ପ୍ରମୁଖ ସହଯୋଗ କରିଛନ୍ତି ।

# କୁକୁରଜଙ୍ଘାରେ ଦେବ ସ୍ନାନ ପୂର୍ଣ୍ଣିମା



ଝାରସୁଗୁଡ଼ା,(ସବ୍ୟୁ): ଶ୍ରୀ ପତିତପାବନ ଶ୍ରୀ କ୍ଷେତ୍ର ଜଗନ୍ନାଥ ମନ୍ଦିର, କୁକୁରଜଂଘାରେ ୧୧ ଜୁନ ୨୦୨୫ ରେ ଭବ୍ୟ ଭାବରେ ଦେବ ସ୍ନାନ ପୂର୍ଣ୍ଣମା ଆୟୋଜିତ ହୋଇଥିଲା । ଏହି ପବିତ୍ର ଅବସରରେ ଚତୁର୍ଦ୍ଧା ମୂର୍ତ୍ତି-ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ୧୦୮ କଳସରୁ ପବିତ୍ର ଜଳରେ ସ୍ନାନ କରା ହେଉଛି। ଯାହା ରଥଯାତ୍ରା ପୂର୍ବରୁ ପାରମ୍ପାରିକ ଆରମ୍ଭ ଭାବରେ ଗ୍ରହଣ କରାଯାଏ । ପରେ ମହାପ୍ରଭୁ ଗଜାନନ ବେଶରେ ଶତାଧିକ ଭକ୍ତଙ୍କୁ ଦର୍ଶନ ଦେଲେ । ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ଟ୍ରଷ୍ଟ ବୋର୍ଡ଼ର ସଦସ୍ୟମାନେ ସୁସଂଗଠିତ ଭାବରେ ସୁରକ୍ଷା ଓ ବ୍ୟବସ୍ଥା କରିଥିଲେ। ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ସ୍ନାନ ପରେ ଚତୁର୍ଦ୍ଧା ମୂର୍ତ୍ତି ପ୍ରାୟ ୧୫ ଦିନର 'ଅଣସର' (ବିଶ୍ରାମ) କାଳରେ ରହିବେ। ଏହା ପରେ ୨୭ ଜୁନ ୨୦୨୫କୁ ରଥଯାତ୍ରା ପାଇଁ ପୂର୍ଣ୍ଣ ଭାବେ ପ୍ରସ୍ତୁତି ଆରମ୍ଭ ହେବ । ଏହି ଅଭ ୂତ ଅବସର ଏବଂ ଆଧ୍ୟାତ୍ମିକ ପରିବେଶ, ସାମ୍ପ୍ରଦାୟିକ ଏକତା ଓ ସଂଗଠନର ଶକ୍ତିକୁ ମଧ୍ୟ ପ୍ରକାଶିତ କରିଛି।

# ମଦନପୁର ରାମପୁରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ

ମ. ରାମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ବ୍ଲକ ମହକୁମାରେ ଥିବା ଜଗନ୍ନାଥ ମନ୍ଦିରରେ ଜଗତର ନାଥ ଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ ଉତ୍ସାବ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ପହଣ୍ଡି କରି ଅଣା ଯିବା ପରେ ରୀତିନୀତି ଅନୁଯାୟୀ ଭଗବାନ ଜଗନ୍ନାଥ, ବଳଭଦ୍ର,ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ମହାସ୍ନାନ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ମ. ରାମପୁର ରାଜା ବୁଧେନ୍ଦ୍ର ପ୍ରତାପ ସିଂଦେଓ ଯୋଗଦେଇଥିବା ବେଳେ ମୁଖ୍ୟ ପୂଜକ ଭାବେ ତ୍ରିଲୋଚନ ଦାସ ପୂଜାକାର୍ଯ୍ୟ ତୁଲେଇଥିଲେ। ସେବକ ଭାବେ ବ୍ରାହ୍ମଣ ସମାଜର ସଭାପତି ଶିବପ୍ରସାଦ ଶତପଥି, ପ୍ରଶାନ୍ତ ସାମନ୍ତରା, ଉଦ୍ଧବ ପଣ୍ଡା, ଶୋଭାକର ପୁରୋହିତ, ଅଶୋକ ତ୍ରିପାଠୀ, ମଳୟ ତ୍ରିପାଠୀ, ସନ୍ତୋଷ ପଣ୍ଡା, ପ୍ରକାଶ ପଣ୍ଡା, ଯୁଗଳକିଶୋର ପ୍ରହରାଜ, ଗୋବିନ୍ଦ ଶତପଥୀ, ରାକେଶ ମହାଉତି କାର୍ଯ୍ୟ ତୁଲେଇ ଥିଲେ । ଜଗନ୍ନାଥ ପରିବାରର ସୁରେନ୍ଦ୍ର ସାହୁ, ଜୟ ସାହୁ, କେଦାର ମହାରଣା, ଜଗନ୍ନାଥ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ପ୍ରମୁଖ ଆୟୋଜନ କରିଥିଲେ।

# ସିନାପାଲିରେ ଶ୍ରୀଜିଉଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ



ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଜଗନ୍ନାଥ ମନ୍ଦିରରେ ବୁଧବାର ଶ୍ରୀଜିଉଙ୍କ ପବିତ୍ର ସ୍ନାନଯାତ୍ରା ସହ ବିରଳ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି । ସକାଳ ଆଳତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପରମ୍ପରା ଅନୁଯାୟୀ ଗୋଟି ପହଣ୍ଡିରେ ସ୍ନାନ ବେଦୀକୁ ଅଣାଯାଇଥିଲା । ବିଧି ମୁତାବକ ପୂଜା ପରେ ଅଭିମଂତ୍ରିତ ସୁବାସିତ ଜଳରେ ଶ୍ରୀବିଗ୍ରହ ମାନଙ୍କୁ ୧୦୮ ଗଡୁ ଜଳରେ ମହାସ୍ନାନ କରାଯାଇଥିଲା । ଏହା ପରେ ସାଧାରଣ ଭକ୍ତ ମହାପ୍ରଭୁଙ୍କୁ ଜଳାଭିଷେକ କରିଥିଲେ । ଅପରାହ୍ଣରେ ପରମ୍ପରା ଅନୁଯାୟୀ ଶ୍ରୀଜିଉଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଶ୍ରୀଜିଉ ମାନଙ୍କୁ ଅଣସର ଘରେ ବିଜେ କରାଯାଇଥିବା ବେଳେ ଆସନ୍ତା ନେତ୍ରୋତ୍ସବ ଯାଏଁ ସେଠାରେ ଗୁପ୍ତ ସେବାନୀତି କରାଯିବ ବୋଲି ମନ୍ଦିର କମିଟି ତରଫରୁ ସୂଚନା ଦିଆଯାଇଛି । ମହାସ୍ନାନ ଓ ଗଜାନନ ବେଶ ଦେଖିବାକୁ ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ରୋଟାରୀ କ୍ଲବ ଅଫ୍ ସମ୍ବଲପୁରର ନୂତନ କାର୍ଯ୍ୟପନ୍ଥା

ସମ୍ବଲପୁର,(ସବ୍ୟୁ): ଚଳିତବର୍ଷ ପାଇଁ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ପକ୍ଷରୁ ନୂତନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି । ବ୍ୟାପକ ଚାରାରୋପଣ, ରକ୍ତଦାନ, ସରକାରୀ ସ୍କୁଲରେ ଆବଶ୍ୟତାକୁ ଦୃଷ୍ଟିରେ ରଖି ଶୌଚାଳୟ ନିର୍ମାଣ, ବାସହୀନଙ୍କୁ ଶୀତବସ୍ତ୍ର ପ୍ରଦାନ, ଅନାଥ ଓ ବୃଦ୍ଧାଶ୍ରମରେ ଆବଶ୍ୟକ ଉପକରଣ ପ୍ରଦାନ ଏବଂ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ଆଦି ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ତୁଷାରକାନ୍ତ ପ୍ରଧାନ, ନୂତନ ସଭାପତି ରଶ୍ମିରଞ୍ଜନ ମହାପାତ୍ର ଓ ସମ୍ପାଦକ ଦେବାଶିଷ ରାୟଗୁରୁ ଏହି ସୂଚନା ପ୍ରଦାନ କରିଥିଲେ । ଏଥିରେ ପୂର୍ବତନ ସଭାପତି ରାଜକିଶୋର ଦାସ, ପିକେ ସୁରୀ ଓ ଦାମୋଦର କର ପ୍ରମୁଖ ଉପସ୍ଥିତ ଥିଲେ ।

ଚୋରି ସାମଗ୍ରୀ ସହ ୫ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୋଲିସ ଏକ ଚୋରି ମାମଲାରେ ୫ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୧,୫୨୦ଟଙ୍କା, ୧୩୮ଗ୍ରାମ୪୦୦ମିଲିଗ୍ରାମ ସୁନା ଜବତ କରିଛି । ଏହି ଅଭିଯୋଗରେ ଚୋର ଓ ଚୋରି ସାମଗ୍ରୀ ରଖିଥିବା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବରଗଡ ଜିଲ୍ଲା ସୋହେଲା ଥାନା ଅନ୍ତର୍ଗତ ଜଗନ୍ନାଥପଡାର ନିଳିମା ସାହୁ ନିଜ ଝିଅ ସହ ବୁର୍ଲା ଫ୍ରେଣ୍ଡସ୍ କଲୋନୀର ଏକ ଭଡାଘରେ ରହୁଛନ୍ତି । ଗତ ୧୨ଏପ୍ରିଲ, ୨୦୨୫ରେ ସେ ଘର ତାଲା ପକାଇ ନିଜ ଘରକୁ ଯାଇଥିଲେ । ତେବେ ୨ଦିନ ପରେ ପରିବାର ସହ ଫେରିଲା ବେଳେ ତାଙ୍କର ଘରର ତାଲା ଭାଙ୍ଗି କେହି ଦୃବୃର୍ତ୍ତ ୩ଟି ସୁନାହାର, ୫ଟି ସୁନାମୁଦି, ୨ଟି ଶଙ୍ଖା, ୩ଟି ଚେନ୍ ସହ ଲକେଟ୍, ୪ହଳ କାନଫୁଲ, ୨ଟି ମଙ୍ଗଳସୁତ୍ର, ନାକଫୁଲ ଆଦି ଚୋରି ହୋଇଥିବା ଅଭିଯୋଗ କରିଥିଲେ । ଏନେଇ ବୁର୍ଲା ଥାନା ପୋଲିସ ୧୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଏହି ଅଭିଯୋଗରେ ବୁର୍ଲା କଣ୍ଟାପାଲିର ପୁରୁଷୋତ୍ତମ ଲୁହା(୩୩), ଝାଡୁଆପଡାର ସାହିଲ ନାଏକ(୨୨), ବାଲିବନ୍ଧାର ସଞ୍ଜୟ ଜେନା(୩୬) ଓ ମାରୱାଡିପଡାର ଆକାଶ ପତି(୨୭)ଙ୍କୁ ଗିରଫ କରାଯାଇଛି । ସେହିପରି ଏହି ମାମଲାରେ ଜଣେ ୧୭ବର୍ଷୀୟ ନାବାଳକଙ୍କୁ ମଧ୍ୟ ସ୍ୱାଧାରଗୃହକୁ ପଠାଯାଇଛି ।

(ଶ୍ରୀମଭଗବଦ୍ ଗୀତା ୧୬/୧୪)

-ଦୈବାସୁରସମ୍ପଦ୍‌ବିଭାଗ-

(ଶ୍ରୀଭଗବାନୁବାଚ )

**ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।**
**ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଳବାନ୍ ସୁଖୀ ॥୧୪॥**

ମୁଁ ଆଜି ଏହି ଦ୍ରବ୍ୟ ପାଇଲି, ଏହି ବାଞ୍ଛିତ ଦ୍ରବ୍ୟ ଶୀଘ୍ର ପାଇବି, ଏହି ଧନ ମୋର ଅଛି, ଏହା ପୁଣି ବର୍ଦ୍ଧିତ ହେବ, ମୁଁ ଏହି ଶତ୍ରୁକୁ ମାରିଲି, ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ପରେ ମାରିବି, ମୁଁ ସର୍ବଶକ୍ତିମାନ୍, ମୁଁ ଭୋଗୀ, ମୁଁ ସିଦ୍ଧିଲାଭ କରିଛି, ମୁଁ ବଳବାନ୍ ଓ ସୁଖୀ ଅଟେ, ମୁଁ ଧନଶାଳୀ, ମୁଁ କୁଳୀନ, ମୋ'ପରି ଆଉ କିଏ ଅଛି ? ମୁଁ ଆଉ ଯାଗାଦି ଅନୁଷ୍ଠାନ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରତିଷ୍ଠା ଲାଭ କରିବି, (ସ୍ତାବକମାନଙ୍କୁ) ଦାନ କରିବି, ଆମୋଦ ପ୍ରମୋଦ କରିବି-ଏହିପରି ଅଜ୍ଞାନ ବିମୋହିତ ହୋଇ ସେମାନେ ବିବିଧ ଅଭିଳଷିତ ବିଷୟରେ ପ୍ରବୃତ୍ତିବଶତଃ ଉଦ୍‌ଭ୍ରାନ୍ତ ଓ ମୋହଜାଲଦ୍ୱାରା ସମ୍ପୂର୍ଣ୍ଣ ବେଷ୍ଟିତ ଏବଂ କାମଭୋଗରେ ଆସକ୍ତ ହୋଇ ମହାକ୍ଲେଶମୟ ନରକରେ ପତିତ ହୁଅନ୍ତି ॥ ୧୪॥

# ରାଜ୍ୟ ସରକାରଙ୍କର ବର୍ଷଟିଏ

## ସମ୍ପାଦକୀୟ

ଚାହୁଁ ଚାହୁଁ ବର୍ଷେ ପୂରିଗଲା । ବିଜେଡିର ୨୪ ବର୍ଷର ଶାସନକୁ ଓଡ଼ିଶାରୁ ହଟାଇ ସଂଖ୍ୟା ଗରିଷ୍ଠ ଦଳ ଭାବେ ବିଜେପି ଏଠାରେ କ୍ଷମତାସୀନ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ କୃପା ଦୃଷ୍ଟି ଯେ ଓଡ଼ିଶା ଉପରେ ରହିଛି, ଏହା ବର୍ଷକ ତଳେ ଓଡ଼ିଆମାନେ ଉପଲବ୍ଧି କରିଥିଲେ । ପ୍ରକୃତରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବିଚକ୍ଷଣ ବିଚାର ବୁଦ୍ଧି ଓ ଜନପ୍ରିୟତା କାରଣରୁ ଓଡ଼ିଶାରେ ଶାସନର ପରିବର୍ତ୍ତନ ସମ୍ଭବ ହୋଇଥିଲା । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜେପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା, ଓଡ଼ିଶାର ତିନିଜଣ ଯାକ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, ଶ୍ରୀ ଜୁଏଲ ଓରାମ ଓ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନ୍ୟାନ୍ୟ ରାଜ୍ୟର ବିଜେପି ମୁଖ୍ୟମନ୍ତ୍ରିଗଣ ଓ କେନ୍ଦ୍ର ମନ୍ତ୍ରିମାନେ, ଏ ସମସ୍ତେ ଓଡ଼ିଶାରେ ଶାସନର ପରିବର୍ତ୍ତନ ସକାଶେ ଲାଗି ପଡ଼ିବାରୁ ବିଜେପି ସରକାର ଗଠନ ଲାଗି ଏଠାରେ ପଥ ପରିଷ୍କୃତ ହୋଇଥିଲା ।

ଚବିଶ ବର୍ଷ ପୂର୍ବରୁ କଂଗ୍ରେସ ଶାସନ ଏଠି ଥିବାବେଳେ ଦୁଇଜଣ ଆଦିବାସୀ, ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ଲାଭ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଏବେ ସ୍ୱର୍ଗରେ ଏବଂ ଆଉ ଜଣେ ସମ୍ଭବତଃ ଏବେ ପ୍ରତ୍ୟକ୍ଷ ରାଜନୀତିରେ ନାହାନ୍ତି । ମାତ୍ର ସେମାନେ ବେଶୀ ଦିନ ମୁଖ୍ୟମନ୍ତ୍ରୀଭାବେ ରହିପାରି ନଥିଲେ । ତାହାର କାରଣ ଥିଲା ଦଳୀୟ କନ୍ଦଳ ଓ କଂଗ୍ରେସ ହାଇକମାଣ୍ଡଙ୍କ ଘନ ଘନ ନିଷ୍ପତ୍ତିର ପରିବର୍ତ୍ତନ । ଆଦିବାସୀବହୁଳ ଓଡ଼ିଶା ଦୀର୍ଘ ଦିନ ଧରି କଂଗ୍ରେସର ଭୋଟ ବ୍ୟାଙ୍କ ଭାବେ ରହି ଆସିଥିବା ସତ୍ତ୍ୱେ ଆଦିବାସୀ ଲୋକେ ପରିବର୍ତ୍ତନ ଚାହିଁଲେ ଏବଂ ବିଜେପିର ଜଣେ ସଚ୍ଚୋଟ ଓ କାର୍ଯ୍ୟଦକ୍ଷ ଆଦିବାସୀ ଯୁବକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଇ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାର ବିକାଶ ଚାହିଁଲେ । ଫଳରେ ବର୍ଷକ ତଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଜଣେ ଅଭିଜ୍ଞ ରାଜନେତା ଓ ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ଥିବା ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି । ଶ୍ରୀମତୀ ସୁରମା ପାଢ଼ୀଙ୍କୁ ରାଜ୍ୟ ବିଧାନସଭାର ବାଚସ୍ପତି ପଦବୀ ମଣ୍ଡନ କରିବା ଲାଗି ସୁଯୋଗ ମିଳିଥିଲା । କାରଣ ସେ ରାଜନୀତି, ସମାଜସେବା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିଲେ । ଆଉ ଜଣେ ମହିଳା ଶ୍ରୀମତୀ ପ୍ରଭିଭା ପରିଡାଙ୍କୁ ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ ହେବା ଲାଗି ସୁଯୋଗ ମିଳିଛି- ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ।

ଜୁନ୍ ୧୨, ୨୦୨୪ରେ ଯେତେବେଳେ ଭୁବନେଶ୍ୱରର ଜନତା ମଇଦାନରେ ସାଧୁସନ୍ଥମାନଙ୍କ ସମଭିବ୍ୟାହରରେ ଏହି ଶପଥ ଗ୍ରହଣ ଉତ୍ସବ ଚାଲିଥାଏ, ଜନତା ମଇଦାନ ଲୋକାରଣ୍ୟରେ ପରିଣତ ହୋଇ ଯାଇଥିଲା । ଠିକ୍ ବର୍ଷକ ପରେ, ଓଡ଼ିଶାର ନୂତନ ସରକାର ପୁରୁଣା ହେବାକୁ ବସିଛି । ବିଗତ ସରକାରଙ୍କ ଅନେକ ତୃଟିକୁ ସଜାଡ଼ି ନୂତନ ଭାରତ ଓ ନୂତନ ଓଡ଼ିଶା ଗଠନ ଦିଗରେ ଶ୍ରୀ ମୋହନ ମାଝୀ ହୁଏତ ଉଦ୍ୟମ ଜାରି ରଖିବେ ବୋଲି ଆଶା କରାଯାଉଛି ।

ଏହି ବର୍ଷ ପୂର୍ତ୍ତି ଉତ୍ସବ ଯାହା ଜୁନ୍ ୧୨ (୨୦୨୫)ରୁ ଆରମ୍ଭ ହେଉଛି, ନବଦିନର ରଥଯାତ୍ରା ପରି ଏହା ନଅଦିନ ଧରି ଚାଲିବ ବୋଲି ଜଣାପଡୁଛି । କାରଣ ଆସନ୍ତା ୨୦ (୨୦୨୫) ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶା ଆସି ଏହି ବର୍ଷିକିଆ ପୂର୍ତ୍ତି ଉତ୍ସବରେ ଯୋଗ ଦେବେ । ବିଜେପି ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା, ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରିମାନେ ମଧ୍ୟ ଏହି ଉତ୍ସବରେ ଯୋଗ ଦେବାର ସମ୍ଭାବନା ମଧ୍ୟ ରହିଛି ।

ଶ୍ରୀ ଜଗନ୍ନାଥଙ୍କ ଭଗିନୀ ସୁଭଦ୍ରାଙ୍କ ନାମରେ, ମହିଳାମାନଙ୍କୁ ଯଉଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି, ତାହା ଓଡ଼ିଶାର ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ ହେବା କ୍ଷେତ୍ରରେ ଏକ ନୂତନ ପାବଚ୍ଛ ବୋଲି ମନେ ହେଉଛି । ଗତ ୨୦୨୪ରେ ଏହି ସରକାର ଆରମ୍ଭ ହେବା ସମୟରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ୫୫ ହଜାର କୋଟି ଟଙ୍କାର ଏକ ବୃହତ ପାଣ୍ଠି ବ୍ୟବସ୍ଥା ଏଥିପାଇଁ କରିଛନ୍ତି । ତଦ୍ଦ୍ୱାରା କୋଟିଏ ବା ତଦୁର୍ଦ୍ଧ ମହିଳାଙ୍କୁ ଲାଭାନ୍ୱିତ କରାଯାଇ ପାରିବାର ସମ୍ଭାବନା ସୃଷ୍ଟି ହୋଇଛି । ସେହିପରି ୪ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଶିଳ୍ପଦ୍ୟୋଗୀଙ୍କୁ ଲକ୍ଷପତି ଦିଦି 'ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ' ଜରିଆରେ କରାଇବା ଲାଗି ରାଜ୍ୟ ସରକାର ଆଶା ରଖିଛନ୍ତି ।

ରାଜ୍ୟରେ ଶିକ୍ଷିତ ବେକାର ଓ ସାଧାରଣ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଥିଲା । ଗତ ୨୦୨୪ରୁ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧ ଲକ୍ଷ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ । ବେସରକାରୀ କ୍ଷେତ୍ରରେ ଏହି ସରକାର ୨୦୨୬ ସୁଦ୍ଧା ବୟନ ଶିଳ୍ପ କ୍ଷେତ୍ରରେ ୫୦.୦୦୦ ନୂତନ ନିଯୁକ୍ତି ସୃଷ୍ଟି କରିବାର ପରିକଳ୍ପନା ଅନୁଯାୟୀ କାର୍ଯ୍ୟ କରୁଛନ୍ତି । ସେହିପରି ସୂଚନା, ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ରାଜ୍ୟ ସରକାର ୨୦୨୯ ମଧ୍ୟରେ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି ।

ରାଜ୍ୟର ୪ କୋଟି ୫୭ ଲକ୍ଷ ଲୋକଙ୍କ ଯାବତୀୟ ସମସ୍ୟାର ସମାଧାନ ଲାଗି ସରକାର ପ୍ରତିଶ୍ରୁତିବଦ୍ଧ । ଏହା ଏକ ଶୁଭ ସୂଚନା । ମାତ୍ର ଏଥିପାଇଁ ରାଜ୍ୟର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ତତ୍ପରତା ପ୍ରଦର୍ଶନ କରିବା ଉଚିତ ବୋଲି କୁହାଯାଉଛି । ଏ ଦିଗରେ ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ନୀତିର ଅନୁସରଣ କରି ଠିକ୍ କାର୍ଯ୍ୟ କରିବେ ବୋଲି ରାଜ୍ୟବାସୀ ଆଶା ପ୍ରକାଶ କରିଛନ୍ତି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଲୋକଙ୍କ ସରକାର



ମୋହନ ଚରଣ ମାଝୀ

କାଲି ଭଳି ଲାଗୁଛି । ନୂଆ ସରକାରକୁ ଏକ ବର୍ଷ ଆଜି ପୁରିଛି । ଗତକାଲି ଥିଲା ପବିତ୍ର ସ୍ନାନପୂର୍ଣ୍ଣିମା । ମୁଁ ସ୍ନାନବେଦୀରେ ମହାପ୍ରଭୁଙ୍କ ଆଖିରେ ଆଖି ମିଳାଇ ସାରା ଓଡିଶାବାସୀଙ୍କ ମଙ୍ଗଳକାମନା କରି ପ୍ରାର୍ଥନା କଲି । ରତ୍ନ ସିଂହାସନ ଛାଡି ସ୍ନାନବେଦୀରେ ବିଦ୍ୟମାନ ପ୍ରଭୁଙ୍କୁ ଅପଲକ ନୟନରେ ଦେଖିଲି । ଆତ୍ମସନ୍ତୋଷ ଓ ଖୁସି ମନରେ ମହାପ୍ରଭୁଙ୍କ ଠାରୁ ମେଲାଣି ନେଲି । ମହାପ୍ରଭୁ ଆମ ସମସ୍ତଙ୍କର ମାଲିକ, ଆମେ ସମସ୍ତେ ତାଙ୍କର ସେବକ । ତାଙ୍କର ଆଶୀର୍ବାଦ ହିଁ ଆମର ଶକ୍ତି ।

ପୁରୀରୁ ଭୁବନେଶ୍ୱର ଫେରିବା ବେଳେ ମୋ ଜୀବନର ସୁଖଦୁଃଖ ଓ ଅଙ୍ଗେନିଭା କଥା । ରାଜନୈତିକ ସଂଘର୍ଷ-ଜୟ-ପରାଜୟ ତଥା ସଫଳତା ଓ ବିଫଳତାର କାହାଣୀ । ବର୍ଷକର ସରକାରରେ ମୋ ନେତୃତ୍ୱ । ତିକ୍ତ-ମଧୁର ଅନୁଭୂତି ଅନେକ । ବର୍ଷକରେ ଆମେ କଲୁ କଣ ? ୪ ବର୍ଷରେ ଆମର ଆଉ କଣ କରିବାକୁ ବାକି ରହିଲା ? ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସମୟରେ ଆମର ଲକ୍ଷ୍ୟ ପୂରଣ ପାଇଁ କଣ କଣ ପଦକ୍ଷେପ ଆଜିଠାରୁ ଆବଶ୍ୟକ? ୨୦୪୭ ମସିହାରେ ଆମ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ-ଦେଶକୁ ବିଶ୍ୱ ଦରବାରରେ ଶ୍ରେଷ୍ଠ କରିବା କ୍ଷେତ୍ରରେ ଓଡ଼ିଶାର କଣ ଓ କେତେବଡ ଭୂମିକା ରହିବ ତାକୁ ନେଇ ଅନେକ କଳ୍ପନା, ଯୋଜନା ତଥା ସଂକଳ୍ପ ମୋ ମନ ଭିତରେ ଉଙ୍କି ମାରୁଥିଲା ।

ଠିକ୍ ବର୍ଷକ ତଳେ ଆଜିର ଦିନରେ ଭୁବନେଶ୍ୱର ଜନତା ମଇଦାନରେ ଶପଥ ଗ୍ରହଣ ଉତ୍ସବ ପରେ ଲୋକସେବା ଭବନ ଆସି ପ୍ରଥମ କ୍ୟାବିନେଟ୍ ବୈଠକ କଲୁଁ । ୨୪ ମିନିଟ୍‌ରେ ଆମେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତଙ୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରିବାର ଓଡ଼ିଆ ଭାବାବେଗ ବିରୋଧୀ, ଚାରି ଦ୍ୱାରରୁ ତିନି ଦ୍ୱାର ବନ୍ଦ ନିଷ୍ପତ୍ତିକୁ ବଦଳାଇ ଚାରି ଦ୍ୱାର ଖୋଲିବାର ନିର୍ଣ୍ଣୟ ନେଲୁ । ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କର୍ପସ ଫଣ୍ଡ ପାଇଁ ନିଷ୍ପତ୍ତି କଲୁଁ । ଆମ ସୁଭଦ୍ରା ସ୍ୱରୂପ ମା' ଭଉଣୀଙ୍କ ପାଇଁ ସୁଭଦ୍ରା ଯୋଜନା ତଥା ଅନ୍ନଦାତା କୃଷକ ଭାଇ-ଭଉଣୀଙ୍କ ପାଇଁ ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ ସବସିଡି ମାଧ୍ୟମରେ ଧାନ କ୍ୱିଣ୍ଟାଲର ଦାମ ୩,୧୦୦ ଟଙ୍କାରେ ପହଞ୍ଚାଇବାକୁ ନିର୍ଣ୍ଣୟ କଲୁ । ପୁରା କ୍ୟାବିନେଟ୍ ସହ ସେଦିନ ରାତିରେ ପୁରୀରେ ରହିଲୁ । ମହାପ୍ରଭୁଙ୍କ ମଙ୍ଗଳ ଆଳତି ସହ ଚାରି ଦ୍ୱାର ଖୋଲାଗଲା ।

ଆଜି ଯେତେବେଳେ ସେହି ଦିନଗୁଡିକର ଏକବର୍ଷ ପୂର୍ତ୍ତି ହେଉଛି, ମୋ ନେତୃତ୍ୱରେ ବର୍ଷକରେ କ'ଣ କ'ଣ ଜନହିତକର କାମ ହୋଇଛି, ତାର ଚର୍ଚ୍ଚା ହେବା ସ୍ୱାଭାବିକ । ଆମର ସଂକଳ୍ପ ପତ୍ରରେ ଆମେ ଯେଉଁ ଯେଉଁ ସଂକଳ୍ପକୁ ଜନତା ଦରବାରରେ ଉପସ୍ଥାପିତ କରିଥିଲୁଁ ସେଥିପାଇଁ ମୋ ସରକାର ଓ ମୁଁ ଉତ୍ତରଦାୟୀ ।

ବର୍ଷକରେ ଆମ କାମର ହିସାବ ଦେବା ମୋ ସରକାରର ଏବଂ ବ୍ୟକ୍ତିଗତ ଭାବରେ ମୋ' ଦାୟିତ୍ୱ । ମାତ୍ର ହିସାବ ଦେବା ଆଗରୁ ଗୋଟିଏ କଥା କହିବି । ଏ ଜାତିର ନମସ୍ୟ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ, 'ଉତ୍କଳେ ନେତାର ନାହିଁ ପ୍ରୟୋଜନ-ଉତ୍କଳର ନେତା ସ୍ୱୟଂ ନାରାୟଣ' । ଆଦିବାସୀ ଘରେ ମୋର ଜନ୍ମ । ଦାରିଦ୍ର୍ୟ-ଅନାଟନ-ଅଭାବ ଓ ଅସୁବିଧାକୁ ସାମନା କରି ମୁଁ ଆଗକୁ ବଢିଛି । ଯେବେ ପଡିଯାଇଛି, ଆହୁରି ଦୃଢ ଓ ଆତ୍ମବିଶ୍ୱାସର ସହ ଛିଡା ହୋଇପାରିଛି । ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା । ବୋଧହୁଏ ମୋ ଭଳି ଗରିବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି । ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି ।

ଓଡ଼ିଶାର ପ୍ରିୟ ଭାଇଭଉଣୀମାନେ । ଆଜି ଓଡିଶାରେ ବିଜେପି ଶାସନ ଆସିବାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ସତ, ମାତ୍ର ଏହା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଶାସନର ଏଗାର ବର୍ଷ ପୂର୍ତ୍ତି ମଧ୍ୟ ହୋଇଛି । ନରେନ୍ଦ୍ର ମୋଦୀ ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଓ ଓଡ଼ିଶା ପୂର୍ବଭାରତ ବିକାଶର ପ୍ରବେଶ ପଥ ହୋଇଛି । ଦିଲ୍ଲୀ ଓ ଭୁବନେଶ୍ୱରରେ ବିଜେପି ଶାସନ ନୁହେଁ, ଆମେ ଏହାକୁ ଡବଲ ଇଂଜିନ୍ ସରକାର ବୋଲି କହୁଛୁଁ । ଓଡ଼ିଶାକୁ ମୋଦୀଜୀ ସାରା ଦେଶରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଅଧିକ ପ୍ରାଧାନ୍ୟ ଦେବା କାରଣରୁ ଓଡ଼ିଶା ଜାତୀୟ ସ୍ତରରେ ବି ନାଁ କରିଛି ।

ଗତ କିଛିଦିନ ତଳେ ଦିଲ୍ଲୀରେ ନିତି ଆୟୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ମୋଦୀଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଁ ଏଥିରେ ଓଡ଼ିଶାର କାର୍ଯ୍ୟକ୍ରମ ସଂପର୍କରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ସମୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଉଲ୍ଲେଖ କରିଥିଲି । ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଥିଲା ମହିଳା ସଶକ୍ତିକରଣ । ତାହାକୁ ଆଗକୁ ନେଇ ଆମେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦିଙ୍କ ଲକ୍ଷ୍ୟ ହାସଲ କରିବା କଥା ମୁଁ କହିଥିଲି । ଦେଶ ୨୦୪୭ ସାଲରେ ପହଞ୍ଚିବା ପୂର୍ବରୁ ଆମ ରାଜ୍ୟ ଗଠନର ୨୦୩୬ ମସିହାରେ ଆମର ଶତବାର୍ଷିକ ହେବା କଥା ମଧ୍ୟ ମୁଁ ଉଲ୍ଲେଖ କରିଥିଲି । ମୋଦୀଜୀ ତାଙ୍କ ଭାଷଣ ସମୟରେ ମୁଁ କହିଥିବା ଏହି ଦୁଇଟି ପ୍ରସଙ୍ଗକୁ ଉଲ୍ଲେଖ କରି ଆମର କାମକୁ ସମ୍ମତି ପ୍ରଦାନ କରିଥିଲେ ।

**ଆମର ମହାପ୍ରଭୁ ଆଦିବାସୀ ଓ ଗରିବର ଦେବତା । ବୋଧହୁଏ ମୋ ଭଳି ଗରିବ ଆଦିବାସୀ ପରିବାରରୁ ଆସିଥିବା ସାଧାରଣ-ସରଳ ମଣିଷଟିଏ ହାତରେ ତାଙ୍କର ସେବାପାଇଁ ସୁଯୋଗ ଦେଇଥିବାରୁ ତାଙ୍କର ସେବକ ଭାବରେ ତାଙ୍କରି ହିଁ କାମ କରୁଛି । ଏହି ଭାବାବେଗ ସହ ଏହି ଆଲେଖ୍ୟ ତାଙ୍କୁ ହିଁ ସମର୍ପଣ କରୁଛି ।**

ବର୍ଷକ ପୂର୍ବରୁ ନିର୍ବାଚନ ପରେ ଏନଡିଏ ସାଂସଦମାନଙ୍କୁ ଉଦ୍‌ବୋଧନ ଦେଇ ଓଡ଼ିଶା ଦେଶର ଗ୍ରୋଥ୍ ଇଂଜିନ୍ ହେବ ବୋଲି କହିଥିଲେ ମୋଦୀଜୀ । ଏହା ଭିତରେ ମୋଦୀଜୀ ଓଡ଼ିଶାକୁ ବର୍ଷକରେ ପାଞ୍ଚ ଥର ଆସିବା ପରେ ପୁଣି ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରଙ୍କର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଦୟ ସମ୍ମତି ପ୍ରଦାନ କରିଛନ୍ତି । ଓଡ଼ିଆ ଜନତାଙ୍କ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ତଥା ମୋଦୀଜୀଙ୍କର ଓଡ଼ିଶାପ୍ରତି ଥିବା ସମ୍ବେଦନଶୀଳତା ଆମକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବ ବୋଲି ମୁଁ ମୋର ପ୍ରିୟ ରାଜ୍ୟବାସୀଙ୍କୁ ଭରସା ଦେଉଛି ।

ମୋଦୀଜୀଙ୍କ ଭାଷାରେ ଆମର ମୋଟ ଚାରିଟି ଜାତି । ପ୍ରଥମ ଜାତି- ଗରିବ । ଦ୍ୱିତୀୟ ଜାତି- କୃଷକ । ତୃତୀୟ ଜାତି -ଯୁବପିଢି ଓ ଚତୁର୍ଥ ଜାତି- ମହିଳା । ଗତ ୨୦୧୪ରୁ ଦେଶରେ ଗାନ୍ଧି-ଦୀନଦୟାଲଙ୍କ ଗରିବ କଲ୍ୟାଣ ଓ ଅନ୍ତୋଦୟର ଶାସନ ଚାଲୁଛି । ଏବେ ସଦ୍ୟତମ ବିଶ୍ୱବ୍ୟାଙ୍କ ରିପୋର୍ଟ କହୁଛି ଯେ ମୋଦୀଙ୍କ ନେତୃତ୍ୱରେ ଆମ ଦେଶରେ ଗରିବୀ ହଟାଅ ସ୍ଲୋଗାନ ନୁହେଁ ବରଂ ଗରିବ କଲ୍ୟାଣ ଯୋଜନା ଦେଶବାସୀଙ୍କ ପାଇଁ ଜନ ଆଶୀର୍ବାଦରେ ପରିଣତ ହୋଇଛି । 'ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ପ୍ରୟାସ, ସବ୍‌କା ବିଶ୍ୱାସ' ଓଡ଼ିଶାରେ ବି ଆମ ଶାସନର ମୂଳ ମନ୍ତ୍ର ହୋଇଛି ।

**ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଆମ ରାଜ୍ୟରେ । 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନାରେ ଗରିବ ପରିବାରର ଝିଅମାନଙ୍କର ବିବାହକୁ ଜାକଜମକରେ କରିବାର ବ୍ୟବସ୍ଥା ହୋଇଛି । ସ୍ୱୟଂସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ଦୃଢ଼ କରିବାର ବଡ ଯୋଜନା କ୍ରିୟାନ୍ୱିତ ହେଉଛି ।**

୮୦୦ ଟଙ୍କାର ଧାନ ଉପରେ ଇନ୍‌ପୁଟ ସବସିଡି ଦେଇ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୩,୧୦୦ ଟଙ୍କା କରିବା ହେଉଛି ଆମର ବଡ ନିଷ୍ପତ୍ତି । କୃଷି, ମତ୍ସ୍ୟ ପଶୁପାଳନ, ସମବାୟ ଓ ଜଳସେଚନ ଏହି ସବୁ ବିଭାଗର ଯୋଜନାକୁ ଏକୀକୃତ କରି ଚାଷୀମାନଙ୍କର ବଡ ବିକାଶ କାମରେ ଲାଗିଛି ଆମ ସରକାର ।

ଶିଳ୍ପ ପ୍ରସ୍ତାବ ଆସୁଥିଲା । ମାତ୍ର ଉପଯୁକ୍ତ ଉଦ୍ୟମ ଅଭାବରୁ ଫେରି ଯାଉଥିଲା । 'ଉତ୍କର୍ଷ ଓଡ଼ିଶା ସମ୍ମିଳନୀ'ରେ ମୋଦୀ ଯୋଗଦେଇଥିଲେ ଓ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରି ସେମାନଙ୍କୁ 'ମୋଦୀ ଗ୍ୟାରେଣ୍ଟି'ର ପ୍ରତିଶ୍ରୁତି ଦେଇଥିଲେ । ଏବେ ଆମ ରାଜ୍ୟକୁ ପାଖାପାଖି ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସିଛି । ସେଥିମଧ୍ୟରୁ ଅନେକଙ୍କର କାମ ଆରମ୍ଭ ହୋଇସାରିଲାଣି । ଆମର ନିଷ୍ଠାପର ଉଦ୍ୟମ ଯୋଗୁଁ ଯେତେ ପ୍ରସ୍ତାବ ଆସୁଛି, ସେଗୁଡ଼ିକ କମ୍ ସମୟରେ କିପରି କ୍ରିୟାନ୍ୱିତ କରାଯାଇପାରିବ, ତାର ପ୍ରସ୍ତାବନା କରିବା ଓ ଆମ ଯୁବପିଢି ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା ଆମ ସରକାରଙ୍କ ଲକ୍ଷ୍ୟ ।

ପାଞ୍ଚ ବର୍ଷରେ ଦେଢଲକ୍ଷ ସରକାରୀ କର୍ମଚାରୀ ପଦବୀ ପୂରଣ ପାଇଁ ଆମେ ସଂକଳ୍ପ ପତ୍ରରେ କହିଥିଲୁ । ତୃଣମୂଳ ସ୍ତରରେ ଯୋଜନା କ୍ରିୟାନ୍ୱୟନ ହେବାରେ ବଡ ପ୍ରତିବନ୍ଧକ ହେଉଛି କର୍ମଚାରୀଙ୍କ ଅଭାବ । ଗତ ବର୍ଷକ ମଧ୍ୟରେ ସ୍ୱଚ୍ଛ ନିର୍ମଳ ପ୍ରକ୍ରିୟାରେ ୨୭ ହଜାର କର୍ମଚାରୀ ପଦବୀ ପୂରଣ କରିଛୁଁ । ଆଗାମୀ ବର୍ଷ ଆଉ ୪୦ ହଜାର ପଦବୀ ପୂରଣ କରିବାର ଲକ୍ଷ୍ୟ ମଧ୍ୟ ରଖିଛୁଁ ।

ଗତ ୨୪ ବର୍ଷ ସରକାରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିଷ୍ପତ୍ତି ହୋଇ ପାରୁନଥିଲା । ଏବେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ଇତିମଧ୍ୟରେ ଇଂଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ସମାନ ସଂରକ୍ଷଣ ପାଇଁ ମୋ ପାଖକୁ ଅନେକ ନିବେଦନ ଆସୁଛି । ଆମେ ତର୍ଜମା କରି ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବୁ ।

ଏବେ 'ଆୟୁଷ୍ମାନ ଭାରତ' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ' ଯୋଜନା ଲାଗୁ ହେବା କାରଣରୁ ମାଗଣା ସ୍ୱାସ୍ଥ୍ୟସେବା ଲୋକଙ୍କ ପାଖରେ ପହଁଞ୍ଚିଛି । ଏଥିପାଇଁ ଆମର ପ୍ରବାସୀ ଶ୍ରମିକମାନେ ବିଶେଷ ଲାଭବାନ ହୋଇଛନ୍ତି । ନିକଟରେ ମୁଁ କେନ୍ଦ୍ରାପଡା ଗସ୍ତ କରିବା ସମୟରେ ବିରୋଧୀ ଦଳର ଜଣେ ବିଧାୟକ ଓ କେତେକ ନେତୃସ୍ଥାନୀୟ ବ୍ୟକ୍ତି କେନ୍ଦ୍ରାପଡାର କେତେକ ପ୍ରବାସୀଙ୍କ ଆୟୁଷ୍ମାନ ଯୋଜନା ପାଇଁ ଖୁସି ବ୍ୟକ୍ତ କରିଥିଲେ । ଗରିବ ଓଡ଼ିଆଙ୍କୁ କଷ୍ଟ ଦେଇ ରାଜନୀତିକ ସ୍ୱାର୍ଥ ହାସଲ କରାଯିବା କଥାକୁ ମୁଁ ଗ୍ରହଣ କରିପାରୁନାହିଁ । ସ୍ୱାସ୍ଥ୍ୟ ସହ ଶିକ୍ଷା ଓ ଏଥିପାଇଁ ନୂତନ ଶିକ୍ଷାନୀତି-୨୦୨୦ର କ୍ରିୟାନ୍ୱୟନ ସଂପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟକାରୀ ହେଉଛି ।

୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗମାନଙ୍କ ଭତ୍ତା ରାଶି ମାସିକ ୩,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଆୟୁଷ୍ମାନ ଯୋଜନାରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଦେବାର ବ୍ୟବସ୍ଥା ହୋଇଛି ।

ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଉପାନ୍ତ ଓ ଦୁର୍ଗମ ଅଞ୍ଚଳର ବାସିନ୍ଦା, ଯେଉଁମାନେ ମୋଟାମୋଟି ରାଜ୍ୟର ଗରିବମାନଙ୍କର ପ୍ରମୁଖ ଭାଗରେ ରହିଛନ୍ତି, ସେମାନେ ସମସ୍ତେ ଆମ ସରକାରଙ୍କ ପ୍ରାଥମିକତାରେ ଅଛନ୍ତି ଏବଂ ଏକବର୍ଷର ସରକାରରେ ସେମାନଙ୍କର ସେବାପାଇଁ ଆମେ କେବେ ହେଲେ ଅବହେଳା କରିନାହୁଁ ।

ମୋତେ ଜଣା ଅଛି ଯେ ଆମ ରାଜ୍ୟରେ ପିଇବା ପାଣି ଏକ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ଦକ୍ଷିଣ ଭାରତରୁ ଠିକାଦାର ଆଣି ପ୍ୟାକେଜ ମାଧ୍ୟମରେ କାମସବୁ ପୂର୍ବ ସରକାର ଦେଇଥିଲେ । ପାଇପ ପାଣି ଯୋଗାଣ ଆମ ରାଜ୍ୟରେ ବିଡମ୍ବନାରେ ପରିଣତ ହୋଇଛି । ଆମେ ଆମର ମା' ମାନଙ୍କର ଏହି ପ୍ରମୁଖ ଆବଶ୍ୟକତାକୁ ଯୁଦ୍ଧକାଳୀନ ଭିତ୍ତିରେ କ୍ରିୟାଶୀଳ କରୁଛୁଁ । ୨୦୨୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତ ଲୋକଙ୍କ ଘରେ ଶୁଦ୍ଧ ପିଇବା ପାଣି ପାଇପ ଯୋଗେ ପହଁଞ୍ଚାଇବାର ବ୍ୟବସ୍ଥା କରୁଛୁଁ । ଉପାନ୍ତ ଅଞ୍ଚଳରେ ଗମନାଗମନ ପାଇଁ ସଡ଼କ ବ୍ୟବସ୍ଥାକୁ ଆମେ ଗୁରୁତ୍ୱ ଦେଇ କାମ କରୁଛୁଁ ।

ମୋ' ଦୁଆର ସମସ୍ତଙ୍କ ପାଇଁ ଖୋଲା । ଛୋଟିଆ କଥାଟିଏ । ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ ମୋ ବାସଭବନ ପାଖକୁ ଆସେ ଓ ମୋ ସୁରକ୍ଷାକର୍ମୀ ମୋତେ ଦେଖା କରିବାର ସୁଯୋଗ ତାଙ୍କୁ ଦେଇପାରୁ ନଥିଲେ । ବାରମ୍ବାର ଆସୁଥିବା ଏହି ବ୍ୟକ୍ତିଙ୍କ ସମ୍ବନ୍ଧରେ ଜାଣିବା ପରେ ତାଙ୍କୁ ଡକାଇଲି । ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ତାଙ୍କ ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିବାକୁ କହିଲି । ଅଭିଯୋଗ ଶୁଣାଣୀରେ ଲୋକଙ୍କ ସହ ମିଶିବା କାରଣରୁ ଆପଣ ମୋତେ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଓ ସରକାରଙ୍କୁ 'ଲୋକଙ୍କ ସରକାର' କହୁଥିବାରୁ ହୃଦୟରୁ ଧନ୍ୟବାଦ ଦେଉଛି ।

**ମୁଁ ମୁଖ୍ୟମନ୍ତ୍ରୀ ଆସନରେ ବସି ଥାଇପାରେଁ । ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡିଆ । ଦୃଢ ନିଷ୍ଠା, କଠିନ ପରିଶ୍ରମ ଏବଂ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇ ରହୁଛି ।**

ଜୟ ଜଗନ୍ନାଥ ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଇଷ୍ଟଙ୍କ କଥା ମାନିଲେ ସିଦ୍ଧି



କୃପାନିଧି ବିଶ୍ୱାଳ

ସତ୍‌ସଙ୍ଗର ପ୍ରଥମ ପ୍ରଧାନ ଆଚାର୍ଯ୍ୟଦେବ ଯୁଗାଚାର୍ଯ୍ୟ ପରମ ପୂଜ୍ୟପାଦ ଶ୍ରୀଶ୍ରୀବଡଦା ପୁରୀ ଠାକୁର ବାଡ଼ିରେ ଅବସ୍ଥାନ କରୁଥାନ୍ତି । ସେହି ସମୟଟି ଇଂରାଜୀ ୧୯୯୪ ମସିହା ମାର୍ଚ୍ଚ ମାସ ହେବ ।

ପୁରୀ ଠାକୁରବାଡି ମନ୍ଦିରର ପ୍ରାର୍ଥନା ସମୟରେ ପରମ ପୂଜ୍ୟପାଦ ଶ୍ରୀଶ୍ରୀଦାଦା ଅନୁଭବ କରନ୍ତି ଯେ ସାଉଣ୍ଡ ବ୍ୟବସ୍ଥା ଠିକ୍ ନାହିଁ । ସେ ନୂତନ ସାଉଣ୍ଡର ବ୍ୟବସ୍ଥା କରିବା ପାଇଁ ଆସାମ ରାଜ୍ୟର ଗୁରୁଭ୍ରାତା ଶ୍ରୀ ରବି ଦେ ଏବଂ ଶ୍ରୀ ତେଲେଙ୍ଗା ଦାଦାଙ୍କୁ ଭୁବନେଶ୍ୱରରେ ସାଉଣ୍ଡ ସିଷ୍ଟମକୁ ଯୋଗାଡ କରିବା ପାଇଁ ନିର୍ଦ୍ଦେଶ କରନ୍ତି ।

ତଦନୁଯାୟୀ ଦିନ ବେଳା ପୁରୀରେ ମଧ୍ୟାହ୍ନ ଭୋଜନ ପରେ ଦୁଇ ଜଣ ଭୁବନେଶ୍ୱର ଆସି ସର୍କିଟ ହାଉସର ପରିଚାଳକ ତଥା ଗୁରୁଭ୍ରାତା ଭାବେ ମୋତେ ସାଙ୍ଗରେ ଧରି ସିଷ୍ଟମ କିଣିବା ପାଇଁ ଶ୍ରୀଶ୍ରୀଦାଦାଙ୍କର ନିର୍ଦ୍ଦେଶକୁ ଜଣାନ୍ତି ଏବଂ ତାହା ସେମାନେ ପାଳନ କରନ୍ତି ।

ଶ୍ରୀଶ୍ରୀଦାଦାଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁଇଜଣ ଆସି ଭୁବନେଶ୍ୱର ସର୍କିଟ ହାଉସରେ ସନ୍ଧ୍ୟାରେ ପହଁଞ୍ଚିଲେ । ମୁଁ ସେମାନଙ୍କୁ ଗୁରୁ ଭାଇ ହିସାବରେ ସ୍ୱାଗତ କଲି ଏବଂ ସେମାନଙ୍କୁ କହିଲି ଯେ ରାତ୍ରି ୮ଟା ପୂର୍ବରୁ ମୁଁ ସର୍କିଟ ହାଉସ୍ କାମ ଛାଡି ଯିବା ଅସମ୍ଭବ ବୋଲି ଦର୍ଶାଇ ନିଜ କାମରେ ବ୍ୟସ୍ତ ରହିଲି ।

ସେମାନେ ମୋର ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହେଲେ । ମୁଁ କହିଲି ମାଷ୍ଟର କ୍ୟାଣ୍ଟିନ୍ ଛକଠାରେ ନମକରା ଦୋକାନ ଗୋଟିଏ ଅଛି, ସେଠି ମିଳିଯିବ । ଶ୍ରୀ ରବି ଦେ ମହାଶୟଙ୍କ ରେଡିଓ ବିଷୟରେ ଏବଂ ସାଉଣ୍ଡ ସିଷ୍ଟମ ବିଷୟରେ ପ୍ରଚଣ୍ଡ ଜ୍ଞାନ ଥାଏ ।

ସେମାନଙ୍କୁ ମୁଁ ଅନୁରୋଧ କଲି ଆପଣ ଦୁଇ ଜଣ ଯାଇ ଜିନିଷଟିକୁ କିଣି ନିଅନ୍ତୁ ।

ମୋର ଏ ବିଷୟରେ କିଛି କରିବା ପାଇଁ ନାହିଁ । ମୁଁ ଦୋକାନର ଠିକଣାଟି କହି ଦେଉଛି ଆପଣମାନେ ସାଉଣ୍ଡ ସିଷ୍ଟମଟି କିଣି ନେଇ ରେଳ ଯୋଗେ ପୁରୀ ଚାଲିଯିବେ ।

ମୁଁ ସେମାନଙ୍କ ସହ ନୂଆ ପରିଚିତ । ତେଣୁ ମୋର ଉତ୍ତର ସେମାନଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । କିନ୍ତୁ ସେ ଦୁଇ ଜଣ ଚୁପ୍ ହୋଇ ଖୁବ୍ ଧୈର୍ଯ୍ୟର ସହିତ ବସି ରହିଲେ, କହିଲେ ଶ୍ରୀଶ୍ରୀଦାଦା ସେମାନଙ୍କୁ କହିଛନ୍ତି ବିଶ୍ୱାଳ ଭାଇକୁ ସାଙ୍ଗରେ ନେଇକି କିଣିବାକୁ ହେବ ।

ସେମାନେ ଦୁହେଁ ମୋର ଅଫିସ କାମ ସମାପ୍ତି ପର୍ଯ୍ୟନ୍ତ ଅପେକ୍ଷା କଲେ ।

ମୋର କାମ ସରିବା ପରେ ସେତେବେଳେକୁ ରାତ୍ରି ୮ ଟା ହୋଇ ସାରିଥିଲା । ଆମ୍ଭେମାନେ ଗୋଟିଏ ରିକ୍ସା ନେଇ ମାଷ୍ଟର କ୍ୟାଣ୍ଟିନ୍ ଅଭିମୁଖେ ବାହାରିଲୁ ।

ଦେଖିଲୁ ଦୋକାନ ମାଲିକ ଦୋକାନ ବନ୍ଦ କରିବା ପାଇଁ ଉଦ୍ୟତ । ଆମେ ତିନି ଜଣ ଦୋକାନ ଭିତରେ ପଶିଗଲୁ । ଦୋକାନୀ ମାଲିକଙ୍କୁ ସାଉଣ୍ଡ ସିଷ୍ଟମ ବିଷୟରେ କହିବାରୁ ସେ ଆମ କଥା ଶୁଣିବାକୁ ଚାହୁଁ ନଥିଲେ । ସେ ଦୋକାନ ବନ୍ଦ କରିବା ପାଇଁ ବ୍ୟଗ୍ର । ଆମକୁ ବାହାରି ଯିବାକୁ ଅନୁରୋଧ କରିଥିଲେ ।

ଆମେ କିନ୍ତୁ ନିରୁପାୟ । ଆମର ଜିଦ୍ ଆମେ ଜିନିଷ ଯେମିତି ହେଲେ ନେଇକରି ଯିବୁ । ସେତେବେଳେକୁ ରାତ୍ରି ୯ ଟା ବାଜିଲାଣି । ଦୋକାନୀଙ୍କ ସହିତ ବହୁତ କଥା ହେବା ପରେ, ମୁଁ ତାଙ୍କୁ କହିଲି ଆଜି ଆମେ ତିନି ଜଣ ଆପଣଙ୍କ ଦୋକାନରେ ରହିବୁ । ତାଙ୍କର୍ ମାଲିକ ସହିତ ମୋର ସାମାନ୍ୟ ପରିଚୟ ଥିଲା । ତେଣୁ ଟିକେ ସାହସ ଥିଲା ।

ଶ୍ରୀଶ୍ରୀଦାଦା ଆମକୁ ଯେଉଁ ସାଉଣ୍ଡ ସିଷ୍ଟମ ପାଇଁ ଆମକୁ ନିର୍ଦ୍ଦେଶ ଦେଇଛନ୍ତି , ତାହା ଆପଣ ଭୁବନେଶ୍ୱରରୁ ଯେଉଁଠି ମିଳୁଛି ଆଣି ଦେଲେ ଆମେ ଆପଣଙ୍କର ଦୋକାନ ଛାଡିବୁ ।

ସେ ତାଙ୍କ ଦୋକାନରେ ଏହି ସିଷ୍ଟମର ଜିନିଷଟି ନାହିଁ ବୋଲି କହିଲେ । ମୁଁ ତାଙ୍କୁ ଅନୁରୋଧ କଲି, ଆପଣ ଅନ୍ୟ ଯେ କୌଣସି ଦୋକାନରୁ ଯେଉଁଠି ମିଳୁଛି ଆଜି ଆଣି ଆମକୁ ଦିଅନ୍ତୁ ।

ସେ ଆମ ଅନୁରୋଧକୁ ରକ୍ଷା କରି ବିଭିନ୍ନ ଦୋକାନକୁ ଟେଲିଫୋନରେ ଯୋଗଯୋଗ କଲେ କିନ୍ତୁ ସେହି ସାଉଣ୍ଡ ସିଷ୍ଟମଟି କୋଉଠି ମିଳୁନି ବୋଲି ଆମକୁ କହିଲେ । ସେତେବେଳେ ମୋବାଇଲ ନ ଥିଲା ।

ରାତ୍ରି ପ୍ରାୟ ପାଖାପାଖି ୧୧ଟା ହେଲାଣି । ବାହାରୁ ଦୋକାନଟି ବନ୍ଦଥାଏ, ଭିତରେ ଆମେ ସବୁ ଥାଉଁ ।

ସେହି ସମୟରେ ହଠାତ୍ ତାଙ୍କରି କୌଣସି ଜଣେ କର୍ମଚାରୀ କହିଲେ ଯେ ଗୋଟିଏ ସାଉଣ୍ଡ ସିଷ୍ଟମ ତାଙ୍କରି ପାହାଲସ୍ଥିତ ଗୋଦାମରେ ଅଛି । ସେ ନିଜେ ପୁରୁଣା ସେଟଟିକୁ ରଖିଛନ୍ତି , କିନ୍ତୁ ପାହାଲ ଯାଇ ଆଣିବା କଷ୍ଟକର ହେବ । ଆଜିକାଲ ସେହି ବ୍ରାଣ୍ଡ କେହି ନେଉ ନାହାନ୍ତି, ତେଣୁ ଷ୍ଟୋରରେ ଅଛି ।

ରବି ଭାଇ କିନ୍ତୁ ପରଦିନ ସକାଳୁ ଆସାମ ଚାଲି ଯିବେ । ତାଙ୍କର ଟିକେଟ ହୋଇଛି ।

ସମସ୍ତ ବିଷୟ ତାଙ୍କୁ ଅବଗତ କରିବା ପରେ ଜଣେ କର୍ମଚାରୀ ମୋଟର ସାଇକେଲ ଯୋଗେ ପାହାଲ ଗଲେ ଆଉ ଆମର ଯେଉଁ ସାଉଣ୍ଡ ସିଷ୍ଟମଟି ଦରକାର ଥିଲା ,ତାହା ଆଣି ଦେଲେ ।

ରବି ଭାଇ ସେହି ସାଉଣ୍ଡ ସିଷ୍ଟମର ଉଚିତ ମୂଲ୍ୟ ଦୋକାନୀ ମହାଶୟଙ୍କୁ ଦେଇ ଟ୍ରେନରେ ଜିନିଷ ଧରି ପୁରୀ ଚାଲିଗଲେ ।

ପରମ ପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟ ଦେବଙ୍କ ଜନ୍ମ ଦିବସ ତା ୮ / ୬ / ୨୦୨୫ ରେ ଥିଲା । ରବି ଭାଇ ଏହି ବିଷୟ ଶ୍ରୀ ସୁବାଷ ଚନ୍ଦ୍ର ପ୍ରଧାନ ସହ ପ୍ରତି - ରିତିକ୍‌ଙ୍କ ସହିତ ଗଳ୍ପ କରିବା ସମୟରେ ମୁଁ ହଠାତ୍ ସେଠି ପହଁଞ୍ଚିବା ପରେ, ଦୁଇ ଜଣ ମୋତେ ଏହି ଘଟଣା ବିଷୟ ଦୀର୍ଘ ୩୦ ବର୍ଷ ତଳର କଥା କହିଥିଲେ । ଏହା ଦେଓଘରର ନାଟ ମଣ୍ଡପ ପାଖରେ ସେମାନଙ୍କ ସହିତ ଆଲୋଚନା ହୋଇଥିଲା ।

ଆମର ବିଶ୍ୱାସ ରଖିବା ଉଚିତ ଯେ ପରମ ପୂଜ୍ୟପାଦ ଶ୍ରୀଶ୍ରୀଦାଦା କିମ୍ବା ପରମ ପୂଜ୍ୟପାଦ ଶ୍ରୀଶ୍ରୀଆଚାର୍ଯ୍ୟ ଦେବ ଯେତେବେଳେ ଯାହା ଚାହିଁବେ ସେତେବେଳେ ତାହା ହୋଇଯାଇ ପାରିବ । ବହୁ ଘଟଣାରେ ଅନୁଭୂତି ହୋଇଛି ।

ଆମେ କେବଳ ନିଷ୍ଠା ସହକାରେ ଚେଷ୍ଟା କରିବା ଉଚିତ । ଯାହା କି ଶ୍ରୀଯୁକ୍ତ ରବି ଦେ ଭାଇଙ୍କ ଠାରୁ ମୋତେ ଶିଖିବାକୁ ମିଳିଥିଲା ।

ତାପରେ ମୋତେ ଅନେକ ଇଷ୍ଟ କାମରେ ସାମିଲ ହେବାର ସୌଭାଗ୍ୟ ମିଳେ, ପରମ ପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ କାମରେ ସାମିଲ ହୋଇ ଆନନ୍ଦ ମିଳେ ।



ସୌଭାଗ୍ୟବଶତଃ ଦିଲ୍ଲୀ, ମୁମ୍ବାଇ ଇତ୍ୟାଦି ସହରରେ ଶ୍ରୀଶ୍ରୀଆଚାର୍ଯ୍ୟ ଦେବଙ୍କ ନିର୍ଦ୍ଦେଶ ପାଳନ କରିବାର ସୁଯୋଗ ପ୍ରାପ୍ତ ହୋଇଛି ଏ ଭକ୍ତର ।

ପୁରୀରେ ୧୨ ତାରିଖ (ଜୁନ୍, ୨୦୨୫) ରେ ଶ୍ରୀମନ୍ଦିର ଉଦ୍‌ବୋଧନ ଉତ୍ସବ ପାଳନ ହେବାକୁ ଯାଉଛି ।

ଆଶାକରେ ଶ୍ରୀଶ୍ରୀଠାକୁରଙ୍କ କାମରେ ଲାଗି ରହିଥିବା ଯୁବକର୍ମୀମାନଙ୍କୁ ଏହି ଘଟଣା ପ୍ରେରଣାପ୍ରଦ ହେବ ।

ବିଶ୍ୱାସ ,ନିଷ୍ଠା ,ଅନୁରାଗ ଆନୁଗତ୍ୟ ଥିଲେ ତାଙ୍କର କାମକୁ ଆମେ ସହଜରେ କରି ପାରିବା ପାଇଁ ସକ୍ଷମ ହେବା । ଏହା ନିଃସନ୍ଦେହ ।

ଯୁଗ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀମୁଖରୁ ନିଃସୃତ ହୋଇଛି -

ଦ୍ୱନ୍ଦ ବାଧା ବିଘ୍ନ ଦଳି ଦକ୍ଷ କୁଶଳ ତଡିତ ରାଗେ ।

'ଗୁରୁଙ୍କ ଆଦେଶ ପାଳନ ଯେଉଁଠି
ସେହିଠାରେ ହିଁ ସିଦ୍ଧି ଜାଗେ ।'

ଜୟଗୁରୁ
ବନ୍ଦେ ପୁରୁଷୋତ୍ତମମ୍

**ସହ -ପ୍ରତିଋତ୍ୱିକ, ସତ୍‌ସଙ୍ଗ, ଭୁବନେଶ୍ୱର**
**ମୋ- ୯୮୧୯୯୬୪୫୧୭**

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଗଜାନନ...

ଦଇତା ପତି ସେବକ ମାନେ ବିଗ୍ରହମାନଙ୍କୁ ସ୍ନାନ ବେଦୀକୁ ପହଣ୍ଡି ବିଜେ କରିଥିଲେ। ପ୍ରଥମେ ବଡ ଠାକୁର ବଳଭଦ୍ର, ପରେ ମା ଦେବୀ ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ ଓ ମଦନ ମୋହନ ପହଣ୍ଡି ହୋଇ ସ୍ନାନ ବେଦୀକୁ ଆସିଥିଲେ। ସେଠାରେ ବିଗ୍ରହ ମାନଙ୍କ ବିଭିନ୍ନ ନୀତି କାନ୍ତି ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ଅଧର ପୋଛା, ଅବକାଶ ପୂଜା, ଅବକାଶ ଶେଷ,ରୋଷ ହୋମ, ସୂର୍ଯ୍ୟ ପୂଜା,ବେଶ ଶେଷ, ଦ୍ୱାର ପାଳ ପୂଜା, ଜଳ ଛେକ ଡାକି, ନେଆପ ସର୍ବାଙ୍ଗ, ନୂଆ ଲୁଗା ଲାଗି ବେଶ ଆଦି ହୋଇଥିଲା। ଅପରାହ୍ନ ୪ ଟାରେ ସ୍ନାନ ବେଦୀରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇ ୪ ଟା ୪୦ ମିନିଟରେ ଶେଷ ହୋଇଥିଲା। ଗଜପତି ମହାରାଜ ଦିବ୍ୟ ସିଂହ ଦେବ ହାତରେ ସୁନା ଝାଡ଼ୁ ଧରି ସ୍ନାନ ବେଦୀରେ ଛେରା ପହଁରା କରି ଥିଲେ। ଅପରାହ୍ନ ୪ ଟା ୪୫ ମିନିଟରେ ବିଗ୍ରହ ମାନଙ୍କ ହାତୀ ବେଶ୍ ବା ଗଜାନନ ବେଶ ଆରମ୍ଭ ହୋଇ ୫ ଟା ୪୫ ମିନିଟରେ ଶେଷ ହୋଇ ଥିଲା। ସଂଧ୍ୟାରେ ଭକ୍ତ ମାନଙ୍କ ଲାଗି ସାହାଣ ମେଲା ଦର୍ଶନ ଆରମ୍ଭ ହୋଇ ଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ନାନ ବେଦୀକୁ ରଙ୍ଗ କରା ଯାଇ ରଙ୍ଗ ବେରଙ୍ଗର କନାରେ ଛାମୁଣ୍ଡିଆ କରା ଯାଇ ଥିଲା। ସ୍ନାନ ବେଦୀରେ ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ କରା ଯାଇ ଥିଲା। ଉଜ୍ଜ୍ୱଳ ଆଲୋକମାଳାରେ ଝଲସି ଉଠୁ ଥିଲେ ହାତୀ ବେଶରେ ସଜ୍ଜିତ ବିଗ୍ରହମାନେ। ଯାହାକୁ ଦେଖି ଭକ୍ତ ମାନେ ଆତ୍ମ ବିଭୋର ହୋଇ ଉଠୁଥିଲେ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ମାର୍କେଟ ଛକ ଠାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବ୍ୟାରିକେଡ଼ ନିର୍ମାଣ କରାଯାଇ ଥିଲା। ଭକ୍ତ ମାନେ ବ୍ୟାରିକେଡ଼ ଦେଇ ଧାଡ଼ିରେ ଶ୍ରୀମନ୍ଦିର ଭିତରକୁ ଯାଇ ସ୍ନାନ ବେଦୀରେ ବିଗ୍ରହ ମାନଙ୍କୁ ଗଜାନନ ବେଶରେ ଦର୍ଶନ କରି ଥିଲେ। ରାତ୍ରି ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା। ଏହା ପରେ ବିଗ୍ରହ ମାନଙ୍କୁ ବେଶ୍ ଓଲଗି ହୋଇ ଥିଲା। ବିଳମ୍ବିତ ରାତ୍ରରେ ବିଗ୍ରହମାନେ ପହଣ୍ଡି ବିଜେ ହୋଇ ସ୍ନାନ ବେଦୀରୁ ରନି ସିଂହାସନ ଅଣସର ଯାଇ ଥିଲେ। ଜଳ ଲାଗି ସ୍ନାନ ଯୋଗୁଁ ବିଗ୍ରହ ମାନେ ଅସୁସ୍ଥ ହୋଇ ପଡ଼ି ଅନସର ଘରେ ବିଶ୍ରାମ ନେଉଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବଡ଼ଦାଣ୍ଡରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇ ଥିଲା। ଛ କଳାକାର ମାନେ ଭଜନ ପରିବେଷଣ କରି ଥିଲେ। ଆସନ୍ତା ରଥ ଯାତ୍ରା ଲାଗି ରଥ ଦ୍ରୁତଗତିରେ ଆଲାଗନ୍ଥ ପାଠରେ ପଥର ଦିନ ଧରି ଦର୍ଶନ ଚାଲିବାରୁ ଭକ୍ତ ମାନଙ୍କ ନିରାପଦ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇ ଥିଲା। ସେହିପରି ବାହାରୁ ଆସୁ ଥିବା ଯାନ ବାହନ ଓ ଟ୍ରାଫିକ ପରିଚାଳନା ପାଇଁ ବ୍ୟାପକ ପାର୍କିଂ ବ୍ୟବସ୍ଥା ଓ ସୁବନ୍ଦୋବସ୍ତ ହୋଇ ଥିଲା। ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତି କାନ୍ତି ଅନୁଷ୍ଠାନ ପାଇଁ ଖୋଦ୍ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ କୁମାର ଅଗ୍ରୱାଲ, ବରିଷ୍ଠ ପୋଲିସ ଅଧିକାରୀ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାରଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବଡଚଣା...

ଦୁହିଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସେହିପରି ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ରୁ ଉର୍ଦ୍ଧ୍ୱ ରୋଗି ଚିକିତ୍ସା ହେଉଛନ୍ତି ! ଆକ୍ରାନ୍ତ ହୋଇ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଥିବା ରୋଗୀମାନେ ହେଲେ ବଡ଼ଚଣା ବ୍ଲକ ଖଇରା ଗାଁର ସତ୍ୟଭାମା ସାହୁ(୬୦),ଗୋପାଳପୁର ଗ୍ରାମର ପାଣ୍ଡୁ ଆଲଦା(୩୬), ବୁଢ଼ୁପୁର ଗାଁର ଜଗନ୍ନାଥ ମଲ୍ଲିକ(୩୯), ଗୋପାଳପୁର ଗାଁର ମିନୁ ମୁଣ୍ଡା(୨୫), ଛଡିଆ ବିଦ୍ୟାଧରପୁର ଗାଁର ଲିଜା ବେହେରା(୨୮), ଖଡ଼ିଅଙ୍କ ଗାଁର ପଦନ କୁମାର ମହାପାତ୍ର(୫୨), ବାଲିଚନ୍ଦ୍ରପୁର ଗ୍ରାମର ନନ୍ଦକିଶୋର ଗଡ଼ାଇ(୮), ସପଶନପୁର ଗାଁର ଇଛା ସ୍ୱାଇଁ(୭୫) ଏବଂ ବାରବାଟି ଗ୍ରାମର ଲିପସାରାଣୀ ସାହୁ(୩୭) ! ତେବେ ପାଗର ପରିବର୍ତନ ଏବଂ ବିଶେଷ କରି ଅଧିକ ଆମ୍ବ ଖାଇବା ଦ୍ୱାରା ଏପରି ଅବସ୍ଥା ସୃଷ୍ଟି ହୋଇଛିବା ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଶ୍ରୀକାନ୍ତ ଜେନା କହିଛନ୍ତି ! ଖବର ପାଇଁ ବିଧାୟକ ଅମରକୁମାର ନାୟକ ମୃତକଙ୍କ ଘରେ ପହଂଚି ତାଙ୍କ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ରୋଗ ବ୍ୟାପୁଥିବା ଅଞ୍ଚଳରେ ସ୍ୱତନ୍ତ୍ର ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ଯୋଗାଇଦେଇ ରୋଗକୁ ଯଥାଶୀଘ୍ର ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଧର୍ମଶାଳା ବ୍ଲକର ଅଞ୍ଜିରା ପଞ୍ଚାୟତ ଅନ୍ତର୍ଗତ ଗୋଡିପାଟିଆ,ଭେଜିଗୋଠ, ସାହାଣିଡିହ ପଞ୍ଚାୟତର ଚାରଗୋଡ ସମେତ ଅନ୍ୟ ୪/୫ଟି ଗ୍ରାମରେ ଏହିରୋଗରେ ବହୁଲୋକ ଆକ୍ରାନ୍ତ ହୋଇ କଟକ,ଭୁବନେଶ୍ୱର,ଧର୍ମଶାଳା ଓ ଜରାକଣ୍ଡ ସମେତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗୋଡିପାଟିଆ ଗ୍ରାମର ଅଜୟକୁମାର ରାଉତଙ୍କର ଗତକାଲି ଏହି ରୋଗରେ ମୃତ୍ୟୁ ଘଟିଥିବା ଜଣାପଡିଛି।ତେବେ ଉକ୍ତ ଗ୍ରାମର ଗୋପାଳ ରାଉତ ଓ ତାଙ୍କ ପରିବାରର ୬ଜଣଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡିଛି।

ସେହିପରି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ଦେଢ ଶହରୁ ଉର୍ଦ୍ଧ୍ୱ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଗତକାଲି ଠାରୁ ଆଜି ମଧ୍ୟରେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫୧ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଅଧିକାଂଶ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଆଜି ଏହି ଡାକ୍ତରଖାନାକୁ ୫୮ ଜଣ ଝାଡାବାନ୍ତି ଆକ୍ରାନ୍ତ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଧର୍ମଶାଳା ବ୍ଲକ ମହିଶରା ଓ ପାଖର ପଂଚାୟତର ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୨୪ ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବା ବେଳେ ଏବେ ଡାକ୍ତରଖାନାରେ ୩୪ ଜଣ ଚିକିତ୍ସାଧିନ ରହିଛନ୍ତି। ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଏଭଳି ଝାଡାବାନ୍ତି ରୋଗ ମାଡିଚାଲିଥିବା ବେଳେ ଏହାର ପ୍ରତିକାର ଓ କାରଣ ଖୋଜିବା ଲାଗି ରାଜ୍ୟ ମେଡିକାଲ ବିଭାଗ ପକ୍ଷରୁ ୨ ଜଣିଆ ଡାକ୍ତରୀ ଟିମ ଆଜି ଧର୍ମଶାଳା ଡାକ୍ତରଖାନାରେ ରୋଗୀ ଏବଂ ତାଙ୍କ ସମ୍ପର୍କିୟମାନଙ୍କୁ ପଚରା ଉଚରା କରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଏହି ଟିମରେ ଡା. ସୁନିତା ଜେନା ଓ ଡା. ସୁରଜିତ ଗଡଗରୁ ଆଜି ଝାଡାବାନ୍ତିରେ ଆକ୍ରାନ୍ତ ପାଖର ଓ ଅଞ୍ଜିରା ପଂଚାୟତ ବୁଲି ଲୋକମାନଙ୍କୁ ପଚାରିବା ଅବଗତ ହେବା ସହ ଦଏହି ସମୟରେ ସୁସ୍ଥ ଖାଦ୍ୟ ଓ ଫୁଟପାଣି ପିଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଝାଡାବାନ୍ତିର ପ୍ରମୁଖ କାରଣ ଜାଣିବାକୁ ଚେଷ୍ଟା କରିଥିଲେ। ସେହିପରିଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ନିଳକଂଠ ମିଶ୍ର ଓ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ ଧର୍ମଶାଳା ମେଡିକାଲରେ ପହଁଚି ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରୀ ଅବଗତ ହୋଇଥିଲେ। ଏହି ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମେଡିକାଲରେ ପହଁଚି ରୋଗୀମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଆଜି ଧର୍ମଶାଳା ମେଡିକାଲରେ ପହଁଚି ଝାଡାବାନ୍ତିରେ ଆକ୍ରାନ୍ତ ରୋଗୀ ଓ ସେମାନଙ୍କ ସମ୍ପର୍କିୟମାନଙ୍କ ସହିତ ଆଲୋଚନା କରି ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷ କରି ଭୋଜିଭାତ ଲଗି ଜଡାବାନ୍ତି ରୋଗ ଅଧିକ ବ୍ୟାପୁଥିବା ବେଳେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବା ରୋଗୀମାନଙ୍କ ପାଇଁ ଡାକ୍ତରଖାନାରେ ଆବଶ୍ୟକ ସାଲାଇନ ଓ ଔଷଧ ମହଜୁଦ ରହିଛି ଏବଂ ଏହାର ମୁକାବିଲା ଲାଗି ପ୍ରଶାସନ ସ୍ୱଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ୭ ହଜାର...

ସଂକ୍ରମିତଙ୍କ ସହ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୨୨୩ରେ ପହଞ୍ଚିଛି। ଦିଲ୍ଲୀରେ ୬୬ ନୂଆ ସଂକ୍ରମିତ ଏହି ସମୟ ମଧ୍ୟରେ ଚିହ୍ନଟ ହୋଇଛନ୍ତି। ଦିଲ୍ଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୭୫୭ରେ ପହଞ୍ଚିଥିବାବେଳେ ଗୁଜରାଟରେ ୧୨୨୩ ସଂକ୍ରମିତ ହୋଇଛନ୍ତି। ନୂଆ ଉପପ୍ରଜାତି ଜେଏନ୍.୧ ଷ୍ଟ୍ରେନ୍ ଅଧିକ ପ୍ରଭାବଶାଳୀ ହେବା ଦେଖିବାକୁ ମିଳିଛି। ଏହି ଭୂତାଣୁରେ ୫୩% ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ସାଧାରଣ ଲୋକ ପ୍ରଶେଧକମୂଳକ ବ୍ୟବସ୍ଥା ସ୍ୱରୂପ ଗହଳି ସ୍ଥାନରେ ମାସ୍କ ପିନ୍ଧିବା ଓ ନିଜକୁ ପରିଷ୍କାର ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଭୂତାଣୁରେ ଲକ୍ଷ ସାମାନ୍ୟ ରହୁଥିବାରୁ ଏଥିପ୍ରତି ବିବ୍ରତ ହେବାର କୌଣସି ଅବକାଶ ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି।

## ରଜରେ...

ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇପାରେ । ବୁଧବାର ସକାଳ ସାଢ଼େ ୮ ଟାରୁ ସନ୍ଧ୍ୟା ୫.୩୦ରେ ଭୁବନେଶ୍ୱରରେ ୧୬.୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୧୪.୮ ମିମି, କଟକରେ ୧୧.୪ ମିମି, ଚାନ୍ଦବାଲିରେ ୭.୪ ମିମି, ରାୟଗଡ଼ାରେ ୫.୬ ମିମି, ଯାଜପୁରରେ ୫ ମିମି ବର୍ଷା ସହିତ ଆଉ କିଛି ଜାଗାରେ ସ୍ୱଳ୍ପ ବର୍ଷା ହୋଇଥିବା ଜଣାପଡ଼ିଛି ।

ରାଜ୍ୟରେ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା ଜାରି ରହିଛି । ଆସନ୍ତାକାଲି(ଗୁରୁବାର) ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ସହିତ ପବନ ଘଣ୍ଟାପ୍ରତି ୩୦-୪୦ କିମି ବୋହିପାରେ । ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାର ସ୍ଥାନେ ସ୍ଥାନେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ।

୧୩ରେ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଶେଷକରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷିବ । ସେହି ଜିଲ୍ଲାଗୁଡ଼ିକ ହେଉଛି: ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ମାଲକାନଗିରି, ନୂଆପଡ଼ା, ମୟୂରଭଞ୍ଜ, ରାୟଗଡ଼ା ଓ କୋରାପୁଟ । ଆସନ୍ତା ୧୮ ତାରିଖ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି ।

# ନାରାୟଣ ମହାପାତ୍ରଙ୍କୁ ଗୋଲଡେନ ଆୱାର୍ଡ

ଭୁବନେଶ୍ୱର (ସବ୍ୟୁ) : ନ୍ତର୍ଜାତୀୟ ଅନୁଷ୍ଠାନ ଏମ୍ବେୟାର ଅଫ ପିସ ଉଗଣ୍ଡା ପକ୍ଷରୁ ସମାଜ ରେ ଶାନ୍ତି ବଜାୟ ରଖିବା ଓ ସମାଜ ମଙ୍ଗଳ କାର୍ଯ୍ୟ ରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ ନାରାୟଣ ମହାପାତ୍ରଙ୍କୁ "ଗୋଲଡେନ ଆୱାର୍ଡ " ରେ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜରେ ବରିଷ୍ଠ ନାଗରିକଙ୍କ ଓ ଛୋଟ ଅନାଥ ପିଲାମାନଙ୍କ ପାଖରେ ପହଞ୍ଚି



ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଏ ଟ୍ରଷ୍ଟ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ବୃକ୍ଷ ରୋପଣ ଓ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ଯ କରାଯାଇ ଥାଏ, ପୂର୍ବରୁ ଡ ନାରାୟଣ ମହାପାତ୍ର ସମାଜସେବା ଓ ସମାଜ ରେ ଶାନ୍ତି ବଜାୟ ରଖିବା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ କରି ଥିବାରୁ ଅନ୍ତର୍ଜାତୀୟ ଅନୁଷ୍ଠାନ ପକ୍ଷରୁ ବହୁ ହ୍ୟୁମ୍ୟାନଟେରିଆନ ଉପାଧି ପାଇଛନ୍ତି।

# ଜାଲ୍ ସାର୍ଟିଫିକେଟ୍‌ରେ ଗ୍ରାମୀଣ ଡାକ ସେବକ ଚାକିରି ଉଦ୍ୟମ, ପୁଣି ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜାଲ୍ ସାର୍ଟିଫିକେଟ୍‌ରେ ଗ୍ରାମୀଣ ଡାକସେବକ ଚାକିରି ଉଦ୍ୟମ ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ପୁଣି ୫ଜଣଙ୍କୁ ଗିରଫ କରାଯିବା ପରେ ବୁଧବାର କୋର୍ଟଚାଲାଣ କରାଯାଇଥିଲା । ଏହି ମାମଲାରେ ୨୫ଜଣ ଗିରଫ ହୋଇସାରିଲେଣି ।

ଗିରଫ ହୋଇଥିବା ୫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଥାନା ମୁରିବାହାଲର କୁଳମଣି ରଣା (୨୪), ବଲାଙ୍ଗୀର ସଦର ଥାନା କୁଟମଦୋଳାର ଅଜାଉଦ୍ଦିନ କୁମ୍ଭାର (୨୮), ଜଗନ୍ନାଥପଡାର ରଜତ କୁମାର ନାୟକ (୩୨), ବଲାଙ୍ଗୀର ଥାନା ଅଞ୍ଚଳର ସୁଧୀର ଭୂଏ (୨୭) ଓ ସୁବର୍ଣ୍ଣପୁର ଅଞ୍ଚଳର ତୋଫାନ ବାଗ୍(୪୫) । ପୂର୍ବରୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଝାଡଖଣ୍ଡର ଅଭିଜିତ କୁମାର ଭକତ, ବଲାଙ୍ଗୀର ଟାଉନ ରିଲିଆନ୍ସ ଏଜୁକେସନ କମ୍ପ୍ଲେକ୍ସର ମାଲିକ ମନୋଜ ମିଶ୍ର ଏବଂ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ଏହି ର୍ୟାକେଟ୍ ସହିତ ଜଡିତ ଅନ୍ୟ ୧୭ଜଣଙ୍କୁ ଗିରଫ କରାଯାଇଛି ।

୨୦୨୩ ମସିହା ଜାନୁଆରୀ ମାସରେ ଗ୍ରାମୀଣ ଡାକସେବକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ଚାକିରି ନିମନ୍ତେ ହଜାର ହଜାର ସଂଖ୍ୟାରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିଥିଲେ । ତେବେ କିଛି ପରୀକ୍ଷାର୍ଥୀ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଚାକିରି କରିବାକୁ ଉଦ୍ୟମ କରିବା ସମ୍ପର୍କରେ ବଲାଙ୍ଗୀର ଡିଭିଜନର ଡାକଘର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଏକ ସଙ୍ଗଠିତ ନେଟ୍‌ୱାର୍କ କରିବା ସମ୍ପର୍କରେ ଜାଣିବାକୁ ପାଇଥିଲା ।

ମାମଲା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ପରବର୍ତ୍ତୀ ସମୟରେ ଏହାକୁ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମ୍‌ବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ମାମଲାର ତଦନ୍ତ ଆରମ୍ଭ ହୋଇଥିଲା । ଅଭିଯୁକ୍ତମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ପ୍ରମାଣପତ୍ର ପ୍ରସ୍ତୁତ କରି ଚାକିରି ଆଶାୟୀଙ୍କୁ ଯୋଗାଉଥିବା ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଥିଲା । ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଥିବା କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡିଛି । ଗିରଫ ୫ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବରିଷ୍ଠ ସେବାୟତଙ୍କୁ ନିର୍ମମ ହତ୍ୟା, ଟାଉନ ଥାନା ପୋଲିସର ତଦନ୍ତ ଆରମ୍ଭ

ପୁରୀ, ୧୧।୬ (ସବ୍ୟୁ) : ବୁଧବାର ଦେ ସ୍ନାନ ପୂର୍ଣ୍ଣିମା ଦିନ ସ୍ପଷ୍ଟ ଦିବାଲୋକରେ କେତେକ ଦୁର୍ବୃତ୍ତ ଅତି ନିର୍ମମ ଭାବେ ଶ୍ରୀମନ୍ଦିରର ଜଣେ ବରିଷ୍ଠ ସେବାୟତଙ୍କୁ ମାରଣାସ୍ତ୍ର ଯୋଗେ ହତ୍ୟା କରି ରାସ୍ତାରେ ଫୋପାଡି ଦେଇ ଥିବା ଦେଖିବାକୁ ମିଳିଛି ମୃତ ସେବାୟତଙ୍କ ପରିଚୟ ହେଲା ଜଗନ୍ନାଥ ଦିକ୍ଷୀତ ବୟସ ପ୍ରାୟ (୮୩ ) ହେବା ତାଙ୍କ ଘର ପୁରୀ ମହାସୁଆର ସାହି, ମହିପ୍ରକାଶ ମଠ ନିକଟରେ ଅଟେ। ସେ ଶ୍ରୀମନ୍ଦିର ଜଣେ ସେବାୟତ ଅଟନ୍ତି। ବୁଧବାର ସକାଳେ ମନ୍ଦିରକୁ ସେବା କରିବା ପାଇଁ ଯାଇଥିଲେ। ହେଲେ ସମୟ ପ୍ରାୟ ୪ ଟା ବେଳେ ତାଙ୍କର ରକ୍ତାକ୍ତ ଶବ ରାସ୍ତାରେ ପଡ଼ି ଥିବା ଦେଖିବାକୁ ମିଳି ଥିଲା। ମାରଣାସ୍ତ୍ରରେ ଆକ୍ରମଣ ଯୋଗୁଁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତ ସ୍ରାବ ହୋଇ ଥିଲା। ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଟାଉନ ଥାନା ଆଇଆଇସି ଗୋକୁଳ ଚନ୍ଦ୍ର ଦାସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ହତ୍ୟା କାରୀ କିଏ, କାହିଁକି ଜଣେ ଏତେ ବୟସ୍କ ବ୍ୟକ୍ତିଙ୍କୁ ହତ୍ୟା କଲା। ତାହାର କାରଣ ଏ ପର୍ଯ୍ୟନ୍ତ ଜଣା ପଡି ନାହିଁ ।

**AFFIDAVIT**

I UMAKANT SINGH, S/O-ADRIAN SINGH ,PLOT NO-K-8/36,KALINGA NAGAR, BHARATPUR, GHATIKIA, BHUBANESWAR- 751029, ODISHA DECLARE BY THIS AFFIDAVIT NO-13954,dt 11.06.2025 THAT NOW ONWARDS I SHALL BE KNOWN AS **UMAKANTA SINGH** FOR ALL FUTURE PURPOSES.

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.ST/OT/POINT/MACHINE/KUR/471, ତା.04.06.2025ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ TWS ପଏଣ୍ଟ ମେସିନ୍‌ଗୁଡ଼ିକର ଲକ୍ ସ୍ଲାଇଡ୍‌ସ (Lock Slides) ଏବଂ ବ୍ରାକେଟ୍ (ପୁରୁଣା ଡାଇପ୍ରୁ D-ବ୍ରାକେଟ୍) ର ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ ଷ୍ଟେସନଗୁଡ଼ିକରେ ଅତ୍ୟାଧୁନିକ ପୁରୁଣା ପଏଣ୍ଟ ମେସିନ୍‌ଗୁଡ଼ିକର ସ୍ଥାନାନ୍ତରଣ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 6,54,77,342.19, EMD (ଟଙ୍କାରେ): 4,77,400/-।

ବିଡ୍ ଆରମ୍ଭ ହେବା ତାରିଖ : ତା.12.06.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2025 ରିଖ 1100 ଘଣ୍ଟାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋଟେସନ/ଫାକ୍ସ ଇତ୍ୟାଦିରେ କିମ୍ବା ହାତରେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏଭଳି ସମସ୍ତ ମାନୁଆଲ ପ୍ରସ୍ତାବଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଦ୍ଧୃତ ଭାବେ ବାତିଲ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ସୂଚନା : ଏହି ଇ-ଟେଣ୍ଡର ନିମନ୍ତେ ଭାଗ ନେଉଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍

PR-222/O/25-26

**FLAT SALE**

Fully furnished, 1350sf. 2 BHK flat. Rs. - 99 lakh, Gated community, Good Location, Bhubaneswar, Jagannath Prasad,

Mobile - 9078280148

**AFFIDAVIT**

I, Bijay Kumar Agarwal, S/o-Late Nanda Kishore Ram, resident of Duplex-2, Plot No.780, Babylone Garden, Jaydurga Nagar, Bhubaneswar, Pin-751006, Dist-Khordha, Odisha declare by this affidavit No. C.F No-154, Dtd-10/06/2025 that now onwards I shall be known as **Bijay Kumar Agrawalla** for all future purposes.

**PARADIP PORT AUTHORITY**
**MARINE DEPARTMENT**

No.MD/ACCTS/WK/R-08/2025/737 Date:06/06/2025

**Name of the Work: Hiring of 01 no. 50 Ton Bollard Pull Tug along with Manning Crew** for Marine Operations at SPMs and inside Harbour at Paradip Port for a period of **02 (Two) years & extendable for 01 (One) more year.**

**Estimated cost put to tender:** Total estimated cost including Hire Charges & Fuel Cost: **Rs.33,90,94,490/-** excluding GST. Estimated cost put to Tender towards Hire Charges only **Rs.17,46,16,000/-** excluding GST.

Last date & time of submission of tender through on-line bidding is **15:00 Hours on 30/06/2025.**

Date & time for opening of Technical Bid is **15:30 hours on dt.01/07/2025.**

For further details, please log on to the Website : **https://eprocure.gov.in/eprocure/app.**

PPA/PR/16/2025-2026, 10/06/2025 — Deputy Conservator, Paradip Port Authority

**AFFIDAVIT**

I Swagat Kumar Joshi, S/o- Ashok Kumar Joshi resident of M.I Colony, Brahmapura, Pantnagarh, Po/Ps-Pantnagarh, District- Balangir, Pin-767025, Odisha. Declared by this affidavit no cf-N.131 Date-10/-6/2025 that my name Joshi Swagatkumar Ashokkumar has been reflected by government of Gujarat marriage certificate but in my Hsc. Adhar card and all other relevant documents My name is Swagat Kumar Joshi that I declare that Swagat Kumar Joshi and Joshi Swagatkuma Ashokkumar one and same person. Now on-words I shall be known as **"SWAGAT KUMAR JOSHI"** for all further purposes.

**AFFIDAVIT**

By virtue of an affidavit sworn before the Notary, Bhubaneswar vide Affidavit No-Vol-I Sl.No. 1099 dated 05.06.2025, I, Sumitra Jena, W/O Niranjan Nayak at present residing at Qr. No.-2RB-8, Unit-3, P.S. : Kharvelnagar, Bhubaneswar-751001, Dist. Khurdha, Odisha have changed my surname from Sumitra Jena to Sumitra Nayak. Henceforth, I shall be known as Sumitra Nayak for all future purposes.

**AFFIDAVIT**

By this affidavit sworn before Executive Magistrate, Tangi, dated. 11.06.25 I Prajna Priyadarshini D/o. Debasish Kalash, At-Tarimi, Po-Kalupadaghat, Ps-Tangi, Dist- Khordha, Pin-752022, declare that I have changed my name from Pragyan Priyadarshini to Prajna Priyadarsini. Henceforth, I shall be known as Prajna Priyadarsini for all purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-736 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org.

ପତ୍ର ସଂଖ୍ୟା ୧୦୨ **ବିଜ୍ଞାପନ** ତା : ୩୧.୫.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ ସ୍ୱର୍ଗତ ପଦ୍ମଚରଣ ମହାନ୍ତି, ପିତା- ସ୍ୱର୍ଗତ ଭଗବାନ ମହାନ୍ତି, ସା-ଗୁହରିଆ, ପୋ-ଲଗନିପଡା, ଥା- ବଡମ୍ବା, ଜିଲ୍ଲା - କଟକ | ଗୃହ ନଂ-ଏଲ.ବି.୧୭୨ (LB-172) କପିଳ ପ୍ରସାଦ, ୨ୟ ପର୍ଯ୍ୟାୟ ଭୁବନେଶ୍ୱର ଜିଲ୍ଲା-ଖୋର୍ଦ୍ଧା | ୧. ଶ୍ୟାମଳା ଦେବୀ (ସ୍ତ୍ରୀ) ୨. ଦୀପାଞ୍ଜଳି ମହାପାତ୍ର (କନ୍ୟା) ୩. ଶ୍ରୀକାନ୍ତ ମହାପାତ୍ର (ପୁତ୍ର) |

ସ୍ୱା/- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0664/2526

**ODISHA GRAMEEN BANK**
**INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, P.O.- KHANDAGIRI, BHUBANESWAR-751030 (ODISHA)**

**Odisha Grameen Bank** invites Gem bid no.- **GEM/2025/B/6316935 dated 10th June 2025** application for Selection of service provider for Managed Internet Leased Line at OGB HO for proxy server and P2P links at DC, Chennai and DR, Hyderabad. For details and application format please visit Bank's website: **www.odishabank.in**

**GENERAL MANAGER**

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଇଇ/ଓପି/କେଡିପି, ଡିଆରଏମ୍ ବିଲ୍ଡିଂ, ପ୍ରଥମ ମହଲା, ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧, ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ସହାଣେ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡରର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ନଂ., ଟେଣ୍ଡର ନଂ, କାର୍ଯ୍ୟର ବିବରଣୀ, ଟେଣ୍ଡର ମୂଲ୍ୟ, ଇଏମଡି, ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ, ଖୋଲା ତାରିଖ, ସମାପ୍ତି ଅବଧି ଯଥାକ୍ରମେ ନିମ୍ନରେ ପ୍ରଦତ୍ତ : (୧) ଆଇଏସଓ-କେଡିପି-ସାଣ୍ଡ-କେଡିପି-୨୫, ତାରିଖ : ୦୯.୦୬.୨୦୨୫ । ୟାର୍ଡ ଓ ବିଭିନ୍ନ କଲୋନୀରେ ଦୁଇ (୦୨) ବର୍ଷ ଅବଧି ପାଇଁ ଅହୋରାତ୍ର ଆଇଏସକି/ଖଡ଼ଗପୁର, ଖଡ଼ଗପୁର ୟାର୍ଡ, ନିମପୁରା ରିସେପ.ୟାର୍ଡ, ନିମପୁରାଠାରେ ଇଲେକ୍ଟ୍ରିକ୍ ଲୋକ ମୋଟିଭରେ ଯୋଗାଣ, ଷ୍ଟୋରିଂ, ସ୍କ୍ରିନିଂ, ପ୍ୟାକିଂ ଏବଂ ନଇବାଲି ଭର୍ତ୍ତିକରିବା (ବାଲିକୁ ଯାଞ୍ଚ କରାଯିବ ଏବଂ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ବାଲି ଶୁଖାଯିବ ଏବଂ ଟ୍ରିଟମେଣ୍ଟ ହୋଇଥିବା ବାଲିର ସ୍ପେସିଫିକେସନ ଏମ-୯୧୬-୭୧ ( କାର୍ ଓ ଲୋକ ମୋଟିଭ୍ ସ୍ୟାଣ୍ଡ) ହେବ । ଟ. ୧,୧୯,୭୩,୬୮୧.୬୦ (ଜିଏସଟିକୁ ମିଶାଇ), ଟ. ୨,୦୯,୯୦୦.୦୦, ଶୂନ୍ୟ, ୦୧.୦୭.୨୫, ୦୨ ବର୍ଷ (୭୩୦ ଦିନ), ଦାଖଲ ତାରିଖ : ୦୧.୦୭.୨୦୨୫ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ । (୨) ଆଇଏସଓ-କେଡିପି-ଏମ୍‌ସିଏ-ପିକେୟୁ-ଆରଲୁମ-୨୫ ତାରିଖ : ୦୯.୦୬.୨୦୨୫ ବାହାର ସଂସ୍ଥା ଦ୍ୱାରା ୦୨ ବର୍ଷ ଅବଧି ଯଥା : ୭୩୦ ଦିନ ପାଇଁ ହେଉସକିପିଂ, ରନିଂ ରୁମ୍ ସଫେଇ, ପୋଷାକପତ୍ର ସଫେଇ, ସାଧାବପତ୍ର ଓ ମାଗାଜିନ୍ ଯୋଗାଣ ସହିତ ଅଧିବାସୀମାନଙ୍କୁ ପୋଷାକପତ୍ର ବିତରଣ, ବ୍ୟକ୍ତିଗତ ରେସନ୍ ମିଲ୍ ଯୋଗାଣ ଏବଂ ଭିହାଡି ସେବା ଓ ଅନ୍ୟାନ୍ୟ ପ୍ରସ୍ତୁତି ସହ ମେଦେଦା (ଏମସିଏ) ରନିଂ ରୁମ୍ ଏବଂ ପାଣ୍ଶକୁଡା (ପିକେୟୁ) ରନିଂରୁମ ରକ୍ଷଣାବେକ୍ଷଣ । ଟ. ୧,୨୦,୧୦,୧୭୩.୪୮( ଜିଏସଟି ସମେତ), ଟ. ୨,୧୦,୧୦୦.୦୦, ଟ. ୫,୦୦୦.୦୦, ୩୦.୦୬.୨୫ ୦୨ ବର୍ଷ (୭୩୦ ଦିନ) ଦାଖଲ ତାରିଖ : ୩୦.୦୬.୨୦୨୫ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ୱେବସାଇଟ www.ireps.gov.in କୁ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ କରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ ହେବ ନାହିଁ । (PR-252)

E-Mail I.D. - rw cuttack@yahoo.co.in
Ph.No.0671-2440662

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, CUTTACK**

O-273

**1st Corrigendum to Tender Call Notice No. Tender-Online-RWD Ctc-01/2025-26 dt.29.05.2025**

**Due to unavoidable circumstances the dates are changing as follow :-**

1. Availability of tender online for Bidding from dt.20.06.2025 at 11.00 hours to dt.01.07.2025 up to 17.00 hours instead of dt. 10.06.2025 at 11.00 hours to dt.20.06.2025 up to 17.00 hours.
2. Last date of time of seeking tender clarification on dt.30.06.2025 up to 17.00 hours instead of dt. 19.06.2025 up to 17.00 hours.
3. The date and time of opening of technical bid on dt.02.07.2025 at 11.00 hours instead of dt.21.06.2025 at 11.00 hours.

All other terms & conditions remain unchanged

Sd/- Superintending Engineer, Rural Works Division, Cuttack

OIPR : 25053/11/0031/2526

**ସର୍ବସାଧାରଣ ବିଜ୍ଞପ୍ତି**

ଏହି ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯାଉଛି ଯେ, ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ତାରିଖ ୨ ଜୁନ ୨୦୨୫ରେ ଜାରି ହୋଇଥିବା ପତ୍ର ସଂଖ୍ୟା J-11011/136/2009=IA-I(I) ଅନୁଯାୟୀ ଆଦିତ୍ୟ ଆଲୁମିନିୟମ୍ ନିମନ୍ତେ ବିସ୍ତାର ପ୍ରସ୍ତାବ ପାଇଁ ପରିବେଶ ଅନୁମତି ଦିଆଯାଇଛି । ଏହି ଅନୁମତି ଅନୁଯାୟୀ ବିସ୍ତାର ସମ୍ପୃକ୍ତ ବିବରଣୀ ହେଉଛି : ଆଲୁମିନିୟମ୍ ସ୍ମେଲ୍ଟରକୁ ୩.୮ ଲକ୍ଷ ଟନ ପ୍ରତି ବର୍ଷରୁ ୬.୮ ଲକ୍ଷ ଟନ ପ୍ରତି ବର୍ଷକୁ ବୃଦ୍ଧି କରିବା, ଯାହାରେ ୧.୦ ଲକ୍ଷ ଟନ ପୁନଃଚକ୍ରିୟ ଧାତୁ ଯୋଗ କରାଯିବ ଓ ୨.୦ ଲକ୍ଷ ଟନ ନବୀକରଣ ଯୋଗ୍ୟ ଶକ୍ତି ଆଧାରିତ ୧୮୦ ପଟସ୍ ଥିବା ବ୍ୟବସ୍ଥା ସ୍ଥାପିତ କରାଯିବ । କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟକୁ ୯୦୦ MW ରୁ ୧୨୩୦ MW କୁ ବୃଦ୍ଧି କରାଯିବ, ଯାହା ପାଇଁ ୧୮୦ MW ଗ୍ୟାସ/ତେଲ ଚାଳିତ କମ୍ବାଇନ୍ଡ ସାଇକଲ୍ ପାୱାର ପ୍ଲାଣ୍ଟ ଓ ୧୫୦ MW କୋଇଲା ଭିତ୍ତିକ ଆପାତକାଳିନ ପାୱାର୍ ବ୍ୟାକଅପ୍ CPP ଥିବା ବ୍ୟବସ୍ଥା ରହିଛି । ପ୍ରସ୍ତାବିତ ବିସ୍ତାର ବର୍ତ୍ତମାନ କାରଖାନା ପରିସର ମଧ୍ୟରେ ଗ୍ରାମ-ଲପଙ୍ଗା, ତହସିଲ-ରେଙ୍ଗାଲି, ଜିଲ୍ଲା-ସମ୍ବଲପୁରରେ ହେବ । ଏହି ପରିବେଶ ଅନୁମତିର ଏକ କପି ଓଡ଼ିଶା ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡର ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ୱେବସାଇଟ୍ https://parivesh.nic.in ଓ କମ୍ପାନୀର ୱେବସାଇଟ୍ https://www.hindalco.com/sustainability/regulatory-compliances ରେ ମଧ୍ୟ ଦେଖିବାକୁ ମିଳିବ । ଯେକୌଣସି ସନ୍ଦେହ ଅଥବା ଅଧିକ ତଥ୍ୟ ପାଇଁ, ନିମ୍ନଲିଖିତ ସମ୍ପର୍କ ସୂତ୍ରରେ ଆମଙ୍କୁ ସମ୍ପର୍କ କରିପାରିବେ ।

କାରଖାନା ପ୍ରବନ୍ଧକ
ଆଦିତ୍ୟ ଆଲୁମିନିୟମ୍
(ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଆଲ ଲିମିଟେଡ୍ ଆଣ୍ଡ ଏକ ଶାଖା)
ଗ୍ରାମ-ଲପଙ୍ଗା, ଜିଲ୍ଲା-ସମ୍ବଲପୁର, ଓଡ଼ିଶା

**ZILLA PARISHAD OFFICE, BALANGIR**
**Letter No. 2294 /Date : 10.06.2025**
**Quotation Call Notice**

**CAD-728** : C.D.O-cum-E.O.,Zilla Parishad Office, Balangir invites Sealed Quotations in Double Covers (Technical & Financial) with certain terms & conditions are invited from venders(s) / Catering Agencies/ Hotel/ SHG Federation/ Group of person / Individual having valid registration certificate with PAN/GST and having adequate experience in supply of Food & Training Kits etc. Last date for purchase/ download of Quotation documents is 18.06.2025 at 5.00 PM, last date for submission of Quotation is 19.06.2025 up to 1.00 PM and Technical Bid and Financial will be opened on 19.06.2025 at 4.00 PM in the Conference Hall of Zilla Parishad, Balangir.

Detailed Quotation documents can be downloaded from district website **www.balangir.nic.in.**

Sd/- C.D.O-cum-Executive Officer, Zilla Parishad, Balangir

OIPR : 19248/11/0011/2526

Zilla Parishad, Puri
Harihar Chhaka
Kacheri Road, Puri-752001
Tel: 06752-225441,222136
Fax: 06752-221282
E-mail: ori-dpuri@nic,in.

**ZILLA PARISHAD, PURI**
**PANCHAYATI RAJ & DRINKING WATER DEPARTMENT**
**GOVERNMENT OF ODISHA**
**Letter No. 3404 / Date : 11.06.2025**
**GOVERNMENT OF ODISHA OFFICE OF THE ZILLA PARISHAD, PURI**
**REQUEST FOR PROPOSAL**

**CAD-748 :** Office of the Zilla Parishad, Puri on behalf of District Administration, Puri invites sealed tenders for "SELECTION OF AN AGENCY FOR SAFETY, SECURITY AND SANITATION ACTIVITIES AT VARIOUS TOURIST DESTINATIONS OF PURI DISTRICT" as per the terms and conditions detailed in RFP No. - 3378, Dt. 11.06.2025. The Details information are uploaded in the Puri district website-https://puri.odisha.gov.in/

Sd/- CDO-Cum-EO Zilla parishad, Puri

OIPR : 19256/11/0013/2526

**Government of Odisha**
**Office of the Chief Construction Engineer**
**RURAL WORKS CIRCLE, Bhawanipatna**
**NOTICE**

O-267

**PM-JANMAN UNDER PRADHAN MANTRI GRAM SADAK YOJANA (PMGSY), Bid identification No. BPT/Online-05/2025-26**

**The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage** rate bids in electronic tendering system for construction of roads & bridges under PM-JANMAN in the districts of Kalahandi for 01 (01) number of package with estimated cost totaling to **Rs.90.00 Lakhs (In Approx)** including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt, preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement.dtd.16.06.2025.

**Availability of Bid Documents and mode of submission :** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format (c) original affidavit regarding correctness of information furnished with bid document as per provisions of Clause4.4B(a)(ii)of ITB with **C.C.E., R, W. Circle, Bhawanipatna**/ Concerned Superintending Engineers /Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 30.06.2025 upto 5.00 PM**

For further details please log on to **www.pmgsytenders.gov.in**

Sd/- CHIEF CONSTRUCTION ENGINEER, Rural Works Circle, Bhawanipatna

OIPR : 25102/11/0020/2526

**OFFICE OF THE PANCHAYAT SAMITI, LAXMIPUR. DIST- KORAPUT**
**Letter No. 1625/2025 Date: 06/ 06/2025**
**E-TENDER CALL NOTICE**

**i-151 :** Seal tenders are invited from Registered Contractor from state PWD/M.I./Irrigation/Rural works for execution of Buildings etc. The detail information of which are made available in in the (**http://tenderodisha.gov.in**) website only and also in Koraput Dist. Website i.e. **http//www.koraput.odisha.gov.in** & in DRDA Website **http//www.drdakoraput.org.**

The date and time of apply and receive of Tender paper is from dtd.09.06.2025 to dtd.26.06.2025 up to 5.30 PM through in the **(http://tenderodisha.gov.in)** website only.

Tender will be opened on. Dtd.30.06.2025 (Monday) at 11.30 A.M.onwards in the Video Conference Hall of Block Office, Laxmipur.

Sd/- Block Development Officer, Laxmipur

OIPR : 19158/11/0009/2526

# ବିକାଶ ମେଳାରେ ରଜର ଭ୍ରମ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ରାଜସ୍ତରୀୟ ବିକାଶ ମେଳା ଉଦଘାଟିତ ହୋଇଛି । ଏହା ଆଜି(ବୁଧବାର)ଠାରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦଘାଟିତ କରିଥିବା ବେଳେ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ । ଏହି ସମୟରେ ଜନସାଧାରଣଙ୍କ ସହିତ ଆଳାପ କରିଥିଲେ ମୁଖ୍ୟମନ୍ତ୍ରୀ । ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଷ୍ଟଲମାନ ବୁଲି ଦେଖିଥିବା ବେଳେ ଦୋଳି ବି ଖେଳିଥିଲେ । ଏହି ମେଳାରେ ୭୫ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀ ଷ୍ଟଲ୍ ଲାଗିଥିବା ବେଳେ ୪୦ଟି ଫୁଡ୍ ଷ୍ଟଲ ରହିଛି । ତେବେ ଏଠାରେ ଓଡ଼ିଆ ଛାପ ଦେଖିବାକୁ ମିଳିଥିଲା । ଆଉ ଦୁଇଦିନ ପରେ ରଜ ଉତ୍ସବ । କିନ୍ତୁ ଏଠାରେ ରଜର ଭ୍ରମ ସୃଷ୍ଟି ହୋଇଛି । ଲାଗିଛି ଏକାଧିକ ଦୋଳି, ଅଳତା, ମେକଅପ୍ ଓ ମେହେନ୍ଦି ଷ୍ଟଲ ।

# ପିଠା ଓ ମିଠାରେ ମହକିଲା

ବିକାଶ ମେଳା ପିଠା ଓ ମିଠାରେ ମହକିଛି । ଏଠାରେ ପୋଡ଼ ପିଠା, କ୍ଷୀର ପୋଡ଼ ପିଠା, ଛେନା ପୋଡ଼, ଚନ୍ଦ୍ରକାନ୍ତୀ ପିଠା, କରଞ୍ଜି, ଧଳା ମଣ୍ଡା, ଗଜା ଓ ଛେନା ଝିଲି ମିଳୁଛି । ପିଠା ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ମିଳୁଛି । ତେବେ ପ୍ରଥମ ଦିନରେ ସଠାରେ ଭିଡ଼ ଦେଖିବାକୁ ମିଳିଥଲା । ଏହି ଷ୍ଟଲଟି ଓଟିଡିସି ପକ୍ଷରୁ ଖୋଲା ଯାଇଛି ।



## ନୀଳାଚଳ ହସ୍ପିଟାଲର ୨୨.୨୮ଲକ୍ଷ ଟଙ୍କା ଆତ୍ମସାତ୍, କର୍ମଚାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନୀଳାଚଳ ହସ୍ପିଟାଲର ୨୨.୨୮ଲକ୍ଷ ଟଙ୍କା ହଡପ କରିଥିବା ଆକାଉଣ୍ଟ୍ସ ପରିଚାଳକ ସତ୍ୟରଞ୍ଜନ ସ୍ୱାଇଁ (୪୫)କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି ।

ନୀଳାଚଳ ହସ୍ପିଟାଲର ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ରାଉତଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ଆକାଉଣ୍ଟ୍ସ ପରିଚାଳକକୁ ଗିରଫ କରିବା ପରେ ଆତ୍ମସାତ୍‌ର ବହୁ ରହସ୍ୟ ଜଣାପଡିଛି । ଅଭିଯୁକ୍ତ ସତ୍ୟରଞ୍ଜନ ସ୍ୱାଇଁ ୨୦୧୧ ମସିହାରୁ ଆକାଉଣ୍ଟ୍ସ ପରିଚାଳକ ଭାବେ କାର୍ଯ୍ୟ କରୁଥିଲା । ତାକୁ ହସ୍ପିଟାଲର ଦେୟ ପ୍ରକ୍ରିୟାକରଣ ଏବଂ ବ୍ୟାଙ୍କ ଆକାଉଣ୍ଟ୍ସ ପରିଚାଳନା କରିବାର ଦାୟିତ୍ୱ ମଧ ଦିଆଯାଇଥିଲା । ଗତ ୨୦୨୪ ମସିହା ଡିସେମ୍ବର ୧୧ ତାରିଖରେ ଔଷଧ ଯୋଗାଣକାରୀ ୮ଲକ୍ଷ ୭୯ ହଜାର ୫୯୩ ଟଙ୍କା ଦେବାକୁ ମଞ୍ଜୁର କରାଯାଇଥିଲା । ପରବର୍ତ୍ତୀ ସମୟରେ ଯାଞ୍ଚରୁ ଜଣାପଡିଥିଲା ଯେ, ଅଭିଯୁକ୍ତ ଚଞ୍ଚକତା କରି ହିତାଧିକାରୀଙ୍କ ବିବରଣୀକୁ ବଦଳାଇଥିଲା । ଆତ୍ମସାତ୍‌କୁ ଲୁଚାଇବା ପାଇଁ ରେକର୍ଡ ହେରଫେର୍ କରି ନିଜର ତିନୋଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ୍ସକୁ ୨୨.୨୮ଲକ୍ଷ ଟଙ୍କା ସ୍ଥାନାନ୍ତର କରିଥିଲା । ଅଭିଯୁକ୍ତ ନିଯୁକ୍ତିପତ୍ର ଓ ଦରମା ସ୍ଲିପ୍ ଭଳି ପ୍ରାସଙ୍ଗିକ ଡକ୍ୟୁମେଣ୍ଟକୁ ଜବତ କରାଯାଇଥିଲା । ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟର ଷ୍ଟେଟ୍‌ମେଣ୍ଟ ଯାଞ୍ଚ କରାଯିବା ପରେ ଜଣାପଡିଥିଲା ଯେ, ହସ୍ପିଟାଲ ଆକାଉଣ୍ଟରୁ ମୋଟ ୨୧ଲକ୍ଷ ଅନଧିକୃତ ସ୍ଥାନାନ୍ତର କରିଛି । ତା'ର ଅନ୍ୟ ଦୁଇଟି ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ମିଳିବା ପରେ ତାହାକୁ ଫ୍ରିଜ୍ କରିବା ପାଇଁ ପ୍ରୟାସ କରାଯାଉଛି । ଅଭିଯୁକ୍ତ ସତ୍ୟକୁ ବିଏମ୍‌ସି କାର୍ଯ୍ୟାଳୟ ନିକଟରୁ ବୁଧବାର ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ତା'ନିକଟରୁ ଆପର୍ଟମେଣ୍ଟ ଲେଟର, ସାଲାରୀ ସିଟ୍, ଦୁଇଟି ସିମ୍‌କାର୍ଡ ଥିବା ମୋବାଇଲ ଫୋନ୍, ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ପ୍ରଭୃତି ଜବତ କରାଯାଇଥିବା ପୋଲିସ କହିଛି ।

## ନରଣପୁର ପ୍ରକଳ୍ପ ଘର ଆବଣ୍ଟନ ଆଜି
# ସ୍ୱଳ୍ପ ଆୟକାରୀ ବର୍ଗର ୪୦ ଜଣ ହିତାଧିକାରୀଙ୍କୁ ସିଡିଏ ଦେବ ଚାବି

କଟକ,(ସବ୍ୟୁ): 'ନରଣପୁର' ପ୍ରକଳ୍ପକୁ ନେଇ ଲାଗି ରହିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିବ । ଆସନ୍ତାକାଲି ଏହି ପ୍ରକଳ୍ପରେ ନିମ୍ନ ଆୟକାରୀ ବର୍ଗଙ୍କୁ ଘର ବଣ୍ଟା ଯିବ । ପ୍ରଥମ ଦିନରେ ପ୍ରାୟ ୪୦ଜଣ ହିତାଧିକାରୀଙ୍କୁ ଏହି ଘରର ଚାବି ପ୍ରଦାନ କରାଯିବ । ପଛକୁପଛ ଏହି ପ୍ରକଳ୍ପରେ ୩୨୦ଜଣ ହିତାଧିକାରୀଙ୍କୁ ଘର ଆବଣ୍ଟନ କରାଯିବ ବୋଲି ସିଡିଏ ସଚିବ ଶ୍ୱେତ କୁମାର ଦାଶ ସୂଚନା ଦେଇଛନ୍ତି । ପ୍ରଥମେ ନିମ୍ନ ଆୟକାରୀ ବର୍ଗ ଘର ପାଇଯିବା ପରେ ୫ଶହ ଘର ବସ୍ତିବାସିନ୍ଦାଙ୍କ ମଧ୍ୟରେ ବଣ୍ଟନ କରାଯିବ ।

ନରଣପୁରରେ ଦୁଇପ୍ରକାର ଆର୍ଥିକ ବର୍ଗର ଲୋକଙ୍କ ପାଇଁ ସିଡିଏ ପକ୍ଷରୁ ଗୃହ ନିର୍ମାଣ କରାଯାଇଥିଲା । ଗୋଟିଏ ବର୍ଗରେ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଯୋଜନା କରାଯାଇଥିଲାବେଳେ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ଆଉ ଏକ ପ୍ରକଳ୍ପ କରାଯାଇଥିଲା । ୨୦୨୦ରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା । ବସ୍ତିବାସିନ୍ଦାଙ୍କ ପାଇଁ ୫୫୦ଟି ଗୃହ ନିର୍ମାଣ କରାଯାଇଥିଲାବେଳେ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ୩୨୦ଟି ଫ୍ଲାଟ୍ ନିର୍ମାଣ କରାଯାଇଥିଲା । ନରଣପୁରରେ ଦୁଇପ୍ରକାର ଆର୍ଥିକ ବର୍ଗର ଲୋକଙ୍କ ପାଇଁ ସିଡିଏ ପକ୍ଷରୁ ଗୃହ ନିର୍ମାଣ କରାଯାଇଥିଲା । ଗୋଟିଏ ବର୍ଗରେ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଯୋଜନା କରାଯାଇଥିଲାବେଳେ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ଆଉ ଏକ ପ୍ରକଳ୍ପ କରାଯାଇଥିଲା । ୨୦୨୦ରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ।

ବସ୍ତିବାସିନ୍ଦାଙ୍କ ପାଇଁ ୫୫୦ଟି ଗୃହ ନିର୍ମାଣ କରାଯାଇଥିଲାବେଳେ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ ୩୨୦ଟି ଫ୍ଲାଟ୍ ନିର୍ମାଣ କରାଯାଇଛି । ୯୦୪ ବର୍ଗଫୁଟ୍ ଅଞ୍ଚଳକୁ ନେଇ ପ୍ରତ୍ୟେକ ୨ବିଏଚକେ ଘର ନିର୍ମାଣ କରାଯାଇଛି । ୨୦୨୪ ଜାନୁଆରୀରେ ଲଟେରୀ ଉଠିଥିଲା । କେଉଁମାନେ ଏହି ଫ୍ଲାଟ୍ ପାଇବେ ସେଥିପାଇଁ ସିଡିଏ ପକ୍ଷରୁ ଏକ ନିୟମାବଳୀ କରାଯାଇଥିଲା । କିନ୍ତୁ ଏହି ଆବେଦନପତ୍ର ଯାଞ୍ଚ ଆଳରେ ସିଡିଏର କିଛି କର୍ମଚାରୀ ହିତାଧିକାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଆସୁଥିଲା । ସିଡିଏ ସଚିବ ପଦରେ ଶ୍ୱେତ କୁମାର ଦାଶ ଯୋଗଦେବା ପରେ ହିତାଧିକାରୀଙ୍କୁ କିପରି ତ୍ୱରିତ ଘର ଆବଣ୍ଟନ କରାଯିବ ସେଥିପାଇଁ ଦୃଢ଼ ପଦକ୍ଷେପ ନେଇଥିଲେ । ଏହି ପଦକ୍ଷେପ ପରେ ଗୁରୁବାର ଘର ଆବଣ୍ଟନ ହେବାକୁ ଯାଉଛି । ଶ୍ରୀ ଦାଶ କହିଛନ୍ତି ଯେ, କାଲି ପ୍ରାୟ ୪୦ଜଣ ଏଲ୍‌ଆଇଜି ହିତାକରୀଙ୍କୁ ଘର ଆବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରତିଦିନ କିଛି କିଛି ହିତାଧିକାରୀଙ୍କୁ ଘର ଆବଣ୍ଟନ କରାଯାଇ ପ୍ରାୟ ୧୦ଦିନ ମଧ୍ୟରେ ଏହି ବଣ୍ଟନ କାର୍ଯ୍ୟ ଶେଷ କରାଯିବ । ଏମାନଙ୍କୁ ଘର ଦିଆଯିବା ପରେ ବସ୍ତିବାସିନ୍ଦାମାନଙ୍କୁ ସେମାନଙ୍କ ପାଇଁ ଥିବା ଘର ଆବଣ୍ଟନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ରାଜ୍ୟସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ
# ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛୁ




ଭୁବନେଶ୍ୱର,(ସବ୍ୟୁ): ବର୍ଷକ ତଳେ ରାଜ୍ୟବାସୀ ଯେଉଁ ଆଶା ଆକାଂକ୍ଷା ନେଇ ଶାସନରେ ପରିବର୍ତ୍ତନ ଆଣିଥିଲେ ଓ ଆମକୁ ଦାୟିତ୍ୱ ଭାର ଦେଇଥିଲେ, ଆମେ ଲୋକଙ୍କ ସେହି ଆଶାକୁ ପୂରଣ କରିବା ପାଇଁ ଦୃଢ ପ୍ରତିବଦ୍ଧତାର ସହ କାର୍ଯ୍ୟ ଜାରି ରଖିଛୁ । ବିଗତ ଏକ ବର୍ଷ ଥିଲା ଆମ ପାଇଁ ଆହ୍ୱାନର ବର୍ଷ । ଆମର ସବୁ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମକୁ ମାର୍ଗଦର୍ଶନ ଦେଇଆସିଛନ୍ତି । ଏହି ସମୟ ମଧ୍ୟରେ ଆମେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ । ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡିକୁ ବାସ୍ତବତାରେ ପରିଣତ କରିଛୁ । ଆମ ପ୍ରତିଶ୍ରୁତି ପାଣିର ଗାର ନୁହେଁ, ପଥରରେ ଅଙ୍କା ଯାଇଥିବା ଅଲିଭା ଗାର । କଥା ଦେଇଥିଲୁ କଥା ରଖିଛୁ । ରାଜ୍ୟସ୍ତରୀୟ ବିକାଶ ମେଳାକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ଓ ସ୍ଥାନୀୟ ଉତ୍ପାଦ ସଂପର୍କିତ ପ୍ରଦର୍ଶନୀ ଏବଂ ଫୁଡ୍ କୋଟର ଶୁଭାରମ୍ଭ କରିବା ସହିତ ବୁଲି ଦେଖିଥିଲେ । ଏହି ବିକାଶ ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୭୫ରୁ ଅଧିକ ଷ୍ଟଲର ଜନସାଧାରଣଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତି ମାଧ୍ୟମରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ସଚେତନ କରାଯାଉଛି । ଏଥିସହିତ ସୁଭଦ୍ରା ଶକ୍ତି ମହିଳାମାନଙ୍କ ଦ୍ୱାରା ୪୦ ରୁ ଅଧିକ ଷ୍ଟଲରେ ଓଡିଆ ପାରମ୍ପାରିକ ଖାଦ୍ୟର ବିବିଧତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଫୁଡ୍ ଫେଷ୍ଟିଭାଲ ମଧ ଆୟୋଜନ କରାଯାଇଛି ।

ଆଗାମୀ ଦିନରେ ଓଡିଶାର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିବାର ଯୋଜନା ରହିଛି । ଦୁର୍ନୀତି ବିରୁଦ୍ଧରେ ଯୁଦ୍ଧଂ ଦେହି ଡାକରା ଦିଆଯାଇଛି । ଗୋଟିଏ ବର୍ଷର ରେକର୍ଡ ଦେଖନ୍ତୁ । ଆଜି ପିଅନ ଠାରୁ ଆଇଏଏସ୍ ଅଧିକାରୀ ପର୍ଯ୍ୟନ୍ତ କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ନୁହଁନ୍ତି ।

ବିରୋଧୀ କେବଳ ବିରୋଧ କରିବା ଉଦ୍ଦେଶ୍ୟରେ ଅନେକ କଥା କରୁଛନ୍ତି । ୨୪ ବର୍ଷ ମଧ୍ୟରେ ସେମାନେ ଯେଉଁ କାମ କରି ନଥିଲେ, ଆମେ ୨୪ ମିନିଟ୍ ଭିତରେ କରି ଦେଖାଇପାରିଛୁ । ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛୁ । ଯୁବବର୍ଗଙ୍କ ପାଇଁ ସରକାରୀ ନିଯୁକ୍ତିର ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରିଛୁ । ଓଡିଶାର ପ୍ରତ୍ୟେକ ଅଞ୍ଚଳକୁ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାର ଦକ୍ଷିଣ ଓଡିଶା ବିକାଶ ପରିଷଦ ଓ ଉତ୍ତର ଓଡିଶା ବିକାଶ ପରିଷଦ ଗଠନ କରିଛନ୍ତି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଏକାମ୍ର ଭୁବନେଶ୍ୱର ବିଧାୟକବାବୁ ସିଂହ ଉପସ୍ଥିତ ଥିଲେ ।

## ଦୋଳି ଖେଳିଲେ, ମେହେନ୍ଦି କଲେ

ଆସନ୍ତା ୧୪ରେ ପହିଲି ରଜ ପାଳନ ହେବ । ତା'ପୂର୍ବରୁ ବିକାଶ ମେଳାରେ ଗାଁର ବାସ୍ନା ରହିଛି । ରଜରେ ସଜବାଜ ଠାରୁ ଆରମ୍ଭ କରି ମିଠା ପାନ ପର୍ଯ୍ୟନ୍ତ ଷ୍ଟଲ ରହିଛି । କେବଳ ସତିକି ନୁହେଁ, ଏକାଧିକ ରଜ ଦୋଳି ମଧ ଲାଗିଛି । ସେଠାରେ 'ରଜ ଉତ୍ସବ'ର ଏକ ସେଲ୍‌ଫି ଷ୍ଟାଣ୍ଡ ରହିଛି । ଯୁବତୀ ଓ ମହିଳାମାନେ ଦୋଳି ଖେଳିବା ସହିତ ଅଳତା ଏବଂ ମେହେନ୍ଦି କରିଥିଲେ । ଯୁବପୀଢ଼ିମାନଙ୍କ ପାଇଁ ଲୁଡୋ, କ୍ୟାରମ ଓ ଚେସ୍ ଖେଳିବାର ବ୍ୟବସ୍ଥା ରହିଛି । ଏପରିକି ଯୁବତୀମାନଙ୍କ ଲାଗି କିତିକିତି ଖେଳିବାକୁ ଘର ଅଙ୍କା ଯାଇଛି ।





# ମୋକିମଙ୍କ ଘରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ

କଟକ,(ସବ୍ୟୁ): ବୁଧବାର ସନ୍ଧ୍ୟାରେ ମଧ ପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ଓଡିଶା କଂଗ୍ରେସ ପ୍ରଭାରୀ ତଥା ଏମପି ଦିଗବିଜୟ ସିଂ ଓ ତାଙ୍କ ପତ୍ନୀ ଅମ୍ରିତା ରାୟଙ୍କ ସହ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ସେଲଟର ଛକ ସ୍ଥିତ ବାସଭବନରେ



ପହଞ୍ଚିଥିଲେ । ଓଡିଶା ଓ ଭାରତ ବର୍ଷରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି ସହିତ କଂଗ୍ରେସ ଦଳର ସଂଗଠନ ଓ ଓଡିଶାର ରାଜନୈତିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିଜୟୀ ହୋଇଥିବାରୁ ବିଧାୟିକା ସୋଫିଆ ଫିରଦୋସଙ୍କୁ ଉଭୟେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଥିଲେ । କଟକ କଂଗ୍ରେସ ପକ୍ଷରୁ ଏମପି ଦିଗବିଜୟ ସିଂ ଓ ତାଙ୍କ ସହ ଧର୍ମଣୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା ।

## ଯାଜପୁର ଜିଲ୍ଲାର ଝାଡ଼ାବାନ୍ତି ଘଟଣା
# ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳ ସ୍ଥିତି ପରିଲକ୍ଷିତ ହୋଇଛି: ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତିରେ ଦୁଇ ଜଣ ମୃତ୍ୟୁ ହୋଇଥିବ ।ସ୍ଥଳେ ୨୦୦ରୁଅଧିକଜିଲ୍ଲାରେଏବଂ କଟକ ବଡ଼ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । କିନ୍ତୁ ବାସ୍ତବରେଏହିସଂଖ୍ୟା ୪୦୦ ରୁ ଉର୍ଦ୍ଧ୍ୱ ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ ଅଭିଯୋଗ କରିଛନ୍ତି । ପରିସ୍ଥିତି ଅନିୟନ୍ତ୍ରିତ ହେବାରୁ ବହୁ ରୋଗୀଙ୍କୁ କଟକ ସ୍ଥିତବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଯାହା ସରକାରୀ ବ୍ୟବସ୍ଥା ରହିଛି ତାହା ଝାଡ଼ାବାନ୍ତିକୁ ନିୟନ୍ତ୍ରଣ ପାଇଁ ବିସମର୍ଥ ନୁହେଁ । ସମୁଦାୟ ୬୩ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀରୁମାତ୍ର ୧୧ ଜଣ ଡାକ୍ତର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଦେଉଛନ୍ତି । ରାଜ୍ୟ ସରକାର ଯାଜପୁରଜିଲ୍ଲା ତଥା ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ସୁଧାର ଆଣୁଥିବାର ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହାର ବିକଳଚିତ୍ର ଏଠାରେ ପରିଲକ୍ଷିତ ହେଉଛି । ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀଘଟଣାସ୍ଥଳ ପରିଦର୍ଶନ କରି ନାହାନ୍ତି ।ବର୍ଷାଦିନ ହୋଇଥିବା ହେତୁଝାଡ଼ାବାନ୍ତି ହୁହୁ ହୋଇ ବ୍ୟାପିଯିବାର ସମ୍ଭାବନା ରହିଥିବାରୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ରୋକିବାକୁ ପଦକ୍ଷେପ ଗ୍ରହଣକରିବା ପାଇଁଶ୍ରୀସାମଲ ଦାବିକରିଛନ୍ତି । ପରିସ୍ଥିତିସଂଗୀନ ଥିବାବେଳେ ସ୍ୱାସ୍ଥ୍ୟ ସଚିବଏବଂଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ତତ୍ପରତା ଦେଖାଦେବା କଥା ତାହା ଦେଖାଉନାହାନ୍ତି ବୋଲିଶ୍ରୀସାମଲ ଅଭିଯୋଗ କରିଛନ୍ତି।ଯେଉଁ ଆକ୍ରାନ୍ତମାନେ ସରକାରୀ ଡାକ୍ତରଖାନା ମାନଙ୍କରେ ଭର୍ତ୍ତି ହୋଇଛନ୍ତି ସେମାନଙ୍କୁ ଉତ୍ତମ ଚିକିତ୍ସା ରାଜ୍ୟ ସରକାର ଯୋଗାଇ ଦେବା ସହ କିପରି ଭାବରେ ଝାଡାବାନ୍ତି ନିୟନ୍ତ୍ରଣକୁ ଆସିବ ସେଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ।

## କବି ଗଙ୍ଗାଧର ମେହେରଙ୍କ ମହାବିଶ୍ରାମର ଶତବାର୍ଷିକୀ
# ପ୍ରଥମ ଜାତୀୟ ଭୁଲିଆ ସମ୍ମିଳନୀ

ଭୁବନେଶ୍ୱର,(ସବ୍ୟୁ): ପବିତ୍ର ସ୍ନାନ ପୂର୍ଣ୍ଣିମା ତିଥିରେ ଗଙ୍ଗାଧର ମେହର ପ୍ରତିଷ୍ଠାନ, ବରପାଲ୍ଲୀ ଓ ଭୁବନେଶ୍ୱର ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମହାବିଶ୍ରମର ଶତବାର୍ଷିକ ଅବସରରେ ପ୍ରଥମ ଜାତୀୟ ଭୁଲିଆ ସମ୍ମିଳନୀ ଓ ଆଲୋଚନା ଚକ୍ର ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ




ମିହିର ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ବାଦ ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ସ୍ୱଭାବ କବି ଗଙ୍ଗାଧର ମେହେର ହେଉଛନ୍ତି ଭୁଲିଆ ସମାଜ ପାଇଁ ଗର୍ବ ଓ ଗୌରବ । ସେମାନେ ସ୍ୱତନ୍ତ୍ର କଳାକୌଶଳର ଅଧିକାରୀ ବୋଲି କହିଥିଲେ । ଏହି କଳାକୁ ବଞ୍ଚାଇ ରଖିପାରିଲେ ପ୍ରତ୍ୟେକ ଭୁଲିଆ ଜଣେ ଜଣେ ଲକ୍ଷ ପତି ହୋଇପାରିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଇଞ୍ଜିନିୟର ସୁକଦେବ ମେହେର, ବିଶିଷ୍ଟ ଅତିଥି ଭାବେ ନରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ଭୁଲିଆ ସମ୍ମିଳନୀକୁ ପ୍ରଶଂସା କରିଥିଲେ । ମହେନ୍ଦ୍ର କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧିବକ୍ତ ଦିଲ୍ଲୀପ ଦାସ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ମନୋରଞ୍ଜନ ମେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଛତିଶଗଡ଼, ଝାଡଖଣ୍ଡ, ବାଙ୍ଗାଲୋର, ହାଇଦ୍ରାବାଦ ଓ ଦିଲ୍ଲୀରେ ଥିବା ଭୁଲିଆମାନଙ୍କ ସହିତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ମଧ ପ୍ରତିନିଧିମାନେ ଯୋଗଦେଇଥିଲେ ।

## ଭୁବନେଶ୍ୱରରେ ଡାଇଭରସିଜ୍ ଇନସ୍ପିରିଆ ଇଭେଣ୍ଟ

ଭୁବନେଶ୍ୱର,(ସବ୍ୟୁ): ଡାଇଭରସିଜ୍'ର ଇନସ୍ପିରିଆ ଇଭେଣ୍ଟ ଗୁରୁବାର ଠାରୁ ଭୁବନେଶ୍ୱରରେ ଆରମ୍ଭ ହେବ ଯାହା ସ୍ଥାୟୀ ସ୍ୱଚ୍ଛତା ନବସୃଜନ ପ୍ରଦର୍ଶନ କରୁଥିବା ଏକ ପ୍ରମୁଖ ପ୍ଲାଟଫର୍ମ ଅଟେ । କାର୍ଯ୍ୟନିର୍ବାହୀ ଗୃହରକ୍ଷୀ, ପରିଚାଳକ ଏବଂ ବିଭାଗ ମୁଖ୍ୟଙ୍କ ସମେତ ୨୦୦ ରୁ ଅଧିକ ଇଣ୍ଡଷ୍ଟ୍ରି ଲିଡରଙ୍କୁ ଏଥିରେ ସାମିଲ କରାଯାଇଛି । ଏଥିରେ ହାଇଜିନ୍ ସାଇନ୍ସ ଏବଂ ଇଏସଜି-ଚାଳିତ ଅଭ୍ୟାସ ଉପରେ ବିଶେଷଜ୍ଞଙ୍କ ନେତୃତ୍ୱରେ ପ୍ୟାନେଲ ରହିଛି । ଏହି ଇଭେଣ୍ଟ ଭାରତର ସବୁଜ ବ୍ୟବସାୟ କାର୍ଯ୍ୟର ପରିବର୍ତ୍ତନକୁ ଗୁରୁତ୍ୱାରୋପ କରିବା ସହ କର୍ପୋରେଟ୍ ଏବଂ ଆତିଥ୍ୟ ଉତ୍କୃଷ୍ଟତାର କେନ୍ଦ୍ର ଭାବରେ ଭୁବନେଶ୍ୱରର ବଢୁଥିବା ଭୂମିକାକୁ ଉଜ୍ଜ୍ୱଳ କରିବାକୁ ଏହି ସମାବେଶ ସମୟୋଚିତ ଏବଂ ପ୍ରାସଙ୍ଗିକ ଶିଳ୍ପ । ଡାଇଭରସି, ଏକ ସୋଲେନିସ୍ କମ୍ପାନୀ ଯାହା ଆତିଥ୍ୟ, ଖାଦ୍ୟ ସେବା, ସ୍ୱାସ୍ଥ୍ୟସେବା, ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ କ୍ଷୀର ବଜାର ପାଇଁ ସଫାସୁତୁରା, ପରିଷ୍କାର ଏବଂ ସଂକ୍ରମଣ ନିବାରଣ ସମାଧାନ ପ୍ରଦାନ କରେ । ଏହି ସମାଧାନଗୁଡ଼ିକ, ଯେଉଁଥିରେ ଉନ୍ନତ ରାସାୟନିକ ପଦାର୍ଥ, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟଯୁକ୍ତ ସେବା ଅନ୍ତର୍ଭୁକ୍ତ । ଗ୍ରାହକମାନଙ୍କୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ଅଧିକ ସ୍ଥାୟୀ ବିଶ୍ୱ ଗଠନ କରିବାକୁ ସକ୍ଷମ କରିଥାଏ ।

# ଅକ୍ସମ-୪ର ଉତ୍କ୍ଷେପଣ ସ୍ଥଗିତ



ନୂଆଦିଲ୍ଲୀ: ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ୧୪ ଦିନିଆ ବିଜ୍ଞାନ ଅଭିଯାନରେ ଆସୁଥିବା ଆକ୍ସମ୍-୪ ମିଶନର ୪ ମହାକାଶଚାରୀଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିଥିବା ବେଳେ ଆକ୍ସମ୍-୪ ମିଶନର ଉତ୍କ୍ଷେପଣକୁ ଏବେ ସ୍ଥଗିତ ରଖାଯାଇଛି । ଏହି ଖବର ସ୍ପେସ୍ ଏକ୍ସର ଏକ୍ସ ପୋଷ୍ଟରେ ନିଶ୍ଚିତ କରାଯାଇଛି । ପୋଷ୍ଟ-ଷ୍ଟାଟିକ୍ ଫାୟାର ବୁଷ୍ଟର ଯାଞ୍ଚ ସମୟରେ ତରଳ ଅମ୍ଳଜାନ ଲିକ୍ ଚିହ୍ନଟ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଲିକ୍ ମରାମତି କରିବା ପାଇଁ ସମୟ ଲାଗିବ । ମରାମତି ସମ୍ପୂର୍ଣ୍ଣ ହେବା ପରେ ଏବଂ ପରିସର ଉପଲବ୍ଧତା ଉପରେ ନିର୍ଭର କରି ଏକ ନୂତନ ଉତ୍କ୍ଷେପଣ ତାରିଖ ସ୍ଥିର କରାଯିବ ବୋଲି କମ୍ପାନି କକ୍ଷରୁ କୁହାଯାଇଛି । ଉତ୍କ୍ଷେପଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇ ସାରିଥିଲା । ଭାରତ, ଆମେରିକା, ପୋଲାଣ୍ଡ ଓ ହଙ୍ଗେରୀର ମହାକାଶଚାରୀଙ୍କୁ ନେଇ ସ୍ପେସ୍ ଏକ୍ସ ଡ୍ରାଗନ ଯାନ ଆଇଏସ୍ଏସ୍ ଯିବ । ୧୯୮୪ ମସିହାରେ ରାକେଶ ଶର୍ମାଙ୍କ ଐତିହାସିକ ଯାତ୍ରାର ୪ ଦଶନ୍ଧି ପରେ ଭାରତ ମାନବ ମହାକାଶଯାତ୍ରାକୁ ପ୍ରତ୍ୟାବର୍ତ୍ତନ କରିବା ଯୋଜନା କରିଛି । ଭାରତୀୟ ବାୟୁସେନାର ପାଇଲଟ୍ ତଥା ଇସ୍ରୋ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ମିଶନର ପାଇଲଟ୍ ଭାବେ କାର୍ଯ୍ୟ କରିବେ ଏବଂ ମିସନ୍ କମାଣ୍ଡର ପେଗି ହ୍ୱିଟସନ୍ ଏବଂ ହଙ୍ଗେରୀ ଓ ପୋଲାଣ୍ଡର ବିଶେଷଜ୍ଞଙ୍କ ସହ ଯୋଗ ଦେବେ ।

ଗ୍ରୁପ୍ କ୍ୟାପଟେନ୍ ଶୁକ୍ଲାଙ୍କ ପତ୍ନୀ ଓ ୪ ବର୍ଷର ପୁଅ ସମେତ ତାଙ୍କ ପରିବାର ଫ୍ଲୋରିଡାରେ ଉପସ୍ଥିତ ଅଛନ୍ତି । ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁକ୍ଲାଙ୍କ ସହ ଆଜି ଭାରତୀୟ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ଏପି ସିଂହ କଥା ହୋଇଛନ୍ତି । ଏହି ଅବସରରେ ବାୟୁସେନା ମୁଖ୍ୟ ସମସ୍ତ ବାୟୁସେନା ଯୋଦ୍ଧାଙ୍କ ପକ୍ଷରୁ ଶୁକ୍ଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଆମେରିକା ଶରଣରେ ପାକିସ୍ତାନ



ନୂଆଦିଲ୍ଲୀ: ପାକିସ୍ତାନ ଏବେ ଆମେରିକା ଶରଣରେ ପଶିଲାଣି । ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ଉପରେ ଜବରଦସ୍ତ ଆକ୍ରମଣ କରିଥିଲା ଭାରତ । ଖାଲି ଆକ୍ରମଣ କରିଥିଲା ତାହା ନୁହେଁ ବରଂ ୯ ଆତଙ୍କୀ ଶିବିରକୁ ଟାର୍ଗେଟ୍ କରିବା ସହ ଆତଙ୍କୀଙ୍କୁ ନିପାତ କରିବାରେ ସଫଳ ହୋଇଥିଲା । ଏହାସହ ପାକିସ୍ତାନର ଏୟାରବେସ୍କୁ ଟାର୍ଗେଟ୍ କରିଥିଲା । ଭାରତର ପ୍ରଚଣ୍ଡ ଆକ୍ରମଣରେ ପାକିସ୍ତାନ ଥରହର ହୋଇଥିଲା ।

ଚୀନ୍‌ରୁ ଆଣିଥିବା ଆଣ୍ଟିଡିଫେନ୍ସ ସିଷ୍ଟମ ଅକାମୀ ହେବାରୁ ଭାରତର ମୁକାବିଲା କରିବାରେ ଅସମର୍ଥ ହୋଇଥିଲା ପଡ଼ୋଶୀ । ଏହାପରେ ବାରମ୍ବାର ଅସ୍ତ୍ରବିରତି ଅନୁରୋଧ କରିଥିଲା । ଶେଷରେ ୨ ଦେଶର ଡିଜିଏମ୍ଓ ସ୍ତରରେ କଥାବାର୍ତ୍ତା ହେବା ପରେ ଅସ୍ତ୍ରବିରତି କରିଛନ୍ତି । ହେଲେ ଏବେ ପାକିସ୍ତାନ ଆମେରିକାକୁ ସାହାଯ୍ୟ ମାଗିଛି । ଯାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଚୀନ୍ ସାମଗ୍ରୀ କେମିତି ତାହା ପୂରା ବିଶ୍ୱ ଜାଣିଛି । ପାକିସ୍ତାନର ପରମ ବନ୍ଧୁ ରାଷ୍ଟ୍ର ବୋଲାଉଥିବା ଚୀନ୍ ପାକିସ୍ତାନକୁ ଏୟାରଡିଫେନ୍ସ ସିଷ୍ଟମ ଦେଇଥିଲା । ହେଲେ ତାହା କେତେ ଓ କେମିତି କାମ କଲା ତାହା ବି ପାକିସ୍ତାନ ଦେଖିଲା । ଏମିତିକି ଭାରତର ଆକ୍ରମଣ ସମ୍ପର୍କରେ ଚୀନ୍ ରାଡାର ଖବର ମଧ୍ୟ ଦେଇପାରିଲା ନାହିଁ । ତେଣୁ ଚୀନର ଡିଫେନ୍ସ ସିଷ୍ଟମ ବଦଳରେ ଆମେରିକାର ଡିଫେନ୍ସ ସିଷ୍ଟମ ଆଣିବାକୁ ପାକିସ୍ତାନ ପ୍ରୟାସ ଆରମ୍ଭ କରିଦେଇଛି । ହେଲେ ଆମେରିକା ପୂର୍ବରୁ ବାରମ୍ବାର କହିଥିଲା, ପାକିସ୍ତାନ ଆତଙ୍କବାଦୀ ପାଳୁଛି । ଏହାପରେ ବି କେମିତି ସେ ଦେଶ ସହ ଆଲୋଚନା କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଘେରରେ ଛନ୍ଦି ହେଲେଣି ଟ୍ରମ୍ପ ।

ସୂଚନା ଅନୁସାରେ, ଭାରତର ଏୟାର ଡିଫେନ୍ସ ଏବଂ ସାମରିକ ଶକ୍ତି ଆଗରେ ପାକିସ୍ତାନ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲା ଏବଂ ପାକ୍ ସେନାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏଭଳି ସ୍ଥିତିରେ ପଡ଼ୋଶୀ ଦେଶ ଏବେ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଆମେରିକାକୁ ନିବେଦନ କରିଛି । ୱାସିଂଟନରେ ପାକିସ୍ତାନର ଏକ ୧୩ ଜଣିଆ ପ୍ରତିନିଧି ଦଳ ସାର୍ବଜନୀନ ଭାବେ ଆମେରିକାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପଲବ୍ଧ କରାଇବାକୁ ଅନୁରୋଧ କରିଛନ୍ତି । ପାକିସ୍ତାନର ମନ୍ତ୍ରୀ ମୁସାଦିକ ମଲିକ କହିଛନ୍ତି, ଆମ ପାଖରେ ଥିବା ବ୍ୟବସ୍ଥା ବିଫଳ ହୋଇଥିବାରୁ ଏବେ ଆମେରିକାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ହିଁ ଆମ ପାଇଁ ନିର୍ଣ୍ଣାୟକ ହେବ । ତେଣୁ ଆମେ ଆଲୋଚନା ପାଇଁ ଆମେରିକା ଆସିଛୁ ।

# ନମୋ ଆପରେ ଜନ ମନ ସର୍ବେକ୍ଷଣର ଶୁଭାରମ୍ଭ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକାଳର ୧୧ ବର୍ଷ ପୂର୍ତ୍ତି ଅବସରରେ ନରେନ୍ଦ୍ର ମୋଦୀ ଆପ୍ ବା ନମୋ ଆପ୍ ଜରିଆରେ ଜନ ମନ ସର୍ବେକ୍ଷଣର ଶୁଭାରମ୍ଭ କରାଯାଇଛି । ଗୋଟିଏ ଦିନରେ ଏହି ସର୍ବେକ୍ଷଣକୁ ପାଞ୍ଚ ଲକ୍ଷରୁ ଅଧିକ ପ୍ରତିକ୍ରିୟା ମିଳିଛି ଯାହା ଅଭିଯାନର ଲୋକପ୍ରିୟତାକୁ ଦର୍ଶାଉଛି ।

ସାଧାରଣ ଲୋକଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ଏବଂ ସେମାନଙ୍କୁ ପ୍ରମୁଖ ଜାତୀୟ ପ୍ରସଙ୍ଗ ତଥା ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ରାୟ ବ୍ୟକ୍ତ କରିବା ଲାଗି ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ଅଭିନବ ସର୍ବେକ୍ଷଣର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏକ୍ସରେ ଜନ ମନ ସର୍ବେକ୍ଷଣର ଘୋଷଣା କରିଥିଲେ । ଏହା ସାଧାରଣ ଲୋକଙ୍କୁ ନିଜର ପ୍ରତିକ୍ରିୟା ଏବଂ ରାୟ ବିଷୟରେ ସିଧାସଳଖ ସରକାରଙ୍କୁ ଅବଗତ କରାଇବା ଲାଗି ଉପଯୁକ୍ତ ମଞ୍ଚ ପ୍ରଦାନ କରିଥାଏ । ଏହି ସର୍ବେକ୍ଷଣ ଦେଶର କୋଣଅନୁକୋଣରୁ ଆସିଥିବା ଲୋକଙ୍କ ପ୍ରତିକ୍ରିୟା ମାଧ୍ୟମରେ ଜନସାଧାରଣଙ୍କ ମନର କଥା ଜାଣି ଭବିଷ୍ୟତର ନୀତି ପ୍ରସ୍ତୁତ କରିବାରେ ସେଗୁଡ଼ିକର ବିଚାର କରିବାରେ ସହାୟକ ହେବ । ନମୋ ଆପ୍ ମାଧ୍ୟମରେ ଜନ ମନ ସର୍ବେକ୍ଷଣ କରାଯାଉଛି । ଏହି ସର୍ଭେ ଭାରତୀୟ ନାଗରିକମାନଙ୍କୁ ଜାତୀୟ ସୁରକ୍ଷା ଏବଂ ଶାସନ ଠାରୁ ଆରମ୍ଭ କରି ସାଂସ୍କୃତିକ ଗର୍ବ ଏବଂ ଯୁବ ବିକାଶ ପର୍ଯ୍ୟନ୍ତ ବିଭିନ୍ନ ବିଷୟ ଉପରେ ସେମାନଙ୍କର ମତାମତ ପ୍ରକାଶ କରିବାର ସୁଯୋଗ ଦିଏ । ପ୍ରଥମ ୨୬ ଘଣ୍ଟାରେ ସାଧାରଣ ଲୋକଙ୍କଠାରୁ ମୋଟ ୫୦୦,୦୦୦ରୁ ଅଧିକ ପ୍ରତିକ୍ରିୟା ପାଇ, ଏହି ସର୍ବେକ୍ଷଣ ଜନସାଧାରଣଙ୍କ ସହିତ ସିଧାସଳଖ ଏବଂ ଅର୍ଥପୂର୍ଣ୍ଣ ଭାବରେ ସଂଯୋଗ ସ୍ଥାପନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବରେ ଉଭା ହୋଇଛି । ଏହି ସର୍ବେକ୍ଷଣ ଲୋକଙ୍କ ମତାମତର ରାଷ୍ଟ୍ର ବିକାଶରେ ଉପଯୁକ୍ତ ଭାବରେ ଯୋଗଦାନ ନିଶ୍ଚିତ କରିଥାଏ । ଏହି ସର୍ବେକ୍ଷଣରେ ଅଂଶଗ୍ରହଣ କରିବା ଲାଗି ସାଧାରଣ ନାଗରିକ ନମୋ ଆପ୍ ରେ ଉପଲବ୍ଧ ଦୁଇଟି ଭିନ୍ନ ଭିନ୍ନ ସହଯୋଗ ବିକଳ୍ପ ଚୟନ କରିପାରିବେ । ହୋମ ପେଜରେ ଥିବା ନିମ୍ନ ବ୍ୟାନର ମାଧ୍ୟମରେ ଅଂଶଗ୍ରହଣକାରୀ ସର୍ବେକ୍ଷଣରେ ସାମିଲ ହୋଇପାରିବେ ।

# ପ୍ରଧାନମନ୍ତ୍ରୀଙ୍କୁ ରାହୁଲଙ୍କ ଚିଠି
## ୩ବର୍ଷ ଧରି ଛାତ୍ର ବୃତ୍ତି ପୋର୍ଟାଲ ଅଚଳ



ନୂଆଦିଲ୍ଲୀ : ଅବହେଳିତ ସମ୍ପ୍ରଦାୟର ଛାତ୍ରମାନଙ୍କୁ ବୃତ୍ତି ମିଳିବାରେ ବିଳମ୍ବ ହେଉଛି । ଫଳରେ ସେମାନଙ୍କ ସ୍ଥିତି ଦୟନୀୟ ହୋଇପଡିଛି । ଦଳିତ, ଏସ୍‌ଟି, ଆର୍ଥିକ ପଛୁଆବର୍ଗ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରମାନେ ଆବାସିକ ହଷ୍ଟେଲରେ ରହୁଛନ୍ତି । ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବାରେ ବିଳମ୍ବ ହେବାରୁ ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଦାବି କରିଛନ୍ତି ।

ରାହୁଲ ତାଙ୍କ ଚିଠିରେ ବିହାରର ଏକ ଉଦାହରଣ ଦେଇଛନ୍ତି । ସେଲ୍ଲେଖ କରିଛନ୍ତି ୩ ବର୍ଷ ଧରି ବୃତ୍ତି ପୋର୍ଟାଲ କାର୍ଯ୍ୟକ୍ଷମ ହେଉନାହିଁ । ଫଳରେ ୨୦୨୧-୨୨ ବର୍ଷରେ କୌଣସି ବୃତ୍ତି ଦିଆଯାଇ ନାହିଁ । ଏହାଛଡା ହିତାଧିକାରୀଙ୍କ ସଂଖ୍ୟାକୁ ଅଧିକ ହ୍ରାସ କରାଯାଉଛି । ଯେତିକି ଦଳିତ ଛାତ୍ର ବୃତ୍ତି ପାଉଥିଲେ ଏବେ ସେମାନଙ୍କ ସଂଖ୍ୟା ଅଧା ହୋଇଯାଇଛି । ୨୦୨୩ ଆର୍ଥିକ ବର୍ଷରେ ୧.୩୬ ଲକ୍ଷ ଥିବାବେଳେ ୨୦୨୪ରେ ଏହା ୬୯୦୦୦ରେ ପହଞ୍ଚିଛି । ଏହାଛଡା ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ବୃତ୍ତି ଅର୍ଥ ଅତ୍ୟନ୍ତ କମ୍ ରହୁଛି ।

ବିହାରର ଦରଭଙ୍ଗାରେ ଆମ୍ବେଦକର ହଷ୍ଟେଲକୁ ସେ ଯାଇଥିବା ଗସ୍ତର ଅବତାରଣା କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ବହୁ ସଂଖ୍ୟାରେ ଛାତ୍ର ଏଭଳି ଅଭିଯୋଗ ଆଣିଥିଲେ । ୬-୭ ଜଣ ଛାତ୍ର ଗୋଟିଏ ରୁମରେ ରହୁଥିବାବେଳେ ସେଠାରେ ଟଏଲେଟ୍ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ । ଯେଉଁ ପାଣି ପିଇବାକୁ ଦିଆଯାଉଛି ତାହା ସୁରକ୍ଷିତ ନୁହେଁ । ମେସ୍ ସୁବିଧା ନଥିବାବେଳେ ଲାଇବ୍ରେରୀ ଓ ଇଣ୍ଟରନେଟ୍ ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ । କେବଳ ବିହାରରେ ଏହି ସ୍ଥିତି ନୁହେଁ, ଜାତୀୟ ସ୍ତରରେ ଏହି ବିଫଳତା ବିହାରରେ ଦର୍ଶାଉଛି ।

ସରକାର ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସବୁ ହଷ୍ଟେଲରେ ବିସ୍ତୃତ ଅଡିଟ୍ କରାଯିବା ସହ ଭିତ୍ତିଭୂମି, ପରିମଳ, ଖାଦ୍ୟ, ଏକାଡେମିକ୍ ସୁବିଧା ଏବଂ ପର୍ଯ୍ୟାପ୍ତ ଟଙ୍କା ଯୋଗାଇ ଦିଆଯାଉ । ଏହାଛଡା ଠିକ୍ ସମୟରେ ବୃତ୍ତି ଦିଆଯିବା ସହ ଏହାର ପରିମାଣକୁ ବଢ଼ାଯାଉ । ଅବହେଳିତ ସମ୍ପ୍ରଦାୟର ଯୁବକମାନଙ୍କର ଉନ୍ନତି ବିନା ଦେଶର ବିକାଶ ହେବନାହିଁ ।

ତେବେ ସୂଚନାଯୋଗ୍ୟ ୨୦୨୫ ବଜେଟରେ କେନ୍ଦ୍ର ସରକାର ଅନେକ ବୃତ୍ତି ରାଶିକୁ ହ୍ରାସ କରିଥିଲେ । ନ୍ୟାସନାଲ ଫିଲୋସଫି ଓ ଏସ୍‌ଟି ଛାତ୍ରମାନଙ୍କର ବୃତ୍ତିରେ ପ୍ରାୟ ୯୯% ହ୍ରାସ ପାଇଥିଲା । ସେହିଭଳି ମାଟ୍ରିକ୍ ପୂର୍ବବର୍ତ୍ତୀ ବୃତ୍ତିରେ ସଂଖ୍ୟାଲଘୁଙ୍କ ପାଇଁ ୭୨.୪% ହ୍ରାସ ପାଇଥିବାବେଳେ ମାଟ୍ରିକ ପରବର୍ତ୍ତୀ ବୃତ୍ତିରେ ୫୯.୯% ହ୍ରାସ ହୋଇଥିଲା । ସେହିଭଳି ବିଦେଶରେ ପିବା ପାଇଁ ଦିଆଯାଉଥିବା ଜାତୀୟ ବୃତ୍ତି ଯୋଜନାରେ ୯୯.୮% ହ୍ରାସ ହୋଇଥିଲା । ମୌଲାନା ଆଜାଦ୍ ନ୍ୟାସନାଲ ଫିଲୋସଫି ମଧ୍ୟ ଆର୍ଥିକ ଦୁର୍ଗତି ମଧ୍ୟରେ ଗତି କରୁଛି ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ କରୋନା ଟେଷ୍ଟ ବାଧ୍ୟତାମୂଳକ

ନୂଆଦିଲ୍ଲୀ : କୋଭିଡ ସଂକ୍ରମିତ ବୃଦ୍ଧି ପାଉଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଆସୁଥିବା ମନ୍ତ୍ରୀମାନଙ୍କର ଆରଟି-ପିସିଆର ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି । ଦିଲ୍ଲୀରେ ପ୍ରାୟ ୭୦ ବିଜେପି ପଦାଧିକାରୀ ଏପରିକି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସମେତ ୭ ସାଂସଦ ଓ ବିଧାୟକ ଯେଉଁମାନେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ସେମାନେ ଆରଟିପିସିଆର୍ ପରୀକ୍ଷା କରିଥିବା ସୂଚନା ମିଳିଛି । ଯେଉଁ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଯିବେ ସେମାନେ ଏହି ପରୀକ୍ଷା ବାଧ୍ୟତାମୂଳକ ହୋଇଥିବା ଏକ ସୂତ୍ରରୁ ଜଣାପଡିଛି । ବିଜେପିର ଦିଲ୍ଲୀ ବିଧାନସଭା ବିଜୟ ପରେ ପ୍ରଧାନମନ୍ତ୍ରୀ ରାଜ୍ୟନେତାମାନଙ୍କୁ ଏକ ରାତ୍ରୀ ଭୋଜନ ପାଇଁ ଡାକିଥିଲେ । ସେଥିରେ ଏହି ନେତାମାନେ କୋଭିଡ ପରୀକ୍ଷା କରିଥିବା ସୂଚନା ମିଳିଛି ।

# ଖାଦ୍ୟ ଅପେକ୍ଷାରେ ଥିଲେ ବାଜିଲା ଗୁଳି: ୩୬ ମୃତ

ଜେରୁଜେଲମ : ଗାଜାରେ ଇସ୍ରାଏଲ ସେନା କରୁଥିବା ହମଲା ଭୟଙ୍କର ସ୍ଥିତି ସୃଷ୍ଟି କରିଛି । ଇସ୍ରାଏଲ ଆକ୍ରମଣରେ କେବଳ ହମାସ ସଦସ୍ୟ ନୁହନ୍ତି, ବରଂ ସାଧାରଣ ଲୋକଙ୍କ ଜୀବନ ମଧ୍ୟ ଯାଉଛି । ଇସ୍ରାଏଲ ହମଲା ଯୋଗୁ ଗାଜାରେ ଖାଦ୍ୟାଭାବ ମଧ୍ୟ ଦେଖାଯାଉଛି । ଲୋକମାନେ ଭୋକରେ ଆଉଟ ପାଉଟ ହେଉଥିବା ବେଳେ ସୀମିତ ସଂଖ୍ୟାରେ ସହାୟତା ଟ୍ରକ ଇସ୍ରାଏଲ ପକ୍ଷରୁ ଗାଜାକୁ ଛଡ଼ା ଯାଉଛି । ସୀମିତ ପରିମାଣର ଖାଦ୍ୟ ମିଳୁଥିବାରୁ ଲୋକମାନେ ଏହାକୁ ନେବାକୁ ପ୍ରବଳ ଭିଡ଼ କରୁଛନ୍ତି । ଏହି କ୍ରମରେ ମଙ୍ଗଳବାର ଗାଜାରେ ଖାଦ୍ୟ ପାଇଁ ଭିଡ଼ କରିଥିବା ଲୋକଙ୍କ ଉପରେ ଚାଲିଛି ଗୁଳି । ଏଥିରେ ୩୬ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଆହତ ହୋଇଛନ୍ତି । ଏହାକୁ ମିଶାଇ ଗାଜାରେ ଖାଦ୍ୟ ପାଇଁ ଅପେକ୍ଷା କରିବା ବେଳେ ପ୍ରାଣ ହରାଇଥିବା ସାଧାରଣ ଲୋକଙ୍କ ସଂଖ୍ୟା ୧୬୩ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହାପୂର୍ବରୁ ଗାଜାର ଦକ୍ଷିଣ ପ୍ରାନ୍ତରେ ଥିବା ରାଫା ସହରରେ ମଧ୍ୟ ସମାନ ଘଟଣା ଘଟିଥିଲା ।

# ରେଳବାଇର ତତ୍କାଳ ଯୋଜନାରେ ସଂଶୋଧନ

ନୂଆଦିଲ୍ଲୀ: ସାଧାରଣ ଲୋକ ଏବଂ ବ୍ୟକ୍ତିଗତ ବ୍ୟବହାରକାରୀଙ୍କ ପାଖରେ ତତ୍କାଳ ଟିକେଟର ଲାଭ ପହଞ୍ଚିବା ନିଶ୍ଚିତ କରିବା ପାଇ ଭାରତୀୟ ରେଳବାଇ ଅନେକ ପଦକ୍ଷେପ ନେଇଛି ।ଗତ ଛଅ ମାସରେ ବଟ୍ ସଫ୍ଟୱେର୍ ବ୍ୟବହାର କରି ଟିକେଟ୍ ବୁକ୍ କରିବା ପାଇଁ ୨.୫ କୋଟି ସନ୍ଦିଗ୍ଧ ଆଇଆରସିଟିସି ଆଇଡିକୁ ଅବରୋଧ କରାଯାଇଛି । ବ୍ୟକ୍ତିଗତ ବ୍ୟବହାରକାରୀଙ୍କ ପାଇଁ ତତ୍କାଳ ଇ-ଟିକେଟ ବୁକିଂ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି ।ରେଳବାଇ କାଉଣ୍ଟର/ୱିଣ୍ଡୋରୁ ତତ୍କାଳ ଟିକେଟ୍ ବୁକ୍ କରିବା ପାଇଁ ଯାତ୍ରୀ କିମ୍ବା ତାଙ୍କ ପ୍ରତିନିଧିଙ୍କୁ ମୋବାଇଲ୍ ନମ୍ବର ଏବଂ ଓଟିପି ଦେବାକୁ ପଡିବ ।ଓଟିପି ଯାଞ୍ଚ ସଫଳ ହେଲେ ହିଁ ତତ୍କାଳ ଟିକେଟ୍ ଜାରି କରାଯିବ । ତତ୍କାଳ ଟିକେଟ୍ ବୁକିଂର ପ୍ରଥମ ୩୦ ମିନିଟ୍ କେବଳ ବ୍ୟକ୍ତିଗତ ଅନଲାଇନ୍ ବ୍ୟବହାରକାରୀ ଏବଂ ଷ୍ଟେସନରେ ଅବସ୍ଥିତ ପିଆରଏସ କାଉଣ୍ଟରରୁ ଟିକେଟ୍ ବୁକ୍ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷିତ ରହିବ ।

ଟ୍ରାଭେଲ୍ ଏଜେଣ୍ଟ ଏବଂ ଅଧିକୃତ ଏଜେନ୍ସିଗୁଡ଼ିକ ୩୦ ମିନିଟ୍ ପରେ ଟିକେଟ୍ ବୁକ୍ କରିପାରିବେ, ଅର୍ଥାତ ତତ୍କାଳ ଟିକେଟ୍ ୧୦:୩୦ ରୁ ଏସି ଶ୍ରେଣୀ ପାଇଁ ଏବଂ ୧୧:୩୦ ରୁ ନନ୍-ଏସି ଶ୍ରେଣୀ ପାଇଁ ବୁକ୍ କରାଯାଇପାରିବ । ବ୍ୟକ୍ତିଗତ ଅନଲାଇନ୍ ଟିକେଟ୍ ବ୍ୟବହାରକାରୀ ଏବଂ ୱିଣ୍ଡୋ ଟିକେଟ୍ ବ୍ୟବହାରକାରୀଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରାଯିବ । ଯେଉଁମାନଙ୍କର ଆଧାର ନାହିଁ ସେମାନେ ଷ୍ଟେସନରେ ଅବସ୍ଥିତ ପିଆରଏସ କାଉଣ୍ଟର ମାଧ୍ୟମରେ କିମ୍ବା ଅଧିକୃତ ଟ୍ରାଭେଲ୍ ଏଜେଣ୍ଟଙ୍କ ମାଧ୍ୟମରେ ତତ୍କାଳ ଟିକେଟ୍ ବୁକ୍ କରିପାରିବେ । ଆଇଅରସିଟିସି ଆପ୍ ରେ ତତ୍କାଳ ଟିକେଟ୍ ବୁକ୍ କରିବାକୁ ଜୁଲାଇ ପହିଲାରୁ କେବଳ ଆଧାର ଯାଞ୍ଚ ଆକାଉଣ୍ଟ ପାଇଁ ପ୍ରଯୁଜ୍ୟ ହେବ ।ଇଓଟି ଦ୍ୱାରା ଆଧାର ପ୍ରମାଣୀକରଣ ବ୍ୟବସ୍ଥା ଜୁଲାଇ ୧୫ରୁ କାର୍ଯ୍ୟକାରୀ ହେବ । ବଟ୍ କିମ୍ବା ଅନ୍ୟାନ୍ୟ ସଫ୍ଟୱେର୍ ଉପାୟ ପ୍ରକୃତ ବ୍ୟବହାରକାରୀଙ୍କ ତୁଳନାରେ ଶୀଘ୍ର ଟିକେଟ୍ ବୁକ୍ କରିପାରିବେ ନାହିଁ ତାହା ନିଶ୍ଚିତ କରିବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି ।

# ରାଜା ରଘୁବଂଶୀ ହତ୍ୟା : ମାନିଲେ ପତ୍ନୀ ସୋନମ



ନୂଆଦିଲ୍ଲୀ: ମେଘାଳୟ ପୁଲିସ ଇନ୍ଦୋରର ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲା ସହିତ ଏକ ବଡ଼ ତଥ୍ୟ ସାମ୍ନାକୁ ଆଣିଛି । ମେଘାଳୟ ପୁଲିସ ସୂଚନା ଦେଇ କହିଛି ଯେ ରାଜାଙ୍କ ପତ୍ନୀ ସୋନମ ସ୍ୱାମୀଙ୍କ ହତ୍ୟା କରିଥିବା ସ୍ୱୀକାର କରିଛନ୍ତ । ମେଘାଳୟ ପୁଲିସ ପକ୍ଷରୁ ସିଲଂ ଏସପି ବିବେକ ସୟେମ କହିଛନ୍ତି, ଯେତେବେଳେ ଏସଆଇଟି ଟିମ ଗଠନ କରାଯାଇଥିଲା, ଆମେ ସମସ୍ତ ପ୍ରମାଣ ଯାଞ୍ଚ କରିଥିଲୁ । ସେ ସମୟରେ ଆମ ପାଖରେ ବହୁତକିଛି ତଥ୍ୟ ଓ ପ୍ରମାଣ ଥିଲା । ଯାଞ୍ଚ ଚାଲିଥିବାରୁ ଆମେ କେଣସି ପ୍ରକାର ପ୍ରତିକ୍ରିୟା ଦେଇ ନଥିଲୁ । ଅନେକ ରାଜାଙ୍କ ମୃତ୍ୟୁକୁ ନେଇ କାହାଣୀ ପ୍ରସ୍ତୁତ କରିଥିଲେ । କେତେକ ଏହାକୁ ଅପହରଣ କହୁଥିବା ବେଳେ ଆଉ କିଛି ଡକାୟତି ହୋଇଛି ବୋଲି କହିଥିଲେ ।

ଅପରପକ୍ଷରେ ସୋନମର ଭାଇ ଗୋବିନ୍ଦ ରଘୁବଂଶୀ କହିଛନ୍ତି ଯେ ମୋ ଭଉଣୀ ଅପରାଧ କରିଛି । ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ । ଆଜି ସୋନମଙ୍କ ଭାଇ, ରାଜା ରଘୁବଂଶୀଙ୍କ ଘରେ ପହଞ୍ଚିବା ସହ ରାଜାଙ୍କ ମା'ଙ୍କୁ କୁଣ୍ଢେଇ ପକାଇ ଖୁବ୍ କାନ୍ଦିଥିଲେ । ସେ ପୀଡିତଙ୍କ ପରିବାରକୁ ଭେଟିବା ପରେ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଯେ, ଯଦି ଭଉଣୀ ଦୋଷୀ, ତେବେ ତାକୁ ଦଣ୍ଡ ମିଳିବା ଉଚିତ ପ୍ରକୃତରେ ମୁଁ ନିଜେ ତାକୁ ଦଣ୍ଡ ଦେବି । ରାଜା ଜଣେ ଭଲ ମଣିଷ ଥିଲେ । ସୋନମ ଯାହା ଯୋଜନା କରିଥିଲା, ମୁଁ ଗଣମାଧ୍ୟମରୁ ତାହା ଜାଣିବାକୁ ପାଇଲି । ମୋ ଭଉଣୀ କରିଥିବା ଦୋଷ ପାଇଁ ମୁଁ ରାଜାଙ୍କ ମାଆଙ୍କୁ କ୍ଷମା ମାଗିଛି ।

କୁହାଯାଉଛି ଯେ ବିବାହ ପୂର୍ବରୁ ସୋନମ ଜଣକୁ ଭଲପାଉଥିଲେ ଏବଂ ବିବାହ କରିବାକୁ ଚାହୁଁଥିଲେ । ହେଲେ ପରିବାର ଲୋକଙ୍କ ଚାପ ଯୋଗୁଁ ସେ ରାଜାଙ୍କୁ ବିବାହ କରିଥିଲେ । କିନ୍ତୁ ବିବାହ ପୂର୍ବରୁ ସେ ନିଜ ପରିବାରକୁ ଚେତାବନୀ ଦେଇଥିଲେ ବୋଲି ସାମ୍ନାକୁ ଆସିଛି । ସୋନମ ପୁଲିସକୁ କହିଛି ଯେ, ସେ ପୂର୍ବରୁ ତାଙ୍କ ମା'ଙ୍କୁ ଏହି ବିବାହ ପାଇଁ ମନା କରିଥିଲେ । ତୁମେ ମୋର ବିବାହ ରାଜାଙ୍କ ସହ ଜୋର ଜବରଦସ୍ତ କରାଉଛ । କିନ୍ତୁ ତା'ପରେ ଯାହା ଘଟିବ ସେଥିପାଇଁ ତୁମେ ପ୍ରସ୍ତୁତ ରହିବା ଉଚିତ । ରାଜାଙ୍କ ଭାଇଙ୍କ ବିପିନଙ୍କ କହିବା ମୁତାବକ, ରାଜାଙ୍କ ମୃତ୍ୟୁ ପାଇଁ ସୋନମଙ୍କ ପରିବାର ଲୋକ ମଧ୍ୟ ଦାୟୀ । ଜୋର ଜବରଦସ୍ତ ସେମାନେ ଏହି ବିବାହ ନକରିଥିଲେ ରାଜା ଆଜି ଆମ ସହିତ ଥାନ୍ତେ ।

# ପ୍ରତିରକ୍ଷା ବଜେଟ ବଢ଼ାଇଲା ପାକିସ୍ତାନ



ଇସ୍‌ଲାମାବାଦ : ଏକ ପ୍ରକାରର କାଙ୍ଗାଳ ସ୍ଥିତିରେ ଥିବା ପାକିସ୍ତାନ କିନ୍ତୁ ଅଭିବୃଦ୍ଧିକୁ ଆଦୌ ଗୁରୁତ୍ୱ ଦେଉ ନାହିଁ । ବିକାଶ ଅପେକ୍ଷା ନିଜର ସାମାରିକ ଖର୍ଚ୍ଚକୁ ପାକିସ୍ତାନ ପ୍ରାଧାନ୍ୟ ଦେଉଛି ।

ପାକିସ୍ତାନର ଋଣ ଭାର ୭୬ ହଜାର ବିଲିୟନ ପିକେଆର ବା ୨୭୦ ବିଲିୟନ ଡଲାରରେ ପହଞ୍ଚି ସାରିଲାଣି । ଚଳିତ ଆର୍ଥିକ ବର୍ଷରେ ଋଣର ପରିମାଣ ନୂଆ ରେକର୍ଡ କରିଛି । ଆର୍ଥିକ ସଙ୍କଟ, ଖାଦ୍ୟାଭାବ ଓ ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହେଉଥିବା ପାକିସ୍ତାନ ବିଭିନ୍ନ ରାଷ୍ଟ୍ରକୁ ସହଯୋଗ ମାଗୁଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ବିଦେଶ ଗସ୍ତରେ ଯିବା ବେଳେ ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ହାତ ପତାଇ ଆର୍ଥିକ ସହାୟତା ମାଗୁଛନ୍ତି । ତଥାପି ଏକ ପ୍ରକାରର କାଙ୍ଗାଳ ସ୍ଥିତିରେ ଥିବା ପାକିସ୍ତାନ କିନ୍ତୁ ଅଭିବୃଦ୍ଧିକୁ ଆଦୌ ଗୁରୁତ୍ୱ ଦେଉ ନାହିଁ । ବିକାଶ ଅପେକ୍ଷା ନିଜର ସାମାରିକ ଖର୍ଚ୍ଚକୁ ପାକିସ୍ତାନ ପ୍ରାଧାନ୍ୟ ଦେଉଛି । ନିକଟରେ ଭାରତ ଠାରୁ ଅପରେସନ ସିନ୍ଦୁର ଜରିଆରେ ମାତ ଖାଇଥିବା ପାକିସ୍ତାନ ଏବେ ନିଜର ସାମାରିକ ଶକ୍ତିକୁ ଆହୁରି ସଶକ୍ତ କରିବାକୁ ପ୍ରୟାସ ଆରମ୍ଭ କରିଛି । ଏଥିପାଇଁ ପାକିସ୍ତାନର ଶରିଫ ସରକାର ଦେଶର ପ୍ରତିରକ୍ଷା ବଜେଟକୁ ୨୦% ବୃଦ୍ଧି କରିଛନ୍ତି । କିନ୍ତୁ ଦେଶର ମୋଟ ବ୍ୟୟ ବା ଖର୍ଚ୍ଚର ପରିମାଣକୁ ୭% ହ୍ରାସ କରିଛନ୍ତି । ପାକିସ୍ତାନର ଅର୍ଥମନ୍ତ୍ରୀ ମହମ୍ମଦ ଔରଙ୍ଗଜେବ ତାଙ୍କର ୬୨ ବିଲିୟନ ଡଲାର ପ୍ରସ୍ତାବରେ ଦେଶର ଅଭିବୃଦ୍ଧି ଆଗାମୀ ଆର୍ଥିକ ବର୍ଷରେ ୪.୨% ରହିବ ବୋଲି ଆଶା କରିଛନ୍ତି । ୨୦୨୩ରେ ପାକିସ୍ତାନ ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବା ବେଳେ ଏବେ ଏଥିରେ ସ୍ଥିରତା ଆସିଥିବା ସେ ଦାବି କରିଛନ୍ତି । ମୁଦ୍ରାସ୍ଫୀତି ୭.୫% ଓ ଅଭିବୃଦ୍ଧି ହାର ୪.୨% ରହିବ ବୋଲି ପାକିସ୍ତାନ ସରକାର ଆକଳନ କରିଛନ୍ତି । କିନ୍ତୁ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ମାତ୍ର ୨.୭% ରହିବ । ବଜେଟ ବେଳେ ଅଭିବୃଦ୍ଧି ହାର ୩.୬% ରହିବ ବୋଲି ଆକଳନ କରାଯାଇଥିଲା ।

ପାକିସ୍ତାନ ଅଭିବୃଦ୍ଧି ମାମଲାରେ ବହୁତ ପଛରେ ରହିଛି । ୨୦୨୪ରେ ଦକ୍ଷିଣ ଏସିଆନ ରାଷ୍ଟ୍ରଗୁଡ଼ିକ ହାରାହାରି ୫.୮% ବେଗରେ ଅଭିବୃଦ୍ଧି କରିଛନ୍ତି । ୨୦୨୫ରେ ଏହା ୬% ରହିବ ବୋଲି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଆଶା ରଖିଛି ।

# ଟିମ୍ ଇଣ୍ଡିଆ ପାଇଁ ଅଡୁଆ ଡ୍ୟୁକ୍ ବଲ



ଲଣ୍ଡନ,୧୧।୬(ଏଜେନ୍ସି): ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ । ଏଥିସହ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପର ନୂତନ ସାଇକେଲ ବିଗୁଲ ବାଜିବ । ରୋହିତ ଶର୍ମା, ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱୀନ ଅବସର ନେବା ପରେ ଏବେ ଶୁଭମନ ଗିଲଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ଇଂଲଣ୍ଡରେ ଭଲ ପ୍ରଦର୍ଶନ କରିବାକୁ ଚାହିଁବ । ଇଂଲଣ୍ଡରେ ଭାରତୀୟ ଟିମର ପ୍ରଦର୍ଶନ ସେଭଳି ଉତ୍ସାହଜନକ ରହି ନଥିବାରୁ ଯୁବ ଖେଳାଳିମାନଙ୍କ କଡ଼ା ସଂଘର୍ଷ କରିବାକୁ ପଡିବ ।

ଏହି ସିରିଜରେ କୋକାବୁରା କିମ୍ବା ଏସଜି ବଦଳରେ ଡ୍ୟୁକ ବଲର ବ୍ୟବହାର କରାଯିବ । ଏହା ଟିମ ଇଣ୍ଡିଆର ଅନଭିଜ୍ଞ ଖେଳାଳିଙ୍କୁ ଅଡୁଆରେ ପକାଇବ ବୋଲି ଅନୁମାନ କରାଯାଉଛି । ଅବଶ୍ୟ ଭାରତୀୟ ଟିମ କୋଚ ଗୌତମ ଗମ୍ଭୀରଙ୍କ ଉପସ୍ଥିତିରେ କଠିନ ଅଭ୍ୟାସ ଜାରୀ ରଖିଛି । ଇଂଲଣ୍ଡ ବ୍ୟତୀତ ୱେଷ୍ଟଇଣ୍ଡିଜରେ ମଧ୍ୟ ଏହି ବଲରେ ଖେଳାଯାଏ । ହାତରେ ଡ୍ୟୁକ ବଲର ସିମ ସିଲେଇ କରାଯାଉଥିବାରୁ ଏହା ଅଧିକ ସମୟ ଠିକ ରହିଥାଏ । ୩୦ ଓଭର ପରେ ବଲ ପୁରୁଣା ହେଲେ ଏହା ରିଭର୍ସ ସୁଇଂ ମଧ୍ୟ କରିଥାଏ । ଏହା ବ୍ୟାଟ୍ସମ୍ୟାନଙ୍କୁ ବିଶେଷ ଭାବେ ଅସୁବିଧାରେ ପକାଇଥାଏ । ସ୍ପିନରମାନେ ମଧ୍ୟ ଏହାର ଭରପୂର ଫାଇଦା ଉଠାଇଥାନ୍ତି ।

ସ୍କଟଲାଣ୍ଡରୁ ଆସୁଥିବା ଚମଡାରେ ଏହାକୁ ତିଆରି କରାଯାଇଥାଏ । ଇଂଲଣ୍ଡ ଗସ୍ତରେ ଭାରତ ୨୦୦୭ ପରଠାରୁ କୌଣସି ସିରିଜ ଜିତିନାହିଁ । ୨୦୨୧-୨୨ରେ ଭାରତ ୨-୨ରେ ସିରିଜ ଡ୍ର ରଖିବାକୁ ସକ୍ଷମ ହୋଇଥିଲା । ଇଂଲଣ୍ଡର ପିଚ ସର୍ବଦା ସୁଇଂ ବୋଲରଙ୍କୁ ସୁହାଇଥାଏ । ଟିମ ଇଣ୍ଡିଆର ଯୁବ ବାହିନୀ ଏହି ସୁଇଂ ଯୁଦ୍ଧରେ କେତେ ସଫଳ ହେଉଛନ୍ତି ତାହା ଶୃଙ୍ଖଳାର ଫଳାଫଳ ସହ ସ୍ପଷ୍ଟ ହେବ ।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ

# ରବାଡ଼ା, ଜନ୍‌ସେନ୍‌ଙ୍କ ଘାତକ ବୋଲିଂ: ଅଷ୍ଟ୍ରେଲିଆ ୨୧୨

ଲଣ୍ଡନ, ୧୧।୬ (ଏଜେନ୍ସି): ଐତିହାସିକ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଆରମ୍ଭ ହୋଇଛି । ପ୍ରଥମ ସଂସ୍କରଣର ଟାଇଟଲ ବିଜେତା ଅଷ୍ଟ୍ରେଲିଆକୁ ଭେଟିଛି ଦକ୍ଷିଣଆଫ୍ରିକା । ଇଂଲଣ୍ଡର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ଫାଇନାଲ ମ୍ୟାଚ୍‌ର ପ୍ରଥମ ଦିନ ଦ.ଆଫ୍ରିକା ବୋଲର କାଗିସୋ ରବାଡ଼ା ଓ ମାର୍କୋ ଜନସେନଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା । ଅବଶ୍ୟ ପରବର୍ତ୍ତୀ ସମୟରେ ଅଷ୍ଟ୍ରେଲିଆର ଷ୍ଟିଭେନ୍ ସ୍ମିଥ୍ ଓ ବ୍ୟୁ ୱେବଷ୍ଟରଙ୍କ ଅର୍ଦ୍ଧଶତକ ଯୋଗୁ ଅଷ୍ଟ୍ରେଲିଆ ବିପର୍ଯ୍ୟୟରୁ କିଛି ସମୟ ପାଇଁ ମୁକୁଳି ଥିଲା । ପ୍ରଥମ ଦିନ ଚା'ପାନ ବିରତି ପରେପରେ ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନ କରି ଅଲଆଉଟ୍ ହୋଇଥିଲା । କାଗିସୋ ରବାଡ଼ା ୫ଟି ଓ ମାର୍କୋ ଜନ୍‌ସେନ୍ ୩ ୱିକେଟ ଅକ୍ତିଆର କରିଥିଲେ ।

ଦ.ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଲର୍ଡ୍ସରେ ଟସ୍ ଜିତି ଅଷ୍ଟ୍ରେଲିଆକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ତେଣୁ ଅଷ୍ଟ୍ରେଲିଆ ପକ୍ଷରୁ ଉସ୍‌ମାନ ଖ୍ୱାଜାଙ୍କ ସହ ମାର୍ନୁସ ଲାବୁଶେନ ଇନିଂସ ଓପନ କରିଥିଲେ । ଏହି ଦୁଇ ବ୍ୟାଟର ଦଳକୁ ଭଲ ଆରମ୍ଭ ଦେବାରେ ସଫଳ ହୋଇ ନଥିଲେ । କାରଣ ଦଳୀୟ ସ୍କୋର ୧୨ ରନ ବେଳେ ଉସ୍ମାନ ଖ୍ୱାଜା ୨୦ଟି ବଲ୍‌ର ସମ୍ମୁଖୀନ ହୋଇ ବିନା ସ୍କୋର୍‌ରେ ପାଭିଲିଅନ ଫେରିଥିଲେ । ତାଙ୍କୁ କାଗିସୋ ରବାଡ଼ା ଆଉଟ କରି ଦଳକୁ ପ୍ରାରମ୍ଭିକ ସଫଳତା ଦେଇଥିଲେ । ଓପନିଂ ଯୋଡ଼ି ଭାଙ୍ଗିବା ପରେ ୬୭ ରନ ମଧ୍ୟରେ ଆଉ ୩ ୱିକେଟ ଝଡ଼ି ଯାଇଥିଲା । ଅର୍ଥାତ କାମେରନ ଗ୍ରୀନ, ମାର୍ନୁସ ଲାବିଶେନ ଓ ଟ୍ରେଭିସ୍ ହେଡ୍ ପାଭିଲିଅନ ଫେରିଯିବାରୁ ଅଷ୍ଟ୍ରେଲିଆ ବ୍ୟାକ୍‌ଫୁଟ୍‌କୁ ଠେଲି ହୋଇଯାଇଥିଲା । ଦଳୀୟ ସ୍କୋର ୧୬ ରନ ବେଳେ କାମେରନ ଗ୍ରୀନ ୪ ରନ କରି ଆଉଟ୍ ହୋଇଥିଲେ । ପରେପରେ ଲାବୁଶେନ ୧୭ ରନ ଓ ଟ୍ରେଭିସ୍ ହେଡ୍ ୧୧ ରନ କରି ଆଉଟ ହୋଇଥିଲେ । ଏହି ୪ ବ୍ୟାଟରଙ୍କୁ କାଗିସୋ ରବାଡ଼ା ଓ ମାର୍କୋ ଜନସେନ ଆଉଟ କରି ଦ.ଆଫ୍ରିକା ପାଇଁ ବଡ଼ ସମ୍ଭାବନା ସୃଷ୍ଟି କରିଥିଲେ । କିନ୍ତୁ ମଧ୍ୟମକ୍ରମରେ ଦଳର ଅଭିଜ୍ଞ ବ୍ୟାଟର ଷ୍ଟିଭେନ ସ୍ମିଥ୍ ୬୬ ରନର ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳୀୟ ସ୍କୋରକୁ ୧୫୦ ରନ ପାଖାପାଖି ପହଞ୍ଚାଇଥିଲେ । ସ୍ମିଥ୍ ୧୧୨ ବଲ୍‌ର ସମ୍ମୁଖୀନ ହୋଇ ୬୬ ରନ କରିଥିଲେ । ତାଙ୍କ ବ୍ୟତୀତ ବ୍ୟୁ ୱେବ୍‌ଷ୍ଟର ଅର୍ଦ୍ଧଶତକ ହାସଲ କରିବାରୁ କିଛି ସମୟ ପାଇଁ ଅଷ୍ଟ୍ରେଲିଆ ତିଷ୍ଠିଯିବା ପରି ଲାଗୁଥିଲା । କେଶବ ମହାରାଜ ଓ ଆଦିନ ମାର୍କ୍ରାମ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରି ଚା'ପାନ ବିରତି ପରେ ଅଷ୍ଟ୍ରେଲିଆ ପୁଣି ଚାପରେ ରଖିଥିଲେ । ଚା'ପାନ ବିରତି ପରେ ଖେଳାଯାଇଥିବା ୩ ଓଭର ମଧ୍ୟରେ ଆଉ ୨ ୱିକେଟ ଝଡ଼ିଥିଲା । କାଗିଶୋ ରବାଡ଼ା ନିଜର ତୃତୀୟ ଶିକାର ଭାବେ ଅଷ୍ଟ୍ରେଲିଆ ଅଧିନାୟକ ପାଟ୍ କୁମିନ୍ସ (୧ରନ)ଙ୍କୁ ଆଉଟ କରିଥିଲେ । କେଶବ ମହାରାଜ, ୱିକେଟ ରକ୍ଷକ ବ୍ୟାଟର ଆଲେକ୍ସ କାରେଙ୍କୁ ୨୩ ରନ ସ୍କୋର୍‌ରେ ଆଉଟ କରି ଦଳକୁ ବଡ଼ ସଫଳତା ଦେଇଥିଲେ । ତେଣୁ ଅଷ୍ଟ୍ରେଲିଆ ୫୪ ଓଭର ସୁଦ୍ଧା ୭ ୱିକେଟ ହରାଇ ୨୦୧ ରନ କରିଥିଲା । ବ୍ୟୁ ୱେବ୍‌ଷ୍ଟର ପଡ଼ିଆରେ ବେଶି ସମୟ ରହିପାରି ନଥିଲେ । ସେ ୯୨ ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ସହାୟତାରେ ୭୨ ରନ କରିବା ସହ ରବାଡ଼ାଙ୍କ ଶିକାର ହୋଇଥିଲେ । ଏହାପରେ କେବଳ ଔପଚାରିକତା ବାକି ଥିଲା । ମିଚେଲ୍ ଷ୍ଟାର୍କ ୧, ନାଥନ ଲିଅନ ବିନା ସ୍କୋର୍‌ରେ ଆଉଟ ହେବା ସହ ଅଷ୍ଟ୍ରେଲିଆ ଇନିଂସ୍‌ରେ ଯବନିକା ପଡ଼ିଥିଲା । ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନ କରି ଅଲଆଉଟ ହୋଇଥିଲା ।

ବୋଲିଂରେ ଦ.ଆଫ୍ରିକାର ପ୍ରଦର୍ଶନ ଶାଣିତ ରହିଛି । ରବାଡ଼ା ୧୫.୪ ଓଭର ଫିଙ୍ଗି ୫ ମେଡେନ୍ ସହ ୫ ୱିକେଟ ଅକ୍ତିଆର କରିଥିଲେ । ମାର୍କୋ ଜନ୍‌ସେନ ୩ଟି, କେଶବ ମହାରାଜ ଓ ଆଦିନ ମାର୍କ୍ରାମ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

ଦ.ଆଫ୍ରିକାର ପ୍ରାରମ୍ଭ ମଧ୍ୟ ଭଲ ହୋଇନାହିଁ । ଦଳ ବିନା ସ୍କୋର୍‌ରେ ଓପନର ଆଦିନ ମାର୍କ୍ରାମ୍‌ଙ୍କ ୱିକେଟ ହରାଇଥିଲା । ଦଳକୁ ପ୍ରଥମ ସଫଳତା ଦେବାରେ ସକ୍ଷମ ହୋଇଥିଲେ ମିଚେଲ ଷ୍ଟାର୍କ । ମାର୍କ୍ରାମ ୬ଟି ବଲ୍‌ର ସମ୍ମୁଖୀନ ହୋଇ ଷ୍ଟାର୍କଙ୍କ ବଲରେ କ୍ଲିନ୍‌ବୋଲ୍ଡ ହୋଇଥିଲେ । ତେଣୁ ବିନା ସ୍କୋର୍‌ରେ ଦ.ଆଫ୍ରିକା ପ୍ରଥମ ୱିକେଟ ହରାଇଥିଲା ।






### ୧୧୩ ବର୍ଷ ପରେ ଲର୍ଡ୍ସ ପୁଣି ମୁହାଁମୁହିଁ

ଐତିହାସିକ ଲର୍ଡ୍ସରେ ଦ.ଆଫ୍ରିକା ଓ ଅଷ୍ଟ୍ରେଲିଆ ପ୍ରଥମ କରି ୧୯୧୨ରେ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଅଷ୍ଟ୍ରେଲିଆ ୧୦ ୱିକେଟରେ ଉକ୍ତ ମ୍ୟାଚ୍‌କୁ ଜିତିଥିଲା । ୧୧୩ ବର୍ଷ ପରେ ଉଭୟ ଦଳ ପୁଣି ଥରେ ଏହି ଗ୍ରାଉଣ୍ଡରେ ଭେଟାଭେଟି ହୋଇଛନ୍ତି । ଲର୍ଡ୍ସ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ମୋଟ ୪୦ଟି ଟେଷ୍ଟ ଖେଳିଛି । ଏଥିରୁ ଦଳ ୧୮ଟି ଜିତିଥିବାବେଳେ ୧୫ଟି ମ୍ୟାଚ୍ ଡ୍ର' ରହିଥିଲା ଓ ୭ଟି ମ୍ୟାଚ୍ ହାରିଥିଲା ।

ସେହିଭଳି ଲର୍ଡ୍ସରେ ଦ.ଆଫ୍ରିକା ୧୮ଟି ଟେଷ୍ଟ ମ୍ୟାଚ୍ ଖେଳିଛି । ଏଥିରୁ ୬ଟି ଜିତିଥିବାବେଳେ ୮ଟିରେ ପରାଜିତ ହୋଇଛି । ଅବଶିଷ୍ଟ ୪ଟି ମ୍ୟାଚ୍ ଡ୍ର' ରହିଛି । ଅଷ୍ଟ୍ରେଲିଆ ତୁଳନାରେ ଦ.ଆଫ୍ରିକା ଦଳ ଡବ୍ଲ୍ୟୁଟିସି ଫାଇନାଲରେ ଅଧିକ ସନ୍ତୁଳିତ ମନେହେଉଛି । ବୋଲର ସଠିକ୍ ଲାଇନ୍‌ଲେନ୍ଥରେ ବଲ୍ ପକାଇ ଅଷ୍ଟ୍ରେଲିଆକୁ ଘେରିବା ପାଇଁ ସଫଳ ହୋଇଛନ୍ତି । ପ୍ରଥମ ଦିନ ହିଁ ଏହାର ଝଲକ ଦେଖିବାକୁ ମିଳିଛି । ସୁସ୍କ ପିଚ୍‌ରେ ଦ୍ରୁତ ବୋଲର ଓ ସ୍ପିନର ଏହାର ଫାଇଦା ପାଇଛନ୍ତି । ତେଣୁ ଅଳ୍ପ ଅଭିଜ୍ଞତା ସତ୍ତ୍ୱେ ଦ.ଆଫ୍ରିକାର ପଲା ଭାରି ରହିବ ।

# ଶ୍ରାବଣୀଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡାମନ୍ତ୍ରୀ



ଭୁବନେଶ୍ୱର,୧୧।୬(ସବ୍ୟୁ): ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ୍- ୨୦୨୫ରେ ୪ଗୁଣା ୧୦୦ ରିଲେ ଦୌଡ଼ରେ ରୌପ୍ୟ ପଦକ ଅର୍ଜନ କରି ଆମ ଦେଶ ଓ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରାବଣୀ ନନ୍ଦଙ୍କୁ ୨.୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

ଶ୍ରାବଣୀଙ୍କ ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରାବଣୀଙ୍କ ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା ଜଗତରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରିତ କରିବ ବୋଲି ମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି ।

ପ୍ରକାଶଯୋଗ୍ୟ ଯେ,ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନସିପ-୨୦୨୫ରେ ଭାରତୀୟ ମହିଳା ଦଳ ୪ ଗୁଣା ୧୦୦ ରିଲେ ଦୌଡ଼ରେ ରୌପ୍ୟ ପଦକ ଅର୍ଜନ କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାହୀଙ୍କୁ ନେଇ ମଜାଦାର କଥା ସେୟାର କଲେ ଶାସ୍ତ୍ରୀ

ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଟିମ୍ ଇଣ୍ଡିଆର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ କେବଳ କ୍ରିକେଟ ନୁହେଁ ଭାଷ୍ୟକାର ହିସାବରେ ବି ସେ ସୁଖ୍ୟାତି ଅର୍ଜନ କରିଛନ୍ତି । ସେ ନିକଟରେ ମହେନ୍ଦ୍ର ସିଂ ଧୋନୀଙ୍କୁ ନେଇ ମଜାଦାର ଟିପ୍ପଣୀ ସେୟାର କରିଛନ୍ତି । ଧୋନୀଙ୍କୁ ପକେଟମାରଙ୍କ ସହ ତୁଳନା କରିଛନ୍ତି । ସେ ଏଭଳି କହିବାର କାରଣ ହେଉଛି ଧୋନୀଙ୍କ ସ୍ପିଡ୍ ଷ୍ଟମ୍ପିଂ।



ୱିକେଟ କିପର ଭାବେ ମାହିଙ୍କ ଦ୍ରୁତ ଷ୍ଟମ୍ପିଂ ଦକ୍ଷତାକୁ ସେ ବିଚକ୍ଷଣ ବୋଲି କହିଛନ୍ତି । ରବି କହିଛନ୍ତି ଧୋନୀ ୱିକେଟ୍ ପଛରେ ରହି ଏମିତି କାମ କରନ୍ତି ଯେ, ବ୍ୟାଟ୍ସମ୍ୟାନ୍ କେତେବେଳେ ଆଉଟ୍ ହୋଇଯାଏ, ସେ ନିଜେ ଜାଣିପାରନ୍ତିନାହିଁ। ଆଇସିସିର ଏକ ଇଭେଣ୍ଟରେ ରବି ଶାସ୍ତ୍ରୀ କହିଥିଲେ 'ଏମଏସ୍ ଧୋନୀଙ୍କ ହାତ ପକେଟମାରଙ୍କଠାରୁ ବି କ୍ଷୀପ୍ର । ଯଦି ଖେଳାଳି ଭାରତର କୌଣସି ବଡ଼ ମ୍ୟାଚ୍ ଖାସ କରି ଅହମ୍ମଦାବାଦରେ ଖେଳୁଥିଲେ ତେବେ ଧୋନୀଙ୍କୁ ନେଇ ସତର୍କ ରୁହନ୍ତୁ । ଧୋନୀ ବ୍ୟାଟ୍ସମ୍ୟାନଙ୍କ ପଛରେ ରହି ଏମିତି ଷ୍ଟମ୍ପିଂ କରିବେ ଯେ କେହି ଜାଣିପାରିବେନି । ତେବେ ରବି ଶାସ୍ତ୍ରୀଙ୍କ ଏହି ବୟାନ ଏବେ ସୋସିଆଲ୍ ମିଡିଆରେ ଖୁବ ଭାଇରାଲ୍ ହେଉଛି । ରବି କହିଛନ୍ତି ଯେ 'ଧୋନୀ ଶତକ ମାରନ୍ତୁ କି ଶୂନରେ ଆଉଟ୍ ହୁଅନ୍ତୁ ତାଙ୍କ ଚେହେରାର ଅବସ୍ଥା ସବୁବେଳେ ସମାନ ଥାଏ । ଏହି ଦକ୍ଷତା ହିଁ ତାଙ୍କୁ ଖାସ କରିଥାଏ ।

# ଇନଷ୍ଟାରେ ରୋନାଲ୍ଡୋଙ୍କୁ ଟପିଲେ କୋହଲି




ନୂଆଦିଲ୍ଲୀ,୧୧।୬(ଏଜେନ୍ସି): ଭାରତୀୟ କ୍ରିକେଟର ବିରାଟ କୋହଲି ଇନଷ୍ଟାଗ୍ରାମରେ ନୂଆ ରେକର୍ଡ କରିଛନ୍ତି । ପଡ଼ିଆରେ ତାଙ୍କ ବ୍ୟାଟିଂର ଚର୍ଚ୍ଚା ହେଉଥିବା ବେଳେ ଏବେ ସୋସିଆଲ ମିଡିଆରେ ମଧ୍ୟ ବିଶ୍ୱର ବଡ଼ ବଡ଼ ଷ୍ଟାରମାନଙ୍କୁ ପଛରେ ପକାଇ ଦେଉଥିବାର ଦେଖାଯାଉଛି । ଖାସ କରି ଇନଷ୍ଟାଗ୍ରାମ ପୋଷ୍ଟରେ ଲାଇକ୍ ଦୃଷ୍ଟିରୁ କୋହଲି କିମ୍ବଦନ୍ତୀ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ପଛରେ ପକାଇ ଦେଇଛନ୍ତି ।

୨୦୨୪ରେ ବିରାଟଙ୍କ ତିନୋଟି ଇନଷ୍ଟାଗ୍ରାମ ପୋଷ୍ଟକୁ ୨ କୋଟିରୁ ଅଧିକ ଅର୍ଥାତ୍ ୨୦ ମିଲିୟନ ଲୋକ ଲାଇକ୍ କରିଛନ୍ତି । କୋହଲି ଟି-୨୦ ବିଶ୍ୱକପ୍ ଜିତିବା ପରେ ତାଙ୍କ ଫଟୋ ସେୟାର କରିଥିଲେ । ଏହି ପୋଷ୍ଟକୁ ଏପର୍ଯ୍ୟନ୍ତ ୨୨ ମିଲିୟନରୁ ଅଧିକ ଲୋକ ଲାଇକ୍ କରିଛନ୍ତି ।

ସେ ମେ ୧ରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହିତ ଦ୍ୱିତୀୟ ଫଟୋ ପୋଷ୍ଟ କରିଥିଲେ । ଏହି ଫଟୋ ମଧ୍ୟ ୨୦ ମିଲିୟନ ଅତିକ୍ରମ କରିଛି । ସେହିପରି ତୃତୀୟ ପୋଷ୍ଟଟି ଆରସିବିର ଐତିହାସିକ ବିଜୟର ଥିଲା । ଏହାକୁ ମଧ୍ୟ ୨୦ ମିଲିୟନରୁ ଅଧିକ ଫ୍ୟାନ୍ସଙ୍କ ଲାଇକ୍ ମିଳିଛି । ଏସବୁ ଦୃଷ୍ଟିରୁ କୋହଲି ଫୁଟବଲ କିମ୍ବଦନ୍ତୀ ରୋନାଲ୍ଡୋଙ୍କୁ ପଛରେ କୋହଲି ଢ଼େର ଲୋକପ୍ରିୟ ହୋଇପାରିଛନ୍ତି ।

# ଖୋର୍ଦ୍ଧା ଜିଲ୍ଲା ଟେନିସ୍ ଆସୋସିଏସନ୍ ଏଜିଏମ୍ : ମଧୁସୂଦନ ସଭାପତି, ଅଶିତ ସମ୍ପାଦକ

ଭୁବନେଶ୍ୱର,୧୧।୬(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟେନିସ୍ ଆସୋସିଏସନ୍ (କେଡିଟିଏ)ର ବାର୍ଷିକ ସାଧାରଣ ଅଧିବେଶନ(ଏଜିଏମ୍)ଅନୁଷ୍ଠିତ ହୋଇଯାଇଛି । ସ ସଭାପତି ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର କର୍ମକର୍ତ୍ତା ମନୋନୀତ ହୋଇଛନ୍ତି ।

ପୂର୍ବପରି ମଧୁସୂଦନ ପାଢ଼ି ସଭାପତି ପଦ ଅଳଙ୍କୃତ କରିଥିବା ବେଳେ ଅଶିତ ପ୍ରଧାନ ସମ୍ପାଦକ ଭାବେ ପଦ ବଜାୟ ରଖିଛନ୍ତି । ଅଶିତ ତ୍ରିପାଠୀ ଓ ପିକେ ମିଶ୍ର ପାଟ୍ରୋନ୍ସ, ଦାମୋଦର ରାଉତ କାର୍ଯ୍ୟକାରୀ ସଭାପତି, ଦୁଷ୍ମନ୍ତ ଟୁଙ୍ଗା, ନବ ଦାସ, ମାନସ ଦାସ ଉପ ସଭାପତି, ରାଜପାଲ ସିଂ କୋଷାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଦିବ୍ୟଲୋକ ପଟ୍ଟନାୟକ, ତନ୍ମୟ ମିଶ୍ର, ସଞ୍ଜୀବ ଦାସ, ସମ୍ବିତ ପଟ୍ଟନାୟକ, ରାଜେଶ କାନୁନଗୋ, ସ୍ୱରୂପ ମହାପାତ୍ର, ପିକେ ପ୍ରଧାନ, ଜୀଶାନ୍ ଅଲ୍ଲୀ ତଥା ମ୍ୟାନେଜର ଭାବେ ପ୍ରକାଶ ପଟ୍ଟନାୟକ ଦାୟିତ୍ୱରେ ରହିବେ ।



# ଫ୍ରେଣ୍ଡସିପ କ୍ରିକେଟ : ରାଣୀଭୂଇଁ, ବିଜୟୀ

ଗଣିଆ, ୧୧।୬ (ସବ୍ୟୁ) : ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ ବଡ଼ମୂଳ ପ୍ରଗଣାରେ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟ ଓ ଛାମୁଣ୍ଡିଆ ଏସବିଆଇ ଆମ ବ୍ୟାଙ୍କ୍ ଏବଂ ସମାଜସେବୀ ଗଣେଶ୍ୱର ସାମଲଙ୍କ ଦ୍ୱାରା ଆୟୋଜିତ ହେଉଥିବା ଫ୍ରେଣ୍ଡସିପ କ୍ରିକେଟ କ୍ଲବ ତରଫରୁ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ-୨ ବେଠିଆସାହି ମହାନଦୀ ଖେଳ ପଡିଆରେ ଶେଷ କ୍ୱାଲିଫାଏ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ମ୍ୟାଚରେ ଏମପିସିସି ସାକେଣି ବନାମ ଏମଡିସିସି ଡଙ୍କାରୀସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସାକେଣି ବ୍ୟାଟିଂ କରି ୧୦୨ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ଡଙ୍କାରିସାହି ୧୦୪ ରନ କରି ୭ ୱିକେଟରେ ବିଜୟୀ ହୋଇ ସେମି ଫାଇନାଲରେ ସ୍ଥାନ ପକ୍କା କରିଛି । ମୁଖ୍ୟଅତିଥି ଭାବେ ବିବେକାନନ୍ଦ ମହାପାତ୍ର ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମନୋରଞ୍ଜନ ବେହେରା ଓ ଭୀମସେନ ମଳିକ ଯୋଗ ଦେଇଥିଲେ । ରାଜା ମ୍ୟାଚରେ ସର୍ବାଧିକ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ ।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଏମଏସସିସି ଢ଼ିପିସାହି ବନାମ ଓ ଏମପିସିସି ରାଣୀଭୂଇଁ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ରାଣୀଭୂଇଁ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୮ଓଭରରେ ୧୦୧ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ଢ଼ିପିସାହି ନିର୍ଦ୍ଧାରିତ ୮ ଓଭରରେ ୪୮ ରନ କରିବାରେ ସକ୍ଷମ ହୋଇଥିଲା । ରାଣୀଭୂଇଁ ୫୪ ରନରେ ବିଜୟୀ ହେବା ସହ ସେମିଫାଇନାଲରେ ନିଜର ସ୍ଥାନ ବଜାୟ ରଖିଛି । ମୁଖ୍ୟଅତିଥି ଭାବେ ବ୍ରଜସୁନ୍ଦର ବେହେରା ଯୋଗ ଦେଇଥିଲେ । ବୁଧବାର ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସୁଦର୍ଶନ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ସରୋଜ କୁମାର ରଣା, ସିଲୁ ଖେଳ ପରିଚାଳନା କରିଥିଲେ ।



# ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ : କଣ୍ଟିଲୋ ଚାମ୍ପିଅନ

ଭାପୁର, ୧୧।୬ (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ଭଲିବଲ ଆସୋସିଏସନ୍ ତରଫରୁ ଆୟୋଜିତ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ କଣ୍ଟିଲୋ ଦଳ ମାଧପୁର ଭଲିବଲ ଟିମକୁ ହରାଇ ଚାମ୍ପିଅନ ହୋଇଛି । ମାଧପୁର ଭଲିବଲ ଆସୋସିଏସନ୍ ଦ୍ୱାରା ଆୟୋଜିତ ଏହି ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ । ଖେଳ ପରିଚାଳନା କରିଥିଲେ ବଡବାଣପୁରର ଖେଳ ଶିକ୍ଷକ ସୁବାଷ ଚନ୍ଦ୍ର ବେହେରା ଓ ବାଘୁଆପଲ୍ଲୀ ବିଦ୍ୟାଳୟର ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ପ୍ରଧାନ । ଉକ୍ତ ମ୍ୟାଚରେ ମୁଖ୍ୟଅତିଥି ଭାବରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଶିବାନୀ ଦାଶ, ଅବସରପ୍ରାପ୍ତ ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ପୂର୍ବତନ ସରପଞ୍ଚ ତ୍ରିନାଥ ମୁଦୁଲି, ସମାଜସେବୀ ଦେବୀ ପ୍ରସାଦ ଦାଶ, ଶିକ୍ଷକ ଅର୍ଜୁନ ବେହେରା ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଖେଳ ଶେଷରେ ଅତିଥିମାନେ କଣ୍ଟିଲୋ ଦଳକୁ ଚାମ୍ପିଅନ ଟ୍ରଫି ସହ ନଗଦ ୧୫ଶହ ଟଙ୍କା ଓ ମାଧପୁର ଦଳକୁ ରନର୍ସ ଟ୍ରଫି ସହ ୧ ହଜାର ଟଙ୍କା ପ୍ରଦାନ କରିଥିବା ମାଧପୁର ଯୁବକ ସଂଘ ତରଫରୁ ସୂଚନା ମିଳିଛି ।




## ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି